ବର୍ଷ-୨୫, ସଂଖ୍ୟା-୩୩୩
ଭୁବନେଶ୍ୱର
୧୩, ଡିସେମ୍ବର, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 333
Bhubaneswar
13, December, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଛୁମନ୍ତର ଛାଡ଼ିଲେ ଅନନ୍ୟା

# ସ୍କୁବା କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୧୨।୧୨(ମହାଭାରତ): ଓଡ଼ିଶାର ଉପକୂଳ ସୁରକ୍ଷା, ଜଳ ଦକ୍ଷତା (ୱାଟରମ୍ୟାନସିପ୍) ଏବଂ ଜରୁରୀକାଳୀନ ପ୍ରତିକ୍ରିୟା କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏକ ବଡ଼ ମାଇଲଖୁଂଟ ସ୍ଥାପନ କରି, ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋଣାର୍କ ନିକଟସ୍ଥ ରାମଚଣ୍ଡୀଠାରେ ଓଡ଼ିଶା ୱାଟରମ୍ୟାନସିପ୍ ଏବଂ ଲାଇଫଗାର୍ଡ ପ୍ରତିଷ୍ଠାନ ଉଦ୍‌ଘାଟନ କରିଛନ୍ତି ।

ଏହି ଅବସରରେ ରାଜ୍ୟରେ ଉନ୍ନତ ଅଣ୍ଡରୱାଟର ଉଦ୍ଧାର ତାଲିମକୁ ବ୍ୟାପକ କରିବା ପାଇଁ ପରିକଳ୍ପିତ ଅତ୍ୟାଧୁନିକ ସ୍କୁବା କମ୍ପ୍ଲେକ୍ସର ଭିତିପ୍ରସ୍ତର ମଧ୍ୟ ସ୍ଥାପନ କରାଯାଇଥିଲା। ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ମଧ୍ୟରେ ବୁଝାମଣା ପତ୍ର ମଧ୍ୟ ସ୍ୱାକ୍ଷର ହୋଇଥିଲା ।

ଓଡ଼ିଶା ପର୍ଯ୍ୟଟନ, ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ଏବଂ ଏନଆଇଡବ୍ଲୁଏସ୍ ଗୋଆ ମଧ୍ୟରେ ଜଳ କ୍ରୀଡ଼ା ସୁରକ୍ଷା ମାନକ ବିକଶିତ କରିବା, ବୃତ୍ତିଗତ ଲାଇଫଗାର୍ଡ ତାଲିମ ପରିଚାଳନା କରିବା, କ୍ଷମତା ବୃଦ୍ଧି କରିବା ଏବଂ ରାଜ୍ୟରେ ଦୁଃସାହସିକ ଓ ଉପକୂଳ ପର୍ଯ୍ୟଟନର ପରିସରକୁ ବୃଦ୍ଧି କରିବା ପାଇଁ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବାର ତାଲିମ ପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର ଓ ଜୀବନ ରକ୍ଷା କୌଶଳ, ଏବଂ ଉପକୂଳବର୍ତ୍ତୀ ଜରୁରୀକାଳୀନ ପ୍ରସ୍ତୁତି ଉପରେ ଆଧାରିତ ଏକ ଚମତ୍କାର ୱାଟରମ୍ୟାନସିପ୍ ସୋ ପ୍ରଦର୍ଶନ କରାଯାଇଥିଲା।ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ନିଜ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ରଚିତ କାଳଜୟୀ କବିତା 'ରାମଚଣ୍ଡୀରେ ସନ୍ଧ୍ୟା' ବିଷୟ ଉଲ୍ଲେଖ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଳ ସୁରକ୍ଷା, ଲାଇଫ ଗାର୍ଡ ତାଲିମ ଏବଂ ଉପକୂଳବର୍ତ୍ତୀ ସହନଶୀଳତା ପାଇଁ ଓଏସଡବ୍ଲୁଏଲଆଇ ପ୍ରତିଷ୍ଠାନ ଏକ ଉତ୍ସର୍ଗୀକୃତ ଜାତୀୟ ତଥା ଅନ୍ତର୍ଜାତୀୟ କେନ୍ଦ୍ର ଭାବରେ ଉଭା ହେବ ଏବଂ ପ୍ରାକୃତିକ ବିପର୍ଯ୍ୟୟ ତଥା ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହେଉଥିବା ବର୍ଦ୍ଧିତ ବିପଦକୁ ମୁକାବିଲା କରିବା ପାଇଁ ଓଡ଼ିଶାର କ୍ଷମତାକୁ ବୃଦ୍ଧି କରିବ।





ସେ ଗୁରୁତ୍ୱ ଦେଇ କହିଥିଲେ ଯେ ସରକାର ଅଗ୍ନିଶମ ସେବାକୁ ସୁଦୃଢ଼ କରିବା, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାରେ ଉନ୍ନତି ଆଣିବା ଏବଂ ଅଧିକାରୀ ତଥା ଯୁବକମାନଙ୍କ ପାଇଁ ତାଲିମ ସୁଯୋଗକୁ ବଢ଼ାଇବା ପାଇଁ ପ୍ରତିବଦ୍ଧ ଅଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାର ଅଗ୍ନିଶମ ବିଭାଗ ନେତୃତ୍ୱାଧୀନ ବିପର୍ଯ୍ୟୟ ପ୍ରଶମନ ବ୍ୟବସ୍ଥା ଗତ କିଛି ବର୍ଷ ମଧ୍ୟରେ ସାରା ଦେଶରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଛି। ଗତ ଦେଢ ବର୍ଷ ମଧ୍ୟରେ ଆମ ସରକାର ଅମଳରେ ଦୁଇଟି ବୃହତ୍ ସାମୁଦ୍ରିକ ବାତ୍ୟାର ସମ୍ମୁଖୀନ ହୋଇଥିଲେ। କିନ୍ତୁ, ଆମେ ତାହାର ସଫଳ ମୁକାବିଲା କରିବାରେ ସମର୍ଥ ହୋଇଛୁ। ଆଜି ଏଠାରେ ଯେଉଁ ପ୍ରଶିକ୍ଷଣ କେନ୍ଦ୍ରଟି ଆରମ୍ଭ ହୋଇଛି ତାହା ଦେଶର ଅଗ୍ନିଶମ ବାହିନୀ, କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ, ଏନ.ଡି.ଆର.ଏଫ୍ ଓ ବିଭିନ୍ନ ରାଜ୍ୟରେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାମରେ ନିଯୁକ୍ତ ପୋଲିସ, ଗୃହରକ୍ଷୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଶିକ୍ଷଣ ଦେବ । ନୌସେନା ବାହାରେ, ଏ କ୍ଷେତ୍ରରେ ଏହା ଦେଶର ପ୍ରଥମ ପ୍ରତିଷ୍ଠାନ । ତେଣୁ ଏହାକୁ ଆମେ ଏକ ଜାତୀୟ ସ୍ତରର ପ୍ରଶିକ୍ଷଣ କେନ୍ଦ୍ର ଭାବେ କହିଲେ ଅତ୍ୟୁକ୍ତି ହେବ ନାହିଁ। ବୋଲି ସେ କହିଥିଲେ।

ଆମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଯେଉଁ ଉତ୍କର୍ଷ ହାସଲ କରିଛି ତାହାକୁ ବ୍ୟବହାର କରି ଆମେ ଅନ୍ୟ ରାଜ୍ୟ ଓ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀଙ୍କୁ ଏହି ପ୍ରତିଷ୍ଠାନ ମାଧ୍ୟମରେ ପ୍ରଶିକ୍ଷଣ ଦେବୁ। ଏହି ପ୍ରତିଷ୍ଠାନର ମୂଳ ଉଦ୍ଦେଶ୍ୟ ହେଲା, ବିଭିନ୍ନ ବିପର୍ଯ୍ୟୟରେ ଧନ ଜୀବନ ବଞ୍ଚାଇବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ ୧୨ କୋଟି ଟଙ୍କା ଖର୍ଚ୍ଚରେ ଏହି 'ସନ୍ତରଣ ଶିକ୍ଷା ଓ ଲାଇଫ୍ ଗାର୍ଡ' ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହୋଇଛି । ଚଳିତ ବଜେଟରେ ବୁଡାଳୀ ପ୍ରଶିକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ ଆଉ ଅଧିକ ୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହା ମାଧ୍ୟମରେ ଆଜି ଏହି ବୁଡାଳୀ ପ୍ରଶିକ୍ଷଣ କେନ୍ଦ୍ର ପାଇଁ ଭିତ୍ତି ପ୍ରସ୍ତର ଦିଆଗଲା। ଏହି ନୂଆ ପ୍ରକଳ୍ପର କାମ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶା ପୋଲିସ ହାଉସିଂ କର୍ପୋରେସନକୁ ନିର୍ଦ୍ଦେଶ ଦେଇଥିଲେ ।

କାର୍ଯ୍ୟକ୍ରମରେ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବାର ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୋଲିସ୍ ହାଉସିଙ୍ଗ୍ କରପୋରେସନ୍‌ର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ ଧନ୍ୟବାଦ ଦେଇଥିଲେ।

## ଜନଗଣନା ପାଇଁ ୧୧,୭୧୮ କୋଟିର ବଜେଟ

ନୂଆଦିଲ୍ଲୀ, ୧୨।୧୨(ମହାଭାରତ): ୨୦୨୭ର ଜନଗଣନା ପାଇଁ କେନ୍ଦ୍ର ସରକାରଙ୍କ ବଡ ପଦକ୍ଷେପ। ଜନଗଣନା ପାଇଁ କେନ୍ଦ୍ରୀୟ କ୍ୟାବିନେଟ୍ ୧୧ ହଜାର ୭୧୮ କୋଟିର ବଜେଟକୁ ମଞ୍ଜୁରୀ ଦିଆଯାଇଛି। ପ୍ରଥମ ସମଗ୍ର ଦେଶରେ ଡିଜିଟାଲ୍ ଜରିଆରେ ଜନଗଣନା କରାଯିବ। ଏଥିପାଇଁ ୩୦ ଲକ୍ଷ କର୍ମଚାରୀ ନିୟୋଜିତ ହେବେ। ଏନେଇ ଶୁକ୍ରବାର ସୂଚନା ଦେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।ସେ କହିଛନ୍ତି, ୨୦୨୭ ଜନଗଣନା ପ୍ରଥମ ଥର ଡିଜିଟାଲ ଜନଗଣନା ହେବ। ଜନଗଣନାର ଡିଜିଟାଲ ଡିଜାଇନ୍ ତଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଜନଗଣନା ଦୁଇଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଘର ତାଲିକା ଏବଂ ଗୃହ ଗଣନା ଏପ୍ରିଲ ୧ ରୁ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟରେ ଫେବୃଆରୀ ୨୦୨୭ ରେ ଜନଗଣନା ହେବ।

କେନ୍ଦ୍ର ମନ୍ତ୍ରୀ ଏହା ମଧ୍ୟ କହିଛନ୍ତି, ପ୍ରଥମ ଥର ପାଇଁ, ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରି ଡିଜିଟାଲ ଭାବରେ ଜନଗଣନା କରାଯିବ। ଏହି ଆବେଦନ ହିନ୍ଦୀ, ଇଂରାଜୀ ଏବଂ ଆଞ୍ଚଳିକ ଭାଷାରେ ଉପଲବ୍ଧ ହେବ। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, 'ଜନଗଣନା ସମ୍ପର୍କରେ ଏକ ଗେଜେଟ୍ ବିଜ୍ଞପ୍ତି ଜାରି କରାଯିବ। ଏହା ଜାତି ଏବଂ ଅନ୍ୟାନ୍ୟ ସୂଚନା ବିଷୟରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବ। ଜନଗଣନା ପାଇଁ ତଥ୍ୟ ସୁରକ୍ଷା ସମ୍ପର୍କରେ ବହୁତ ପଦକ୍ଷେପ ନିଆଯାଇଛି। ଜାତି ପ୍ରକାଶ କରିବା ବାଧ୍ୟତାମୂଳକ ନୁହେଁ; ଯଦି କେହି ଚାହିଁବେ ତେବେ ବାଦ୍ ଦେଇପାରିବେ। କେବଳ ସଂଗୃହିତ ତଥ୍ୟ ପ୍ରକାଶିତ ହେବ।

## ଯବାନଙ୍କ ଆତ୍ମହତ୍ୟା

ନୂଆପଡ଼ା, ୧୨।୧୨(ମହାଭାରତ): ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟ ଭିତରେ ଥିବା ଠିକୁନପାଣି ସିଆରପିଏଫ୍ କ୍ୟାମ୍ପରେ ଅଭାବନୀୟ ଘଟଣା ଘଟିଛି। ନିଜ ସର୍ଭିସ ବନ୍ଧୁକରୁ ଗୁଳିକରି ଜଣେ ଯବାନ ଆତ୍ମହତ୍ୟା କରିଛନ୍ତି । ସେ ହେଲେ ୨୧୬ ବାଟାଲିୟନରେ କାର୍ଯ୍ୟ କରୁଥିବା ଖଡିଆଳ ଥାନା ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁର ଗୋପୀନାଥ ଶବର । ସୂଚନା ଅନୁଯାୟୀ ପୂର୍ବାହ୍ନ ୧୧ଟା ସମୟରେ ହଠାତ୍ ଗୋପୀନାଥ ନିଜ ଏକେ ୪୭ ବନ୍ଧୁକରୁ ଗୁଳି କରି ଆତ୍ମହତ୍ୟା କରିଥିବା ସୂଚନା ମିଳିଛି।ହେଲେ ସେ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ଅସ୍ପଷ୍ଟ ରହିଛି ।

## ମେରାଇନ ଡ୍ରାଇଭ୍‌ରେ ଇକୋ ରିଟ୍ରିଟ



ଭୁବନେଶ୍ୱର, ୧୨।୧୨(ମହାଭାରତ): ଚଳିତବର୍ଷ ପାଇଁ ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ମୁଖ୍ୟରାସ୍ତା ନିକଟ ରାମଚଣ୍ଡୀ ମୁହାଁଣ ନିକଟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହୋଇଛି ୭ମ ଇକୋ-ରିଟ୍ରିଟ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଉତ୍ସବକୁ ଉଦ୍‌ଘାଟନ କରି କହିଛନ୍ତି ଯେ, ପର୍ଯ୍ୟଟନ ପାଇଁ ରାଜ୍ୟ ସରକାର ଯେତେପ୍ରକାର ପଦକ୍ଷେପ ନେଉଛନ୍ତି, ତନ୍ମଧ୍ୟରୁ ଇକୋ-ରିଟ୍ରିଟ୍ ସବୁଠାରୁ ଆକର୍ଷଣୀୟ ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଆଗାମୀ ଦିନ ଗୁଡିକରେ ଓଡ଼ିଶାର ବିଭିନ୍ନ ପ୍ରସିଦ୍ଧ ପର୍ଯ୍ୟଟନ ଅଂଚଳମାନଙ୍କରେ ହେଉଥିବା ଇକୋ-ରିଟ୍ରିଟ୍ ସ୍ଥାନରେ ରାଜ୍ୟ ସରକାରଙ୍କର କ୍ୟାବିନେଟ ବୈଠକ ଓ ମନ୍ତ୍ରୀ ମଣ୍ଡଳ ବୈଠକ ମଧ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ଓଡ଼ିଶାର ପର୍ଯ୍ୟଟନ ବିଭାଗ ପକ୍ଷରୁ କରାଯାଉଥିବା ପରିବେଶଭିତ୍ତିକ ଏହି ଇକୋ-ରିଟ୍ରିଟ ସାରା ଭାରତବର୍ଷରେ ସୁନାମ ଅର୍ଜନ କରିବା ସହିତ ସଫଳତା ହାସଲ କରିପାରିଛି ଭାରତବର୍ଷରେ ଓଡ଼ିଶା ଇକୋ-ରିଟ୍ରିଟ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ ଭାବେ ଅନ୍ୟ ରାଜ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ଖୋର୍ଦ୍ଧା-ବଲାଙ୍ଗିର ରେଳପଥରେ ୨୨୬ କି.ମି ଟ୍ରେନ୍ ଚଳାଚଳ ଜାରି : ରେଳ ମନ୍ତ୍ରୀ

ନୂଆଦିଲ୍ଲୀ।୧୨।୧୨(ପିଆଇବି): ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ମୋଟ୍ ଦୂରତା ୩୦୧ କିଲୋମିଟର ହୋଇଥିବା ବେଳେ ନଭେମ୍ବର ୨୦୨୫ ସୁଦ୍ଧା ଏଥିମଧ୍ୟରୁ ୨୨୬ କିଲୋମିଟର ରେଳ ଲାଇନରେ ଟ୍ରେନ ଚଳାଚଳ ଆରମ୍ଭ କରିଛି। ଆଜି ରାଜ୍ୟସଭାରେ ଓଡ଼ିଶାରେ ରେଳ ବିକାଶ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରେଳ ମନ୍ତ୍ରୀଙ୍କ ସୂଚନା ମୁତାବକ, ୫,୦୮୯ କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ କାମ ଦ୍ରୁତ ଗତିରେ ଜାରି ରହିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ଏହି ପ୍ରକଳ୍ପରେ ୪,୩୧୧ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଏହି ପ୍ରକଳ୍ପ ପାଇଁ ମୋଟ୍ ଆବଶ୍ୟକ ୩୨୭୪.୪୧ ଜମି ମଧ୍ୟରୁ ୩୧୫୮.୧୦ ହେକ୍ଟର ଜମି ଅଧିଗ୍ରହଣ ଶେଷ ହୋଇଛି। ୨୨୬ କିଲୋମିଟର ଲମ୍ବ ଏହି ପ୍ରକଳ୍ପ ମଧ୍ୟରୁ ଖୋର୍ଦ୍ଧା ପଟରୁ ଖୋର୍ଦ୍ଧା ରୋଡ-ଦଶପଲ୍ଲା ୧୦୬ କିଲୋମିଟର ଏବଂ ବଲାଙ୍ଗିର ପଟୁ ବଲାଙ୍ଗିରରୁ ପୁରୁଣା କଟକ ପର୍ଯ୍ୟନ୍ତ ୧୨୦ କିଲୋମିଟର ରେଳ ମାର୍ଗରେ ରେଳ ଚଳାଚଳ ଆରମ୍ଭ କରିସାରିଛି ବୋଲି ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି । ଅବଶିଷ୍ଟ କାମ ଜାରି ରହିଛି।

କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଝାରସୁଗୁଡ଼ା-ସମ୍ବଲପୁର-ଅନୁଗୁଳ ଏବଂ ଭୁବନେଶ୍ୱର-ପୁରୀ କ୍ଷେତ୍ରରେ ରେଳ ଯୋଗାଯୋଗରେ ସୁଧାର ଲାଗି ତାଳଚେର-ବିମଳାଗଡ଼ ନୂଆ ଲାଇନ୍ (୧୫୦ କିମି), ଜରପଡ଼ା-ବୁଢ଼ାପଙ୍କ ତୃତୀୟ ଏବଂ ଚତୁର୍ଥ ଲାଇନ (୧୦୧ କିମି), ଝାରସୁଗୁଡ଼ା-ବିଳାସପୁର ଚତୁର୍ଥ ଲାଇନ (୨୦୬ କିମି), ସମ୍ବଲପୁର-ଜରପଡ଼ା ତୃତୀୟ ଏବଂ ଚତୁର୍ଥ ଲାଇନ୍ (୧୨୭ କିମି), ନିର୍ଗୁଣ୍ଡି-ବିଜୟନଗରମ ତୃତୀୟ ଲାଇନ (୩୮୫କିମି) ସମେତ ମୋଟ୍ ୧୪ଟି ରେଳ ଲାଇନ ପ୍ରକଳ୍ପ, ଫ୍ଲାଇଓଭର ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି।

ଶ୍ରୀ ବୈଷ୍ଣବ କହିଛନ୍ତି, ତାଳଚେର-ବିମଳାଗଡ଼ (୧୫୦ କିଲୋମିଟର) ନୂତନ ରେଳପଥ ଏକ ଅନୁମୋଦିତ ପ୍ରକଳ୍ପ ପ୍ରକଳ୍ପର ମୂଲ୍ୟ ୧,୯୨୮ କୋଟି ଟଙ୍କା ହୋଇଥିବା ବେଳେ ମାର୍ଚ୍ଚ ୨୦୨୫ ସୁଦ୍ଧା ଏଥିପାଇଁ ୧୬୪୬ ଟଙ୍କା କୋଟି ଖର୍ଚ୍ଚ ହୋଇଛି। ବର୍ତ୍ତମାନ ସୁଦ୍ଧା, ମୋଟ ଆବଶ୍ୟକ ୮୫୮.୬୪ ହେକ୍ଟର ଜମି କ୍ଷେତ୍ରଫଳରୁ ୭୫୧.୫୭ ହେକ୍ଟର ଜମି ଅଧିଗ୍ରହଣ କରାଯାଇଛି। ଉପଲବ୍ଧ ଜମିରେ ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ନଭେମ୍ବର ୨୦୨୫ ସୁଦ୍ଧା ୩୪ କିଲୋମିଟର ସେକ୍ସନ (ତାଳଚେର-ପାରାବିଲ) କାର୍ଯ୍ୟକ୍ଷମ କରାଯାଇଛି। ଅବଶିଷ୍ଟ ସେକ୍ସନଗୁଡ଼ିକର କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି।



୨୦୦୯ରୁ ୨୦୧୪ ମଧ୍ୟରେ ଓଡ଼ିଶାକୁ ମାତ୍ର ୮୩୮ କୋଟି ଟଙ୍କାର ରେଳ ବଜେଟ୍ ଆବଣ୍ଟନ ହୋଇଥିଲା। ଅନ୍ୟପଟେ କେବଳ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟକୁ ଏହାର ୧୩ ଗୁଣ ଅର୍ଥାତ ୧୦,୫୯୯ କୋଟି ଟଙ୍କାର ରେଳ ବଜେଟ୍ ଦିଆଯାଇଛି। ରେଳ ମନ୍ତ୍ରୀ ଆଜି ରାଜ୍ୟସଭାରେ ସୂଚନା ଦେଇ କହିଛନ୍ତି, ନୂଆ। ରେଳ ଟ୍ରାକ୍ ନିର୍ମାଣ ମଧ୍ୟ ବାର୍ଷିକ ହାରାହାରୀ ସାଢ଼େ ତିନି ଗୁଣ ବୃଦ୍ଧି ପାଇଛି। ୨୦୦୯-୧୪ ମଧ୍ୟରେ ୨୬୭ କିଲୋମିଟର ନୂଆ। ରେଳ ଟ୍ରାକ୍ ନିର୍ମାଣ କରାଯାଇଥିଲା, ଅର୍ଥାତ ବାର୍ଷିକ ହାରାହାରୀ ୫୩.୪ ରେଳ ଲାଇନ୍ ବିଛା ହେଉଥିଲା ।ଏହା ତୁଳନାରେ ୨୦୧୪-୨୫ ମଧ୍ୟରେ ବାର୍ଷିକ ହାରାହାରୀ ୧୯୫.୪୫ ନୂଆ ରେଳ ଲାଇନ୍ ନିର୍ମାଣ କରାଯାଇଥିବା ବେଳେ ଏହି ଅବଧି ମଧ୍ୟରେ ମୋଟ୍ ୨,୧୫୦ କିମି ରେଳ ଲାଇନ୍ ବିଛା ହୋଇଛି।

ଏପ୍ରିଲ ୨୦୨୫ ସୁଦ୍ଧା ୧୯ଟି ନୂଆ। ଲାଇନ ଏବଂ ୩୦ଟି ଦୋହରୀକରଣ ପ୍ରକଳ୍ପ ସମେତ ଓଡ଼ିଶାରେ ସମ୍ପୂର୍ଣ୍ଣ ଏବଂ ଆଂଶିକ ଭାବେ ୪୯ଟି ରେଳ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଏଥିପାଇଁ ୬୭ ହଜାର ୪୯୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ ମାର୍ଚ୍ଚ ୨୦୨୫ ସୁଦ୍ଧା ୧୪୨୯ କିଲୋମିଟର ରେଳ ମାର୍ଗ କାର୍ଯ୍ୟକ୍ଷମ ହୋଇସାରିଥିବା ବେଳେ ୨୮,୦୪୩ ଟଙ୍କା ଖର୍ଚ୍ଚ ହୋଇଛି।ଉକ୍ତ ଅବଧି ସୁଦ୍ଧା ମୋଟ୍ ୧୧ଟି ରେଳ ଲାଇନ୍ କାମ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଛି ଏହାବ୍ୟତୀତ ୧୭ଟି ରେଳ ଲାଇନ୍ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ୨୦୨୨-୨୩ରୁ ୨୦୨୫-୨୬ ମଧ୍ୟରେ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ଦେଇ ଯାଉଥିବା ୭୬ଟି ରେଳ ପ୍ରକଳ୍ପ ପାଇଁ ସର୍ଭେ ହୋଇଛି ଏଥିରେ ୩୦ଟି ନୂଆ ଲାଇନ ଏବଂ ୪୬ଟି ଦୋହରୀକରଣ ପ୍ରକଳ୍ପ ସାମିଲ ରହିଛି।

କେନ୍ଦ୍ର ରେଳ ମନ୍ତ୍ରୀ ଆହୁରି ସୂଚନା ଦେଇଛନ୍ତି, ଓଡ଼ିଶା, ଝାରସୁଗୁଡା-ସମ୍ବଲପୁର-ଅନୁଗୁଳ ଏବଂ ଭୁବନେଶ୍ୱର-ପୁରୀ ସମେତ ସମସ୍ତ ବ୍ରଡଗଜ୍ ନେଟୱାର୍କକୁ ବିଦ୍ୟୁତୀକରଣ କରାଯାଇଛି। ଏହାବ୍ୟତୀତ, ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ଏବଂ ତାଳଚେର-ବିମଳାଗଡ଼ ସମେତ ସମସ୍ତ ନୂତନ ଲାଇନ / ରେଳ ଲାଇନ ଦୋହରୀକରଣ ପ୍ରକଳ୍ପକୁ ବିଦ୍ୟୁତୀକରଣ ସହିତ ମଞ୍ଜୁର ଏବଂ ନିର୍ମାଣ କରାଯାଉଛି ।ଭାରତୀୟ ରେଳବାଇ ଅଧିକ ମାଲ୍ ପରିବହନ ଲାଗି ଦେଶରେ ୧୨୦ଟି ଗତି-ଶକ୍ତି ବହୁମୁଖି କାର୍ଗୋ ଟର୍ମିନାଲ କାର୍ଯ୍ୟକ୍ଷମ କରିଥିବା ବେଳେ ୧୩୩ଟି ସ୍ଥାନରେ ଏଭଳି ଟର୍ମିନାଲ ନିର୍ମାଣ ଜାରି ରଖିଛି ଓଡ଼ିଶାର ୧୦ଟି ସ୍ଥାନରେ ଗତିଶକ୍ତି ଟର୍ମିନାଲ କାର୍ଯ୍ୟକ୍ଷମ ହୋଇଛି ଆହୁରି ୭ଟି ସ୍ଥାନରେ ଗତିଶକ୍ତି ଟର୍ମିନାଲ ନିର୍ମାଣକୁ ଅନୁମୋଦନ କରାଯାଇଛି ।

## ରାଜ୍ୟରେ ଦୁଇ ସେମିକଣ୍ଡକ୍ଟର ୟୁନିଟ୍‌କୁ ମଞ୍ଜୁରୀ

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ଓଡ଼ିଶାରେ ଇଲେକ୍ଟ୍ରୋନିକ୍ସ, ଆଇଟି, ସେମିକଣ୍ଡକ୍ଟର, ଡିଜିଟାଲ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ କେନ୍ଦ୍ର ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରିଥିବା କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ରାଜ୍ୟସଭାରେ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ୪ ହଜାର ୯ କୋଟି ଟଙ୍କାରୁ ଅଧିକ ବ୍ୟୟରେ ଦୁଇଟି ସେମିକଣ୍ଡକ୍ଟର ନିର୍ମାଣ ୟୁନିଟ୍ ଖୋଲିବାକୁ ମଞ୍ଜୁରି ମିଳିଛି ଏହି କାରଖାନାରୁ ଉତ୍ପାଦିତ ଚିପ୍ ଗୁଡ଼ିକ ଅଟୋମୋବାଇଲ, ଏରୋସ୍ପେସ୍, ପ୍ରତିରକ୍ଷା, ରେଳେସ୍ ଉପକରଣ, ବୈଦ୍ୟୁତିକ ବାହନ, ଡାଟା ସେଣ୍ଟର, ଇଲେକ୍ଟ୍ରୋନିକ୍ସ ଉପକରଣ ଆଦିରେ ବ୍ୟବହୃତ ହେବ ଏହାଛଡ଼ା ଚିପ୍ ଟୁ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ର ସରକାର ଓଡ଼ିଶାର ୧୧ଟି ବିଶ୍ୱବିଦ୍ୟାଳୟକୁ ମାଗଣା ଡିଜାଇନ୍ ଟୁଲ୍ ଯୋଗାଇ ଦେଇଛନ୍ତି

ଶ୍ରୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ଏକ ନୂଆ। ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ପ୍ରତିଷ୍ଠାକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି ୨୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି କ୍ଲଷ୍ଟର ୧୫୩୦ କୋଟି ଟଙ୍କାର ପୁଞ୍ଜିନିବେଶ ଆକୃଷ୍ଟ କରିବା ସହିତ ୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଏବେ ସୁଦ୍ଧା ୩୧୮ କୋଟିଟଙ୍କା ନିବେଶ କରାଯାଇଥିବା ବେଳେ ୫୭୨ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ।

# ଜଳିଗଲା ହୁକା ବାର୍



**ଭୁବନେଶ୍ୱର, ୧୨।୧୨(ମହାଭାରତ):** ରାଜଧାନୀର ସତ୍ୟବିହାରରେ ଥିବା ଏକ ବାରରେ ଲାଗିଛି ନିଆଁ। ହୁତୁହୁତୁ ହୋଇ ଜଳୁଛି ବିଲ୍ଡିଂ। ସମଗ୍ର ଅଞ୍ଚଳ ଧୂଆଁମୟ। ଘଟଣାସ୍ଥଳରେ ଦୁଇଟି ଦମକଳ ବାହିନୀ ନିଆଁଲିଭା କାମରେ ନିୟୋଜିତ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ। ପ୍ରାୟ ଦେଢ କୋଟି ଟଙ୍କାର ଆସବାବପତ୍ର ଜଳିପୋଡ଼ି ପାଉଁଶ ହୋଇଯାଇଛି।

ସୂଚନା ଅନୁଯାୟୀ ସକାଳ ୮ଟା ୫୦ ମିନିଟ୍ ସମୟରେ ସତ୍ୟବିହାରରେ ଥିବା ଏକ ବାର (ନୋ ଲିମିଟ୍)ରେ ଲାଗିଥିଲା ନିଆଁ। ବାରର ଉପରେ ଥିବା ଛାତରେ ନିଆଁ ଲାଗିଥିଲା। ଏହାପରେ ନିଆଁ ସମଗ୍ର ବିଲ୍ଡିଂକୁ ବ୍ୟାପିଥିଲା। ଖବର ପାଇ କାଳ ବିଳମ୍ବ ନ କରି ଦୁଇଟି ଦମକଳ ବାହିନୀ ନିଆଁଲିଭା କାମରେ ନିୟୋଜିତ ହୋଇଥିଲେ। ମୁଖ୍ୟ ଅଗ୍ନିଶମ ଅଧିକାରୀ ରମେଶ ମାଝୀଙ୍କ ସୂଚନା ଅନୁଯାୟୀ ନିଆଁକୁ ସଂପୂର୍ଣ୍ଣ ରୂପେ ଆୟତ୍ତ କରାଯାଇଛି। ଏଥିଲାଗି ପ୍ରାୟ ଘଣ୍ଟାଏ ସମୟ ଲାଗିଥିଲା। ତେବେ କ୍ଷୟକ୍ଷତିର ଆକଳନ କରାଯାଇନାହିଁ। ଏଣେ ଅଗ୍ନିକାଣ୍ଡର କାରଣ ଏଯାଏ ସାମ୍ନାକୁ ଆସିନାହିଁ। ତେଣେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ବାରରେ ଅଗ୍ନିଶମ ବିଭାଗର ଲାଇସେନ୍ସ ନଥିଲା କି ନିୟମ ମାନୁ ନଥିଲେ ବାର୍ ମାଲିକ।

ଏଣେ ଉକ୍ତ ବାରରେ ହୁକ୍କା ବାର୍ ଚାଲୁଥିଲା। ତାହାର ପ୍ରମାଣ ମିଳିଛି। ତେଣେ ଏହି ବାର୍‌କୁ ଲାଇସେନ୍ସ ଦିଆଯାଇନଥିଲା ବୋଲି ଅବକାରୀ ବିଭାଗରୁ ସୂଚନା ଦିଆଯାଇଛି। କେମିତି ବେଆଇନ୍ ଭାବେ ଏହି ବାର୍ ଚାଲୁଥିଲା, ତାହାର ଖୋଳତାଡ ହେବା ଆବଶ୍ୟକ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

ଭୁବନେଶ୍ୱର ସତ୍ୟବିହାର ସ୍ଥିତ ନୋ ଲିମିଟ ବାରରେ ଅଗ୍ନିକାଣ୍ଡ ଘଟଣାରେ ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ମାସେ ତଳେ ବାର ରେ ଯାଂଚ କରିଥିଲୁ, କିନ୍ତୁ କିଛି ପାଇ ନଥିଲୁ।

## ଇଣ୍ଡିଗୋ ଅଚଳାବସ୍ଥା ଘଟଣାରେ ୪ଜଣଙ୍କୁ ବହିଷ୍କାର କଲା ଡିଜିସିଏ

ନୂଆଦିଲ୍ଲୀ, ୧୨।୧୨(ମହାଭାରତ): ଇଣ୍ଡିଗୋ ବିମାନ ଅଚଳବସ୍ଥା ଘଟଣାରେ ଡିଜିସିଏ ଚାରି ଜଣ ପ୍ରମୁଖ ଫ୍ଲାଇଟ୍ ଅପରେସନ୍ସ ଇନ୍ସପେକ୍ଟରଙ୍କୁ ବହିଷ୍କାର କରିଛି । ଇଣ୍ଡିଗୋ ବିମାନ ଉଡାଣ କ୍ଷେତ୍ରରେ ଦେଶବ୍ୟାପୀ ବଡ଼ ଧରଣର ବାଧା ଦେଖା ଯାଇଥିଲା । ଅନେକ ଯାତ୍ରୀ ଏଥିପାଇଁ ହଇରାଣ ହୋଇଥିଲେ। ଘଟଣାର ତଦନ୍ତ କରି ଡିଜିସିଏ ୪ ଜଣଙ୍କୁ ବହିଷ୍କାର କରିଛି। ଡିଜିସିଏର ଅଫିସ୍ ଅର୍ଡର ଅନୁଯାୟୀ ବରିଷ୍ଠ କର୍ମଚାରୀ ରିଶ ରାଜ ଚାଟାର୍ଜୀ, ସୀମା ଝାମନାନି, ଅନିଲ କୁମାର ପୋଖରିଆଲ ଏବଂ ପ୍ରିୟମ କୌଶିକଙ୍କୁ ବହିଷ୍କାର କରିଛି । ଏହି ଚାରି ଜଣଙ୍କୁ ତୁରନ୍ତ ସେମାନଙ୍କର କାର୍ଯ୍ୟରୁ ବାହାରି ସେମାନଙ୍କ ମୂଳ ସଂଗଠନକୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ନିୟମ ଅନୁଯାୟୀ ଏମାନଙ୍କ ଆଭ୍ୟନ୍ତରୀଣ ବିଭାଗଗୁଡ଼ିକୁ ଆନୁଷ୍ଠାନିକ ଇମେଲ୍ ଆକାଉଣ୍ଟଗୁଡ଼ିକୁ ନିଷ୍କ୍ରିୟ କରିବା, ଇ-ଅଫିସ୍ ଆକ୍ସେସ୍ ପ୍ରତ୍ୟାହାର କରିବା ଏବଂ ଦେୟ ପ୍ରମାଣପତ୍ର ଦାଖଲ କରି ଦେୟ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛି।

## ଅସ୍ତ୍ର ଛାଡ଼ିଲେ ୬ ମହିଳା କ୍ୟାଡର ସହ ୧୦ ମାଓବାଦୀ

ମାଲକାନଗିରି, ୧୨।୧୨(ମହାଭାରତ):: ମାଓଦୁର୍ଗ ଭୁଶୁଡିବାରେ ଲାଗିଛି। ସଂଗଠନର ବଡବଡ ନେତା ନିପାତ ହେଉ ଅଥବା ସୁରକ୍ଷା ବାହିନୀର ସର୍ଚ୍ଚ ଅପରେସନ ହେଉ କିମ୍ବା ସରକାରଙ୍କ ବିକଶିତ ଯୋଜନାର ପ୍ରଭାବ ହେଉ, ମାଓବାଦୀମାନେ ଆଉ ପୂର୍ବ ଭଳି ଶକ୍ତିଶାଳୀ ହୋଇ ରହିନାହାନ୍ତି। ସରକାରଙ୍କ ନିର୍ଦ୍ଦେଶରେ ସୁରକ୍ଷାବାହିନୀର ଜୋରଦାର କମ୍ବିଂ ଅପରେସନରେ ଲାଲବାହିନୀ ଦୁର୍ବଳ ହେବାରେ ଲାଗିଛନ୍ତି। ଏହି କ୍ରମରେ ପୁଣି ଜଣ ମାଓବାଦୀ ଅସ୍ତ୍ର ପରିତ୍ୟାଗ କରି ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି।

ମାଲକାନଗିରି ଜିଲ୍ଲା ଛତିଶଗଡର ସୁକମା ପୁଲିସ ନିକଟରେ ଆଜି ସକାଳେ ୧୦ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୬ ଜଣ ମହିଳା ମାଓବାଦୀ ରହିଛନ୍ତି। ଆଜି ସକାଳେ ସୁକମା ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଏସପି କିରଣ ଚୌହାନଙ୍କ ସମ୍ମୁଖରେ ଏମାନେ ନିଜ ନିଜ ହତିଆର ସହ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମୁଣ୍ଡରେ ୩୩ ଲକ୍ଷ ଟଂକାର ପୁରସ୍କାର ରହିଥିବା ପୁଲିସ କହିଛି। ଏମାନଙ୍କ ମଧ୍ୟରେ ପିଏଲଜିଏ ପ୍ଲାଟୁନ ନମ୍ବର ୧ର କମାଣ୍ଡର, ଦରଭା ଡିଭିନଜର ଦୁଇ ଜଣ ଏସିଏମ, ପିଏଲଜିଏ ବାଟାଲିୟନର ଦୁଇ ଜଣ ପିପିସିଏମ, ଗୋଲାପାଲି ଏରିଆ କମିଟିର ଦୁଇ ପାର୍ଟି ମେମ୍ବର, ୩ଅନ୍ୟ ପାର୍ଟି ମେମ୍ବର ବୋଲି ଜଣାପଡିଛି।

# ଜଳଯୋଗାଣ ପ୍ରକଳ୍ପ ନେଇ ମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ

ଭୁବନେଶ୍ୱର, ୧୨।୧୨(ମହାଭାରତ): ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ଏମଜିନରେଗା ସମ୍ମିଳନୀ କକ୍ଷରେ ବୃହତ୍ ଗ୍ରାମୀଣ ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ରାଜ୍ୟସ୍ତରୀୟ ତ୍ରିଦିବସୀୟ ସମୀକ୍ଷା ଅନୁଷ୍ଠିତ ହୋଇଛି । ଡିସେମ୍ବର ୧୦ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୨ ତାରିଖ ଯାଏଁ ତିନି ରାଜସ୍ୱ ଡିଭିଜନ ଅନ୍ତର୍ଗତ ସମସ୍ତ ୩୫ଟି ପାନୀୟ ଜଳ ଡିଭିଜନର ବୃହତ୍ ଗ୍ରାମୀଣ ପାଇପ୍ ପାନୀୟ ଜଳଯୋଗାଣ ପ୍ରକଳ୍ପର ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ କଠୋର ଆଭିମୁଖ୍ୟ ଗ୍ରହଣ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ ନହେଲେ କାର୍ଯ୍ୟକାରୀ କରୁଥିବା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ସହ ତାଙ୍କ ବିରୋଧରେ ଏଫଆଇଆର ଦାୟର କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ସମୀକ୍ଷା ବୈଠକର ପ୍ରଥମ ଦିନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୨ଟି ପାନୀୟ ଜଳ ଡିଭିଜନ ଯଥା : ଆଠଗଡ଼, ବାଲେଶ୍ୱର, ବାରିପଦା, ଭଦ୍ରକ, ଭୁବନେଶ୍ୱର, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼, ପୁରୀ ଓ ରାଇରଙ୍ଗପୁରର ୬୮ ଗୋଟି ବୃହତ ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସବିସ୍ତୃତ ସମୀକ୍ଷା ହୋଇଥିଲା । ଏହା ମଧ୍ୟରୁ ୮ ଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସେଗୁଡିକ କାର୍ଯ୍ୟକ୍ଷମ ହୋଇଥିବାବେଳେ ମନ୍ତ୍ରୀଙ୍କ ଦ୍ୱାରା ଅବଶିଷ୍ଟ ୬୦ ଗୋଟି ନିର୍ମାଣଧୀନ ପ୍ରକଳ୍ପର ସବିଶେଷ ସମୀକ୍ଷା ହୋଇଥିଲା । ଦ୍ୱିତୀୟ ଦିନରେ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୪ଟି ପାନୀୟ ଜଳ ଡିଭିଜନ ଯଥା : ଆନନ୍ଦପୁର, ଅନୁଗୁଳ, ବଲାଙ୍ଗିର, ବରଗଡ଼, ବୌଦ୍ଧ, ଢେଙ୍କାନାଳ, ଦେବଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ନୂଆପଡ଼ା, ରାଉରକେଲା, ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼ର ୭୭ ଗୋଟି ବୃହତ ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସବିସ୍ତୃତ ସମୀକ୍ଷା ହୋଇଥିଲା । ଏହା ମଧ୍ୟରୁ ୧୪ ଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସେଗୁଡିକ କାର୍ଯ୍ୟକ୍ଷମ ହୋଇଥିବାବେଳେ ମନ୍ତ୍ରୀଙ୍କ ଦ୍ୱାରା ଅବଶିଷ୍ଟ ୬୩ ଗୋଟି ନିର୍ମାଣଧୀନ ପ୍ରକଳ୍ପର ସବିଶେଷ ସମୀକ୍ଷା ହୋଇଥିଲା । ତୃତୀୟ ଦିନରେ ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୯ ଟି ପାନୀୟ ଜଳ ଡିଭିଜନ ଯଥା : ଗଜପତି, ବ୍ରହ୍ମପୁର, ଭଞ୍ଜନଗର, କଳାହାଣ୍ଡି, ଫୁଲବାଣୀ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ାର ୬୨ ଗୋଟି ବୃହତ ପାଇପ୍ ପାନୀୟ ଜଳଯୋଗାଣ ପ୍ରକଳ୍ପର ସବିସ୍ତୃତ ସମୀକ୍ଷା ହୋଇଥିଲା ।ଏହା ମଧ୍ୟରୁ ୩ ଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସେଗୁଡିକ କାର୍ଯ୍ୟକ୍ଷମ ହୋଇଥିବାବେଳେ ମନ୍ତ୍ରୀଙ୍କ ଦ୍ୱାରା ଅବଶିଷ୍ଟ ୫୯ ଗୋଟି ନିର୍ମାଣଧୀନ ପ୍ରକଳ୍ପର ସବିଶେଷ ସମୀକ୍ଷା ହୋଇଥିଲା।



ଏହି ୨୦୭ ଗୋଟି ପ୍ରକଳ୍ପର ନିର୍ମାଣକାରୀ ସଂସ୍ଥା ଓ ସଂକ୍ରାନ୍ତୀୟ ବିଭାଗୀୟ ଅଧିକାରୀଙ୍କ ଠାରୁ ମନ୍ତ୍ରୀ ଶ୍ରୀ ନାଏକ ପ୍ରତିଟି ପ୍ରକଳ୍ପର ବୈଷୟିକ, ଆର୍ଥିକ ଓ ଅନ୍ୟ ଆନୁଷଙ୍ଗିକ ଦିଗର ତଥ୍ୟ ବିଷୟରେ ଅବଗତ ହୋଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ ଓ ଜଳଯୋଗାଣର ସ୍ଥିରୀକୃତ ଉତ୍ତରଦାୟିତ୍ୱ ଅନୁସାରେ ପ୍ରତିଟି ପ୍ରକଳ୍ପର ସମୀକ୍ଷା କରାଯାଇଥିଲା । ମନ୍ତ୍ରୀ ସମସ୍ତ ନିର୍ମାଣକାରୀ ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କଠାରୁ ପ୍ରକଳ୍ପ ନିର୍ମାଣର ସ୍ଥିତି ଓ ନିର୍ଦ୍ଦିଷ୍ଟ ସ୍ଥଳରେ ବିଳମ୍ବର କାରଣ ଓ ନିରାକରଣ ବିଷୟରେ ପ୍ରଶ୍ନ କରିଥିଲେ କ୍ଷ

ଏହି ସମୀକ୍ଷାରେ ନିର୍ମାଣାଧୀନ ସମସ୍ତ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରି 'ହର୍ ଘର୍ ଜଲ୍' ପ୍ରମାଣପତ୍ର ଦାଖଲ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟର ଗ୍ରାମାଞ୍ଚଳର ପ୍ରତିଟି ପରିବାରକୁ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବଦ୍ଧପରିକର ଅଛନ୍ତି ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ ।

## କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ-ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬- ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ୧୦ ମିନିଟ ଗରମ ପାରିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।



..... ପରଦା ଖବର .....

## ‘ସାହା ହେବେ ମୋତେ ମା ମଙ୍ଗଳା’ ର ଅଡିଓ ରିଲଜ୍



ଜୀ ସାର୍ଥକର ନୂଆ ଚଳଚ୍ଚିତ୍ର ‘ସାହା ହେବେ ମୋତେ ମା ମଙ୍ଗଳା’ର ୱାର୍ଲଡ ଟିଭି ପ୍ରିମିୟର ଆସନ୍ତା ରବିବାର ସନ୍ଧ୍ୟା ୬:୩୦ ହେବ । ଏହି ଅଡିଓ ରିଲିଜ୍ କାର୍ଯ୍ୟକ୍ରମରେ ଜୀ ସାର୍ଥକ ମାର୍କେଟିଂ ହେଡ୍ ବିଶ୍ୱ ରଞ୍ଜନ ବରାଳ, ପ୍ରୋଗ୍ରାମିଂ ମ୍ୟାନେଜର ଦିବ୍ୟ ସାମଲ, ନିର୍ଦ୍ଦେଶକ ଅଜୟ କୁମାର ସିଂହ, ସଂଳାପ ଲେଖକ ପ୍ରିୟବ୍ରତ ପଣ୍ଡା, ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ଅଭିନେତା ପ୍ରଶାନ୍ତ ପାତ୍ର, ନାୟକ ତୁଷାର, କୁନି କଳାକାର ଦିବ୍ୟାଂଶା ପ୍ରମୁଖ ଉପସ୍ଥିତ ଥିଲେ ।କ୍ଷୀରୋଦ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ଏବଂ ଅଜୟ ସିଂଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସାମାଜିକ ଜୀବନରେ ଭକ୍ତିର ଶକ୍ତି କିପରି ଆମକୁ ସୁବୁବେଳେ ରକ୍ଷା କରେ ତା ଉପରେ ଏକ ସୁନ୍ଦର କାହାଣୀ । ପ୍ରିୟବ୍ରତ ପଣ୍ଡାଙ୍କ ଲିଖିତ ଏହି ଫିଲ୍ମରେ ତୁଷାର ଏବଂ ସିମ୍ରନ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ‘ସାହା ହେବେ ମୋତେ ମା ମଙ୍ଗଳା’ ହେଉଛି ଗୌରୀ ନାମକ ଏକ ଝିଅର ବିବାହର ଓ ତାର ରବର୍ତୀ ରୋମା□ ଉପରେ ଏକ ଭିନ୍ନ କାହାଣୀ । ମା ମଙ୍ଗଳାଙ୍କ ଆଶୀର୍ବାଦପ୍ରାପ୍ତ ଏକ ସରଳ ଗ୍ରାମୀଣ ଝିଅ ଗୌରୀ ଆକସ୍ମିକ ଭାବେ ସୁପରଷ୍ଟାର ରାଜକୁମାର ଚୌଧୁରୀ ସହ ଏକ ମିଛ ବିବାହ ହୋଇଯାଏ । ଏହା ପରେ ଗୌରୀଙ୍କ ଶାନ୍ତ ଜୀବନରେ ଆସେ ବହୁତ କିଛି ପରିବର୍ତ୍ତନ କାରଣ ଗୌରୀ ଏହି ବିବାହକୁ ପ୍ରକୃତ ବୋଲି ବିଶ୍ୱାସ କରିଛନ୍ତି । ପରିସ୍ଥିତିର ବାଧ୍ୟବାଧକତା ପାଇଁ ରାଜଙ୍କ ପରିବାର ଗୌରୀଙ୍କୁ ତାଙ୍କ ସ୍ତ୍ରୀ ଭାବରେ ଗ୍ରହଣ କରନ୍ତି । ଅନ୍ୟପଟେ ଈର୍ଷାଳୁ ଅଙ୍କିତା, ଯିଏକି ରାଜଙ୍କୁ ଭଲ ପାଆନ୍ତି ତାଙ୍କୁ ପାଇବା ପାଇଁ ବ୍ୟାକୁଳ ହୋଇ କଳା ଯାଦୁ ଆଡକୁ ମୁହାଁଇଥାଏ, ରାଜକୁ ରହସ୍ୟମୟ ଭାବରେ ଆଘାତ ଦେଇଚାଲନ୍ତି । ଏମିତି କାହାଣୀ ନେଇ ଏହି ସିନେମାଟି ଗତିଶୀଳ ।ଏହି ଚଳଚିତ୍ରରେ ଡ଼. ନିର୍ମଳ ନାୟକଙ୍କ ଲିଖିତ ଗୀତ ଗୁଡିକୁ ସଙ୍ଗୀତରେ ସଜାଇଛନ୍ତି ପ୍ରଶାନ୍ତ ପାଢ଼ୀ ଓ କଣ୍ଠ ଦାନ କରିଛନ୍ତି ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ସତ୍ୟଜିତ।

## ଦୀପ ଓ କର୍ପୂର ଆଳତି



ପ୍ରାଚୀନ କାଳରୁ ଆମ ଦେଶରେ ଅନେକ ପରମ୍ପରା ରହିଆସିଛି। ଯାହାକୁ ଏବେ ବି ପାଳନ କରାଯାଏ। ଯେପରି ଦେଶୀ ଘିଅରେ ଦୀପ ଜାଳିବା ଏବଂ କର୍ପୂରରେ ଦେବାଦେବୀଙ୍କୁ ଆଳତି କରିବା ପ୍ରଥା ପ୍ରଚଳନ ହୋଇଆସୁଛି। ଧାର୍ମିକ ମାନ୍ୟତା ଅନୁସାରେ ଆରତୀ କଲେ ଦେବାଦେବୀ ପ୍ରସନ୍ନ ହୋଇ ବରଦାନ ଦେଇଥାନ୍ତି। ସାଧକର ମନୋକାମନା ପୂର୍ଣ୍ଣ ହୋଇଥାଏ। ଏଥିସହ ଦେବଦୋଷ ଏବଂ ପିତୃଦୋଷ ଲାଘବ ହୁଏ। ତେଣୁ କର୍ପୂର ଆରତୀ ଶୁଭ। ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ କର୍ପୂର ଜାଳିବା ଭଲ। ଏହା ଦ୍ୱାରା ବାତାବରଣରେ ଶୁଦ୍ଧତା ଆସିଥାଏ। ଅନେକ ଜୀବାଣୁ-କୀଟାଣୁ ନଷ୍ଟ ହୋଇଯାଇଥାନ୍ତି। ଶରୀର ଉପରେ ରୋଗର ଆକ୍ରମଣ ସହଜରେ ହୋଇପାରିନଥାଏ। ଏହିପରି ଅନେକ କିଛି। ତେଣୁ କର୍ପୁରରେ ଆରତୀ କରିବା ଅନେକ ଶୁଭଫଳ ଦେଇଥାଏ।

## ଆନନ୍ଦ ରାମାୟଣରେ ସୀତାଙ୍କ କଥା



ଆନନ୍ଦ ରାମାୟଣରେ କେତେକ ରୋଚକ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ଦେବୀ ସୀତାଙ୍କ ଜନ୍ମର ପୂର୍ବବର୍ତ୍ତୀ ପ୍ରସଙ୍ଗ ମଧ୍ୟ ଏଥିରେ ବର୍ଣ୍ଣିତ । ମର୍ତ୍ତ୍ୟରେ ପଦ୍ମକ୍ଷ ନାମରେ ଜଣେ ରାଜା ରାଜୁତି କରୁଥିଲେ। ସେ ଦେବୀ ଲକ୍ଷ୍ମୀଙ୍କର ଜଣେ ପରମ ଭକ୍ତ ଥିଲେ। ଦିନେ ସେ ତପସ୍ୟା କରି ଲକ୍ଷ୍ମୀଙ୍କୁ ପ୍ରସନ୍ନ କଲେ। ଦେବୀ ଲକ୍ଷ୍ମୀ ପ୍ରକଟ ହେବାରୁ ତାଙ୍କୁ କନ୍ୟା ରୂପରେ ପ୍ରାପ୍ତ କରିବା ଲାଗି ରାଜା ବିନତି କଲେ। ଲକ୍ଷ୍ମୀ କହିଲେ, କେବଳ ଶ୍ରୀବିଷ୍ଣୁଙ୍କ ଆଜ୍ଞା ପ୍ରାପ୍ତ କରିବା ପରେ ଯାଇ ମୁଁ ଯାହା କରିପାରିବି । ଏହା କହି ସେ ଅଦୃଶ୍ୟ ହୋଇଗଲେ। ଏହାପରେ ରାଜା ପଦ୍ମକ୍ଷ ଭଗବାନ ବିଷ୍ଣୁଙ୍କୁ ପ୍ରସନ୍ନ କରିବା ଲାଗି କଠୋର ତପସ୍ୟା ଆରମ୍ଭ କରିଦେଲେ। ବିଷ୍ଣୁ ପ୍ରକଟ ହେବାରୁ ରାଜା ତାଙ୍କୁ ନିଜ ମନର କଥା କହିଲେ। ଏହାପରେ ଶ୍ରୀବିଷ୍ଣୁ ରାଜାଙ୍କୁ ଏକ ଫଳ ଦେଇ ଅଦୃଶ୍ୟ ହୋଇଗଲେ। ସେହି ଫଳ ମଧ୍ୟରେ ଏକ ଛୋଟ ଶିଶୁକନ୍ୟା ରହିଥିଲା। ରାଜା ସେହି କନ୍ୟାକୁ ନିଜ ଝିଅ ଭାବେ ପାଳିଲେ। ବଡ଼ ହେବା ପରେ ରାଜା ପଦ୍ମକ୍ଷ ଝିଅର ସ୍ୱୟଂବର କରିବା ଲାଗି ବାହାରିଲେ। ସ୍ୱୟଂବରର ସର୍ତ୍ତ ଥିଲା- ଯେଉଁ ପୁରୁଷ ନିଜ ଶରୀର କୃଷ୍ଣବର୍ଣ୍ଣ କରିପାରିବ, ତା’କୁ ହିଁ ରାଜାଙ୍କ କନ୍ୟା ବରଣମାଳା ପିନ୍ଧାଇବେ। ତେବେ ସେହି କନ୍ୟାକୁ ପାଇବା ଲାଗି ଦେବ, ରାକ୍ଷସ ଏବଂ ମନୁଷ୍ୟଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହେଲା। ରାକ୍ଷସମାନେ କନ୍ୟାକୁ ଅପହରଣ କରି ନେବାକୁ ରାଜା ପଦ୍ମକ୍ଷଙ୍କ ରାଜ୍ୟ ଉପରେ ଆକ୍ରମଣ କଲେ। ସେମାନେ କନ୍ୟାକୁ ପାଇଲେ ନାହିଁ, କିନ୍ତୁ ରାଜାଙ୍କୁ ହତ୍ୟା କଲେ, ତାଙ୍କ ରାଜ୍ୟକୁ ଧ୍ୱଂସ କରିଲେ। ସେତେବେଳେ ରାଜକନ୍ୟା ଅଗ୍ନି ମଧ୍ୟରେ ଲୁଚିଯାଇଥିଲେ। ସମସ୍ତେ ଚାଲିଯିବା ପରେ ରାଜକନ୍ୟା ଅଗ୍ନି ମଧ୍ୟରୁ ବାହାରକୁ ବାହାରି ଆସିଲେ। ବାହାରକୁ ବାହାରିବା କ୍ଷଣି ଆକାଶମାର୍ଗରେ ଉଡ଼ିଯାଉଥିବା ରାବଣ ସେହି କନ୍ୟାଙ୍କୁ ଦେଖିନେଲା। ରାବଣ ତାଙ୍କୁ ନେଇଯିବା ଲାଗି ପ୍ରୟାସ କରିବାରୁ କନ୍ୟା ପୁଣିଥରେ ନିଆଁ ଭିତରକୁ ଡେଇଁ ପଡ଼ିଲେ । ରାବଣ ନିଆଁ ଲିଭାଇଲା, କିନ୍ତୁ କନ୍ୟାଙ୍କୁ ପାଇଲା ନାହିଁ । ତା’କୁ ପାଉଁଶ ମଧ୍ୟରୁ ୫ଟି ମୂଲ୍ୟବାନ ପଥର ମିଳିଲା। ରାବଣ ସେହି ପଥରକୁ ଏକ ବାକ୍ସରେ ପୂରାଇ ଲଙ୍କା ନେଇଗଲା। ସେହି ବାକ୍ସ ଉପରେ ନଜର ରଖିବା ଲାଗି ପତ୍ନୀ ମନ୍ଦୋଦରୀଙ୍କୁ କହିଲା। ମନ୍ଦୋଦରୀ ସେହି ବାକ୍ସ ଖୋଲିବା ମାତ୍ରେ ସେଥିରେ ଜଣେ କନ୍ୟା ଥିବା ଦେଖିବାକୁ ପାଇଲେ। କନ୍ୟା ଅତି ସୁନ୍ଦର ଥିଲେ। ମନ୍ଦୋଦରୀ ଭାବିଲେ, ଏହି କନ୍ୟା ସମସ୍ତ ଅସୁର କୁଳକୁ ଧ୍ୱଂସ କରିଦେବ । ତେଣୁ ସେହି କନ୍ୟାକୁ ଜଙ୍ଗଲରେ ଛାଡ଼ିଦେଇ ଆସିବା ଲାଗି ସେ ସୈନିକଙ୍କୁ ନିର୍ଦ୍ଦେଶ ଦେଲେ। ତାହାହିଁ ହେଲା। ସୈନିକମାନେ କନ୍ୟାକୁ ନେଇ ଜଙ୍ଗଲରେ ଛାଡ଼ିଦେଇ ଆସିଲେ। କିନ୍ତୁ ଜଙ୍ଗଲକୁ ନେବା ସମୟରେ ରାଜକନ୍ୟା ଚେତାବନୀ ଦେଇଗଲେ- “ମୁଁ ପୁଣିଥରେ ଲଙ୍କା ଫେରିବି । ରାବଣ ଏବଂ ତା’ର ପରିବାରକୁ ଧ୍ୱଂସ କରିଦେବି ।” ଏହାଶୁଣି ରାବଣ ଡରିଗଲା। ସେ ଉକ୍ତ କନ୍ୟାକୁ ମାରିଦେବା ଲାଗି ଚାହିଁଲା। ମାତ୍ର ମନ୍ଦୋଦରୀ ତା’କୁ ଅଟକାଇଲେ। ବାକ୍ସ ସହ ସେହି କନ୍ୟାକୁ ଲଙ୍କା ଠାରୁ ବହୁଦୂରରେ ଥିବା ଏକ ଭୂମିରେ ପୋତି ଦିଆଗଲା। ସେହି ଭୂମିରେ ହଳ କରୁଥିବା ସମୟରେ ସେହି ବାକ୍ସକୁ ପାଇଲେ। ତା’ଭିତରୁ କନ୍ୟାକୁ ବାହାର କଲେ। ସୀତାଙ୍କ ଜୀବନ ମିଥିଳାରେ ପୁଣିଥରେ ଆରମ୍ଭ ହେଲା।

## ହନୁମାନଙ୍କ ହୃଦୟରେ ସର୍ବଦାଶ୍ରୀରାମ



ଆମ ବ୍ୟକ୍ତିତ୍ୱରେ ଯେଉଁ ଭଳି ଗୁଣ ପ୍ରତିଫଳିତ ହେଉଥିବ ଆମ ସହ ମିଳାମିଶା କରୁଥିବା ବ୍ୟକ୍ତିଙ୍କ ଉପରେ ତାହାର ପ୍ରଭାବ ନିଶ୍ଚେ ପଡ଼ିବ। ହନୁମାନଙ୍କ ଭିତରେ ଭକ୍ତି ରସ ଭରି ରହିଥିଲା। ତାଙ୍କ ଶରୀରର ପ୍ରତିଟି ଅଙ୍ଗରେ କେବଳ ଆଉ କେବଳ ରାମ ହିଁ ବାସ କରୁଥିଲେ। ଏହି କାରଣରୁ ହନୁମାନଙ୍କୁ ଯିଏ ଭେଟୁଥିଲା ତାକୁ ରାମଙ୍କ ସାନ୍ନିଧ ସୁଖ ମିଳୁଥିଲା। ତେଣୁ ତାଙ୍କର ଉପସ୍ଥିତି ହିଁ ନିଜ ଭିତରେ ଏକ ସୁରକ୍ଷା ଭାବ ସୃଷ୍ଟି କରିଥାଏ। ସୁନ୍ଦରକାଣ୍ଡରେ ହନୁମାନଙ୍କ ଲଙ୍କା ପ୍ରବେଶକୁ ନେଇ ହନୁମାନ ଏବଂ ଲଙ୍କନୀ ରାକ୍ଷସୀର ବାର୍ତ୍ତାଳାପକୁ ଗୋସ୍ୱାମୀ ତୁଳସୀଦାସ ଅତି ସୁନ୍ଦର ଭାବେ ବର୍ଣ୍ଣନା କରି ଲେଖିଛନ୍ତି। ସେ ହନୁମାନଙ୍କ ସହ ହୋଇଥିବା ଏହି ବାର୍ତ୍ତାଳପକୁ ସତ୍‌ସଙ୍ଗ ବୋଲି କହିଛନ୍ତି। ଯେଉଁଥିରେ ଆଗକୁ ଲଙ୍କା ପ୍ରବେଶ ପାଇଁ ହନୁମାନଙ୍କୁ ଏକ ପରାମର୍ଶ ଦେଇଛି ଲଙ୍କିନୀ। ଏହି ବିଚାରର ଚୌପାଇକୁ ତୁଳସୀଦାସ ଲଙ୍କନୀ ପରି ରାକ୍ଷସୀ ମୁହଁରେ କୁହାଇ କରିଛନ୍ତି, ‘ପ୍ରବିଶି ନଗର କିଜେ ସବ କାଜା। ହୃଦୟ ରଖି କୋସଲପୁର ରାଜା।’ ଅର୍ଥାତ୍ ଅଯୋଧ୍ୟାପୁରୀର ରାଜା ଶ୍ରୀରାମଙ୍କୁ ସ୍ମରଣ କରି ନଗର ମଧ୍ୟକୁ ପ୍ରବେଶ କରି ସବୁ କାର୍ଯ୍ୟ କର।

ଶ୍ରୀରାମଚରିତମାନସର ଏହି ଚୌପାଇ ନିଜର ପ୍ରଭାବ କାରଣରୁ ହିଁ ମନ୍ତ୍ର ହୋଇଗଲା। ବିପଦକୁ ଛୋଟ ମଣିବା ହିଁ ତାହା ଉପରେ ବିଜୟ ହାସଲ କରିବାରେ ସହାୟତା କରିଥାଏ । ହନୁମାନଙ୍କ ହୃଦୟରେ ଶ୍ରୀରାମ ତ’ ପୂର୍ବରୁ ଥିଲେ। କାରଣ ଲଙ୍କା ଅଭିଯାନ ପାଇଁ ବାହାରିବା ସମୟରେ ତାଙ୍କ ଉଦ୍ଦେଶ୍ୟରେ ଲେଖାଯାଇଛି, ‘ୟହ କହି ନାଇ ସବହ୍ନି କହୁଁ ମାଥା। ଚଲେଉ ହରଷି ହିୟଂ ଧରି ରଘୁନାଥା।’

ହନୁମାନ କେବଳ ଦୁଇଟି କାମ କରୁଥିଲେ। ପ୍ରଥମଟି ହେଉଛି ଶ୍ରୀରାମଙ୍କୁ ହୃଦୟରେ ରଖିଥିଲେ ଏବଂ ଅନ୍ୟଟି ଆନନ୍ଦରେ ରହୁଥିଲେ। ଏହି କାରଣରୁ ହନୁମାନଙ୍କ ଉପସ୍ଥିତି ମାତ୍ରକେ ହିଁ ଲଙ୍କିନୀର ମନୋଭାବ ଦିବ୍ୟ ହୋଇଯାଇଥିଲା । ସେ ରାବଣର ଗଡ଼ ଜଗୁଥିଲେ ମଧ୍ୟ ହନୁମାନଙ୍କ କାର୍ଯ୍ୟର ଉଦ୍ଦେଶ୍ୟ ବିଷୟରେ ଜାଣି ତାଙ୍କୁ ଲଙ୍କା ଭିତରକୁ ପ୍ରବେଶ କରିବା ଲାଗି ଅନୁମତି ଦେବା ସହ ତାଙ୍କୁ ଉତ୍ସାହିତ କରିଥିଲା। ତେଣୁ ଆମେ ନିଜ ହୃଦୟକୁ ଯେତେ ଉଜାଗର ରଖିବା ବାହାରର ବାତାବରଣ ସେତେ ହିଁ ଶୁଭ ହେବ। ନିଜ ବ୍ୟକ୍ତିତ୍ୱକୁ ଯେତେ ଦୃଢ଼ କରିବା ଅନ୍ୟମାନେ ସେଥିରେ ସେତେ ପ୍ରଭାବିତ ହେବେ। ସର୍ବଦା ମନକୁ ପବିତ୍ର କରି ରଖିବା ଉଚିତ୍।



## ଚିନ୍ତା,ଆର୍ଥିକ ସମସ୍ୟା ଲାଗି ରହୁଛି କି ?

ହିନ୍ଦୁ ଧର୍ମରେ ବାସ୍ତୁ ଶାସ୍ତ୍ରର ଖୁବ ମହତ୍ୱ□ ରହିଛି। ବାସ୍ତୁ ଶାସ୍ତ୍ରରେ ଘରର ପ୍ରତ୍ୟେକ ଛୋଟ ଠାରୁ ଆରମ୍ଭ କରି ବଡ ଜିନିଷ ରଖିବା ପାଇଁ ନିୟମ ବର୍ଣ୍ଣନା କରାଯାଇଛି। ବାସ୍ତୁର ଏହି ନିୟମ ପ୍ରତି ଧ୍ୟାନ ଦେବା ଦ୍ୱାରା ଗୃହରେ ସୁଖଶାନ୍ତି ବୃଦ୍ଧି ହୋଇଥାଏ। ତେବେ ଏପରି କିଛି ସରଳ ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି,ଯାହାର ପାଳନ କରିବା ଦ୍ୱାରା ଚିନ୍ତା ଦୂର ହୋଇଥାଏ। ଜାଣନ୍ତୁ..



ବାସ୍ତୁ ଅନୁଯାୟୀ, ସର୍ବଦା ଦକ୍ଷିଣ କିମ୍ବା ପୂର୍ବ ଦିଗକୁ ମୁଣ୍ଡ କରି ଶୋଇବାକୁ ପରାମର୍ଶ ଦିଆଯାଇଛି। ମାତ୍ର ଉତ୍ତର ଦିଗକୁ ମୁଣ୍ଡ କରି ଶୋଇବାକୁ ବାରଣ କରାଯାଇଛି। ଉତ୍ତର ଦିଗକୁ ମୁଣ୍ଡ କରି ଶୋଇବା ଦ୍ୱାରା ଗୋଡ ଦକ୍ଷିଣ ଆଡକୁ ରହିଥାଏ। ଫଳରେ ମାନସିକ ଦୁଃଶ୍ଚିନ୍ତା ଲାଗି ରହିଥାଏ। ଉତ୍ତମ ନିଦ ମଧ୍ୟ ହୋଇନଥାଏ। ତେଣୁ ଶୟନ ପାଇଁ ଦିଗ ପ୍ରତି ନିଶ୍ଚୟ ଧ୍ୟାନ ଦିଅନ୍ତୁ।

ବାସ୍ତୁ ଅନୁଯାୟୀ, ଶୟନ କକ୍ଷରେ ଖଟ ସମ୍ମୁଖରେ ଆଇନା କିମ୍ବା ଡ୍ରେସିଙ୍ଗ୍ ଟେବୁଲ ରଖିବା ଉଚିତ ନୁହେଁ। ଶୟନ କକ୍ଷରେ ଆଇନା କିମ୍ବା ଡ୍ରେସିଙ୍ଗ୍ ଟେବୁଲ ଥିଲେ ବ୍ୟବହାର ସମୟ ବ୍ୟତୀତ ଅନ୍ୟ ସମୟରେ ଏହାକୁ କପଡା ଦ୍ୱାରା ଢାଙ୍କି ରଖନ୍ତୁ। ଶୟନ କକ୍ଷରେ ଟିଭି ମଧ୍ୟ ରଖନ୍ତୁ ନାହିଁ। ଘରର ଅଗଣାକୁ ସର୍ବଦା ସଫାସୁତୁରା ରଖନ୍ତୁ ।କଦାପି ଅସନା ଅପରିଷ୍କାର ରଖନ୍ତୁ ନାହିଁ଼ୟ ଏହାକୁ ଅଣଦେଖା କରିବା ଦ୍ୱାରା ମାନସିକ ଦୁଃଶ୍ଚିନ୍ତା ଲାଗି ରହେ। ଏହାସହ ଖରାପ ବୈଦ୍ୟୁତିକ ଉପକରଣ ମଧ୍ୟ ଘରେ ରଖନ୍ତୁ ନାହିଁ। ଏହାଦ୍ୱାରା ନକରାତ୍ମକ ଶକ୍ତି ପ୍ରବେଶ କରିଥାଏୟ ଚିନ୍ତା ଓ କଳହ ଲାଗି ରହିଥାଏ ।ବାସ୍ତୁ ଅନୁଯାୟୀ, ଘରର କବାଟ କଦାପି ପରସ୍ପର ସମ୍ମୁଖରେ ହେବା ଉଚିତ ନୁହେ। ଏହାଦ୍ୱାରା ବାସ୍ତୁ ସମସ୍ୟା ସୃଷ୍ଟି ହେବା ଆର୍ଥିକ ସମସ୍ୟା ମଧ୍ୟ ଲାଗି ରହିଥାଏ।



# ସ୍ୱପ୍ନ ସାକାର କେତେଦୂର

ଗରିବଙ୍କ ପାଇଁ କେନ୍ଦ୍ର ସରକାର ମାଗଣା ଘର ଯୋଗାଇବାକୁ ଅନେକ ବର୍ଷ ତଳେ ଯୋଜନା ପ୍ରସ୍ତୁତ କରିଥିଲେ । ପ୍ରଥମେ ଏହାର ନାମ ଥିଲା ଇନ୍ଦିରା ଆବାସ ଯୋଜନା । ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନାମରେ ଗରିବଙ୍କୁ ମାଗଣା ଘର ଦିଆଯାଉଛି । ଏତେ ବର୍ଷ ହେଲାଣି ଏହି ଯୋଜନା କାର୍ଯ୍ୟକାରୀ ହେଉଛି, ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେଲାଣି, ତଥାପି ଅନେକ ଗରିବ ଲୋକ ଏବେ ସୁଦ୍ଧା ନିଜସ୍ୱ ଘରରୁ ବଂଚିତ ହୋଇଛନ୍ତି । ନିପଟ ମଫସଲ, ଆଦିବାସୀ ବହୁ ଗ୍ରାମକୁ ଗଲେ ଆବାସ ଯୋଜନାର ବିଫଳତା ସ୍ପଷ୍ଟ ବାରି ହୋଇପଡ଼ିବ । କେବଳ କେନ୍ଦ୍ର ସରକାର ନୁହଁନ୍ତି, ରାଜ୍ୟ ସରକାର ମଧ୍ୟ ନିଜସ୍ୱ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ପ୍ରତିବର୍ଷ ବଜେଟରେ ଏଥିରେ ଏଥିରେ ବହୁ କୋଟି ଟଙ୍କା ବ୍ୟୟ ବରାଦ ହେଉଛି । କିନ୍ତୁ ଏହା ବି ସମସ୍ତଙ୍କ ପାଇଁ ଘର ସ୍ୱପ୍ନକୁ ସାକାର କରିପାରିନାହିଁ । ଶାସକ ଓ ବିରୋଧୀ ଉଭୟେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରି ଆସୁଛନ୍ତି । କଂଗ୍ରେସ ମଧ୍ୟ ଏଥିରେ ସାମିଲ ହେଉଛି । ଅତୀତରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଥିଲେ । କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା । କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚିତ ହୋଂଇଛନ୍ତି । ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି । ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି । ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ ।ଯୋଜନାରେ ନିଶ୍ଚିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି । କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷକରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି । କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ । ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା । ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ୍ୟ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ । ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି । ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା । ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ । ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ । ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା । ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଲ ସହାୟକ ହେଉଛି । କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ । ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି । ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି । ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ । ଏଭଳି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ଏବେ କେନ୍ଦ୍ର ସରକାର ରାଜ୍ୟକୁ ଆବାସ ଯୋଜନାରେ ୯.୫୯ ଲକ୍ଷ ଗୃହ ମଞ୍ଜୁର କରିଛନ୍ତି । ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । କିନ୍ତୁ ଏହା କେତେଦୂର ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହେବ ତାହା ଦେଖିବାର କଥା । ଖାଲି ଯୋଜନା କରିଦେଲେ ହେବନି ବା ଏଥିପାଇଁ ଟଙ୍କା ମଞ୍ଜୁର କଲେ ହେବନି । ଏହାର କାର୍ଯ୍ୟକାରୀତା ପ୍ରତି ସମୁଚିତ ଦୃଷ୍ଟି ଦେବାକୁ ପଡ଼ିବ । ଏକଥା ସତ ଯେ, ଦେଶରେ ଲୋକସଂଖ୍ୟା ବଢୁଛି ଏବଂ ପ୍ରତିବର୍ଷ ନୂଆ ପରିବାର ସୃଷ୍ଟି ହେଉଛି । ତେଣୁ ଗୋଟିଏ ପରିବାରକୁ ଆଜି ଗୋଟିଏ ଘର ଯୋଗାଇ ଦେଲେ ସେହି ପରିବାର ସବୁଦିନ ଉପକୃତ ହେବନି । କାଲି ପିଲାମାନେ ବଡ଼ ହୋଇ ନିଜର ସ୍ୱତନ୍ତ୍ର ପରିବାର କଲେ ସେମାନଙ୍କ ପାଇଁ ମଧ୍ୟ ନୂଆ ଘର ଆବଶ୍ୟକ । ତଥାପି ସରକାର ଚାହିଁଲେ ଦୁଇ ତିନି ବର୍ଷ ଭିତରେ ସମସ୍ତଙ୍କୁ ପକ୍କା ଘର ଯୋଗାଇବାକୁ ସକ୍ଷମ ହୋଇପାରିବେ । ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଘରକୁ ଘର, ଗାଁକୁ ଗାଁ ବୁଲି ସର୍ଭେ କରାଯିବା ଆବଶ୍ୟକ । କେବଳ ଗାଁ ନୁହେଁ, ସହରାଞ୍ଚଳରେ ମଧ୍ୟ ଏହାର ଆବଶ୍ୟକତା ରହିଛି । ପ୍ରଶାସନ ଯେଉଁଠି ଅନୁଭବ କରିବ ଯେ ଏଠାରେ ଗରିବଙ୍କୁ ପକ୍କା ଘର ଦିଆଯିବାର ଆବଶ୍ୟକତା ରହିଛି ସେଠାରେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବା ଉଚିତ । ପ୍ରଶାସନ ଦେଖୁଛି ବଣ୍ଡା ଘାଟିରେ ଆଦିବାସୀମାନେ କଚ୍ଚା ଘର ବା ଟାଇଲିଛପର ଘରେ ବିପଜ୍ଜନକ ଅବସ୍ଥାରେ ରହୁଛନ୍ତି । କିନ୍ତୁ ପ୍ରଶାସନ ସବୁ ଦେଖି କିଛି ନଦେଖିଲା ପରି ରହୁଛି । ଯୁଦ୍ଧକାଳୀନ ଭିତ୍ତିରେ ସେମାନଙ୍କୁ ଆବାସ ଯୋଜନାରେ ସାମିଲ କରାଯିବା ଉଚିତ । ଯୋଜନାର କାର୍ଯ୍ୟକାରୀତା ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ । ଯୋଜନାକୁ ଉପରଠାଉରିଆ ଭାବେ କାର୍ଯ୍ୟକାରୀ କରିବା ଟଙ୍କା ପାଣିରେ ପକାଇବା ସହ ସମାନ । ଏବେ ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଚାଲିଛି । ଓଡ଼ିଶାବାସୀ ବହୁ ଆସ୍ଥା ଏବଂ ବିଶ୍ୱାସର ସହିତ ବିଜେପିକୁ ପ୍ରଥମ ଥର ପାଇଁ କ୍ଷମତାସୀନ କରିଛନ୍ତି । ବିଜେପି ଏହାକୁ ଏକ ସୁବର୍ଣ୍ଣ ସୁଯୋଗ ବୋଲି ବିଚାର କରି ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସର ମୂଲ୍ୟ ଦେବାକୁ ଉଦ୍ୟମ କରିବା ଉଚିତ । ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ବିଜେପି ସରକାର ଚାଲିଛି । ଏହାକୁ ଡବଲ ଇଞ୍ଜିନ ସରକାର ବୋଲି କୁହାଯାଉଛି । ଯଦି ଡବଲ ଇଞ୍ଜିନ ସରକାର ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣରେ ବିଫଳ ହୁଏ ତେବେ ଲୋକେ କାହାକୁ ବିଶ୍ୱାସ କରିବେ ? ଲୋକଙ୍କ ଭରସାକୁ ମୋଦି ଓ ମୋହନ ସରକାର ଭାଙ୍ଗିବା ଅନୁଚିତ । ଓଡ଼ିଶାରେ ବହୁ ଗରିବ ଲୋକଙ୍କ ମୁଣ୍ଡରେ ଛାଥ ନାହିଁ । ସେମାନଙ୍କ କଥା ସରକାର ବୁଝିବା ଉଚିତ ।

# ସେଲିବ୍ରିଟି ବା ଲୋକପ୍ରିୟ ବ୍ୟକ୍ତିତ୍ୱଙ୍କ ଜୀବନଶୈଳୀ ଓ ସମାଜ ଉପରେ ଏହାର ପ୍ରଭାବ

**ଦୁର୍ଗେଶ ନନ୍ଦନ ମହାପାତ୍ର**

ଭାରତ ଆଧାତ୍ମିକତାର ଦେଶ ଓ ଈଶ୍ୱର ଭକ୍ତି ଏହାର ଏକ ଅବିଛେଦ୍ୟ ଅଙ୍ଗ । ଏହା ସାଧୁସନ୍ଥ, ମହାନ ବ୍ୟକ୍ତି ଓ ମହାପୁରୁଷଙ୍କ ଭୂମି କହିଲେ ଅତ୍ୟୁକ୍ତି ହେବନାହିଁ । କିନ୍ତୁ ଅନ୍ୟଭାଷାରେ କହିବାକୁ ଗଲେ ଏହାମଧ ତାରକାମାନଙ୍କ ଭୂମି ପାଲଟିଛି ଯେଉଁମାନଙ୍କୁ ଆମେ ଇଂରାଜୀରେ ସେଲିବ୍ରିଟି ବୋଲି କହିଥାଉ । ଭାରତରେ ତଥା ଆମ ରାଜ୍ୟ ଓଡ଼ିଶାରେ ଖେଳ,ରାଜନୀତି,ବିଜ୍ଞାନ,ଅର୍ଥନୀତି ଓ ମନୋରଞ୍ଜନ ଇତ୍ୟାଦି କ୍ଷେତ୍ରରେ ନାଁ କରିଥିବା ଅନେକ ସେଲିବ୍ରିଟିମାନଙ୍କୁ ଆମେ ଜାଣିଛୁ ଯେଉଁମାନେ ଜନସାଧାରଣମାନଙ୍କ ମନରେ ଅନେକ ଛାପ ଛାଡ଼ିଥାନ୍ତି ବିଶେଷକରି ଯୁବଗୋଷ୍ଠୀଙ୍କ ଉପରେ ଏମାନଙ୍କର ପ୍ରବଳ ପ୍ରଭାବ ପଡିଥାଏ ।

ଜାତୀୟସ୍ତରୀୟ ବଲିଉଡ ହେଉ କିମ୍ବା ଆଞ୍ଚଳିକ ସ୍ତରରେ ଦେଖିବାକୁ ଗଲେ ଆମ ରାଜ୍ୟର ଅଭିନେତା ଅଭିନେତ୍ରୀ ଓ ଗାୟକ/ଗାୟିକାମାନେ ହୁଅନ୍ତୁ ଏମାନଙ୍କ ପ୍ରତି ଜନସାଧାରଣମାନଙ୍କର ଅତି ମାତ୍ରାରେ ଆକର୍ଷଣଥିବା ଅନୁଭବ କରାଯାଏ । ମୋଟାମୋଟି ଭାବେ କହିବାକୁ ଗଲେ ଆଜିର ଇଣ୍ଟରନେଟ ବା ଡିଜିଟାଲ ଯୁଗରେ ସେଲିବ୍ରିଟି ଶବ୍ଦଟି ଏବେ ଇନଫ୍ଲୁଏନ୍ସର ଶବ୍ଦ ସହ ମିଶିଯାଇଛି । ଅତଏବ ବର୍ତ୍ତମାନ ସମୟର ସମାଜ ଉପରେ ପ୍ରଭାବ ପକାଉଥିବା ଲୋକପ୍ରିୟ ବ୍ୟକ୍ତିବିଶେଷମାନଙ୍କୁ ଇନଫ୍ଲୁଏନ୍ସର ଓ ଯେଉଁମାନେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଲୋକପ୍ରିୟ ଅଟନ୍ତି ସେମାନଙ୍କୁ ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍ସର ବୋଲି କୁହାଯାଉଛି । ୧୯୯୭ ରୁ ୨୦୧୨ (୧୯୯୭-୨୦୧୨) ମସିହା ମଧ୍ୟରେ ଜନ୍ମିତ ପିଲାଙ୍କୁ ଜେନ ଜି ବା ଜେନେରେସନ ଜେଡ ବୋଲି କୁହାଯାଉଛି । ଏହି ଜେନେରେସନର ପିଲାମାନେ ଯେହେତୁ କି ସୋସିଆଲ ମିଡ଼ିଆ ବା ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର କରିଥାନ୍ତି ସେଥିପାଇଁ ସେମାନଙ୍କ ସମୟର ଅର୍ଥାତ ବର୍ତ୍ତମାନ ସମୟର ନୂତନ ଉଦ୍ଭାବିତ ଶବ୍ଦ ଟି ହେଉଛି ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍ସର । ବର୍ତ୍ତମାନ ଲୋକପ୍ରିୟତାର ସଂଜ୍ଞା ବଦଳିଯାଇଛି ଅତଏବ ସେଲିବ୍ରିଟିର ସଂଜ୍ଞା ମଧ୍ୟ ବଦଳିଯାଇଛି । ଆଗରୁ ହାତଗଣତି କ୍ଷେତ୍ରର କିଛି ବ୍ୟକ୍ତିବିଶେଷମାନଙ୍କୁ ତାରକା ବା ସେଲିବ୍ରିଟି ବୋଲି କୁହାଯାଉଥିଲା । କିନ୍ତୁ ଏବେ ସାମାଜିକ ଗଣମାଧ୍ୟମରେ ନିଜର ବିଭିନ୍ନ ପ୍ରକାରର କଣ୍ଟେଣ୍ଟ ବା ବିଷୟବସ୍ତୁ ପ୍ରଦର୍ଶିତ କରି ଯିଏ ଯେତେ ମିଲିୟନ ଭ୍ୟୁ, ଲାଇକ, କମେଣ୍ଟ ଓ ସେୟାର ନେଇଆସିପାରିଲା ସିଏ ହୋଇଗଲା ସେଲିବ୍ରିଟି ବା ଇନଫ୍ଲୁଏନ୍ସର ।

ତେବେ ସେ ଯାହା ବି ହେଉ ଜାତୀୟରୁ ଆଞ୍ଚଳିକସ୍ତର ଯାଏଁ ଅନେକ ଇନଫ୍ଲୁଏନ୍ସର ସାମ୍ନାକୁ ଆସୁଛନ୍ତି ଯାହାଙ୍କର ଫ୍ୟାନ ଫଲୋୟର ସଂଖ୍ୟା କୋଟି କୋଟିରେ ପହଁଚୁଛି । ଖାଲି ବିଡମ୍ବନାର ବିଷୟ ଏତିକି ଥାଏ ଯେ କିଛି ନିଜର ଅସଲ ପ୍ରତିଭା ଦେଖାଇ ଲୋକପ୍ରିୟ ଇନଫ୍ଲୁଏନ୍ସର ହେଉଥିବା



ବେଳେ ଆଉ କିଛି ଅଶ୍ଳୀଳ କଣ୍ଟେଣ୍ଟ ପ୍ରଦର୍ଶିତ କରି ଶସ୍ତା ଇନଫ୍ଲୁଏନ୍ସର ହୋଇଯାଉଛନ୍ତି, ଯାହାର ସମାଜ ଉପରେ ଅନେକ କୁପ୍ରଭାବ ପଡୁଛି । ଏବେ ଆମେ ଆସିବା ମୁଖ୍ୟ ଶୀର୍ଷକ ବିଷୟବସ୍ତୁ ଉପରକୁ ଯାହାର ନାଁ 'ସେଲିବ୍ରିଟି ବା ଲୋକପ୍ରିୟ ବ୍ୟକ୍ତିବିଶେଷଙ୍କ ଜୀବନଶୈଳୀ ଓ ସମାଜ ଉପରେ ଏହାର ପ୍ରଭାବ' । ଅନେକ କଥା ଚିନ୍ତାକରି ଏହି ଆଲେଖ୍ୟଟି ଉପସ୍ଥାପିତ କରୁଛି । ବିଶେଷ ଭାବେ ଏଠି ଉଲ୍ଲେଖ କରିବାକୁ ଚାହୁଁଛି ଯେ ଖୁବ କମ ସମୟ ଅର୍ଥାତ ମାତ୍ର ଦଶ ବର୍ଷର ଅବଧି ମଧ୍ୟରେ ଓଡ଼ିଶାର ଘରେ ଘରେ ଲୋକପ୍ରିୟ ହୋଇଥିବା ଗାୟକ ଶ୍ରୀ ହ୍ୟୁମାନ ସାଗରଙ୍କ ବିଷୟରେ । ମାତ୍ର ୩୪ ବର୍ଷ ବୟସରେ ଲିଭର ଶିରୋସିସ ଓ ମଲ୍ଟିପଲ ଅର୍ଗାନ ଫେଲୁଅର ହୋଇ ଭୁବନେଶ୍ୱର ସ୍ଥିତ ଏମ୍ସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସେ ଚାଲିଗଲା ପରେ ଅନେକ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି । ପରିବାର ଲୋକ ସମେତ ଅନେକ ଲୋକ କହୁଛନ୍ତି ମୃତ୍ୟୁର କାରଣ ନେଇ ତଦନ୍ତ ହେବା ଜରୁରୀ । କିନ୍ତୁ ମୁଖ୍ୟ କଥା ଯାହା ଓଡ଼ିଶାର ଜନସାଧାରଣଙ୍କ ଭିତରେ ଚର୍ଚ୍ଚା ହେଉଛି ତାହା ହେଉଛି ବିଗତ କିଛି ବର୍ଷ ଧରି ଓଡ଼ିଶାର କିଛି ଲୋକପ୍ରିୟ କଳାକାର ବିଶେଷଭାବେ ଲିଭର ଶିରୋସିସ କିମ୍ବା ଆନ୍ତରୀଣ ଅଙ୍ଗ ଅକ୍ଷମ ହେବା ଦ୍ୱାରା ଅକାଳ ରେ ଝଡ଼ିପଡୁଛନ୍ତି କିମ୍ବା ଖର୍ଚ୍ଚ ବହୁଳ ଚିକିତ୍ସା ମଧ୍ୟ ଦେଇ ଗତି କରୁଛନ୍ତି ଓ ଏହା ସିଧାସଳଖ ଇଙ୍ଗିତ କରୁଛି ସେମାନଙ୍କର ନିଶା ସେବନର ମାରାତ୍ମକ ଅଭ୍ୟାସ ଆଡକୁ । ପାରିବାରିକ କଳହ, ଚିନ୍ତା, ଡିପ୍ରେସନ ଇତ୍ୟାଦି ସମସ୍ତଙ୍କ ଘରେ ରହିଛି । ହଁ ଏହା ସତ ଯେ ସେଲିବ୍ରିଟିଙ୍କ ଜୀବନରେ କିଛି ବି ଘଟିଲେ ଗଣମାଧ୍ୟମ ଦ୍ୱାରା ଶୀଘ୍ର ଲୋକଲୋଚନକୁ ଆସିଯାଏ । ସେଥିପାଇଁ ଇନଫ୍ଲୁଏନ୍ସର କୁହନ୍ତୁ ବା ସେଲିବ୍ରିଟି କୁହନ୍ତୁ ସେମାନଙ୍କ ଦାୟିତ୍ୱ ବୋଧ ଆହୁରି ବଢିଯାଏ । କିନ୍ତୁ ସେସବୁ ନେଇ ସଚେତନତା ରଖିବା ତ ଦୂରର କଥା ସତେ ଯେମିତି ଏବେ ସେମାନଙ୍କ ଖାମଖିଆଲି ମନୋଭାବ ସମାଜର ବିଶିଷ୍ଟ ବର୍ଗ ବିଶେଷ କରି ଯୁବଗୋଷ୍ଠୀଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇ ସେମାନଙ୍କୁ ନୈତିକ ସ୍ତରରୁ ବିକଳାଙ୍ଗ କରୁଛି । ନିଜ ନିଜ କ୍ଷେତ୍ରରେ ସଫଳତାର ସିଡ଼ି ଚଢିସାରି ମଧ୍ୟ ବ୍ୟକ୍ତିଗତ କାରଣ ପାଇଁ ଡିପ୍ରେସନରେ ରହି ନିଶା ସେବନର ଶିକାର ହୋଇ ନିଜ ଦେହ ଖରାପ କରି ଦୁରାରୋଗ୍ୟ ରୋଗରେ ପଡି କିଏ ଚିକିତ୍ସିତ ହେଉଛନ୍ତି ତ ଆଉ କିଏ କଷ୍ଟ ଯନ୍ତ୍ରଣାରେ ଘାଣ୍ଟି ହୋଇ ଅକାଳରେ ମୃତ୍ୟୁ ବରଣ କରୁଛନ୍ତି ।ତେବେ କଥା ଉଠୁଛି ଯେ ଏହି ସେଲିବ୍ରିଟି ବା ଇନଫ୍ଲୁଏନ୍ସରମାନେ ସମାଜ ପ୍ରତି ନିଜ ଦାୟିତ୍ୱ ନେଇ ଜମା ସଚେତନ ନାହାନ୍ତି କିମ୍ବା ନିଜ ବ୍ୟକ୍ତିତ୍ୱକୁ ଏତେ ହାଲକା ଭାବରେ ନେଇଛନ୍ତି ଯେ ସେମାନଙ୍କୁ ଅନୁକରଣ ଓ ଅନୁସରଣ କରୁଥିବା ଯୁବପିଢ଼ିଙ୍କ ଉପରେ ତାଙ୍କର ଏହିଭଳି ଜୀବନଶୈଳୀର କିପରି ପ୍ରଭାବ ପଡିବ ସେକଥା ସେମାନେ ଜାଣି ମଧ୍ୟ ପାରୁନାହାନ୍ତି । ବିଡମ୍ବନାର କଥା ହେଉଛି ଏହାଦ୍ୱାରା କିଛି ଉଚ୍ଚସ୍ତରର ସଫଳ ମଣିଷମାନଙ୍କର ଖରାପ ଓ ବିଶୃଙ୍ଖଳିତ ଜୀବନଶୈଳୀ ଯେ କିପରି ସେମାନଙ୍କୁ ଅଧୋଗତି ଆଡକୁ ଟାଣି ନେଉଛି ତାହା ଆଜିର ସମାଜ ଆଖିରେ ଜ୍ୱଳନ୍ତ ଉଦାହରଣ ହୋଇ ଦେଖାଯାଉଛି । ନିଜ ନିଜ କ୍ଷେତ୍ରରେ ଏତେ ମାତ୍ରାରେ ସଫଳତା ପାଇ ମଧ୍ୟ ନିଜେ ମାନସିକ ରୂପରେ ସୁସ୍ଥ ରହିପାରୁଛନ୍ତି ନା ଶାରୀରିକ ଭାବରେ... !

ମୋଟାମୋଟି ଭାବେ ଏଠାରେ ଏହା କୁହାଯାଇପାରେ ଯେ ସମାଜର ଯେଉଁ ସଫଳ ବ୍ୟକ୍ତିବିଶେଷମାନଙ୍କୁ ଏ ଯୁବସମାଜ ବିଶେଷ ଭାବେ ଅନୁକରଣ କରୁଛି ସେହି ଅନୁକରଣଟି କେବଳ ତାଙ୍କ ପ୍ରତିଭା ପାଇଁ ରହୁ ଓ ସେମାନେ କିପରି ଜୀବନଶୈଳୀ ରଖୁଛନ୍ତି ସେସବୁ ପାଇଁ ନ ରହୁ ।

ଆଲେଖ୍ୟର ଶେଷ ଭାଗରେ କିଛି ନିରୋଳା ପ୍ରଶ୍ନ... ! ଏହି ତାରକାମାନଙ୍କ ନୈତିକ ଦାୟିତ୍ୱ ଆମ ସମାଜ, ରାଜ୍ୟ ଓ ଦେଶ ପ୍ରତି କଣ ରହିଛି ? ଏମାନଙ୍କର ଲକ୍ଷଲକ୍ଷ କୋଟିକୋଟି ଫ୍ୟାନ ଫଲୋୟର ଥାଇକି ବି ସେମାନେ କଣ ନିଜ ସାମାଜିକ ଦାୟିତ୍ୱ ଠିକେ ଭାବେ ପାଳନ କରୁଛନ୍ତି କି ? କଣ ସେମାନଙ୍କ ଦାୟିତ୍ୱ କେବଳ ସେମାନଙ୍କ ପ୍ରତିଭା ଦ୍ୱାରା ଫ୍ୟାନ ଫଲୋୟର ଯୋଡିବାରେ ସୀମିତ କି... ? କଣ ସେମାନଙ୍କ ଜୀବନଶୈଳୀ ବା ଲାଇଫ ଷ୍ଟାଇଲର ପ୍ରଭାବ ତାଙ୍କ ଫ୍ୟାନ ଫଲୋୟରଙ୍କ ଉପରେ ଗଭୀର ମାତ୍ରାରେ ପଡିପାରେ ବୋଲି ସେମାନେ ଭୁଲିଯାଇଛନ୍ତି କି... ? ପରିଶେଷରେ ଏତିକି କୁହାଯାଇପାରେ ଯେ ସେଲିବ୍ରିଟି ବା ଇନଫ୍ଲୁଏନ୍ସରମାନଙ୍କୁ ଭଲ ପାଇବା ବା ତାଙ୍କ ବ୍ୟକ୍ତିତ୍ୱ ପ୍ରତି ଆକର୍ଷିତ ହେବା ମନ୍ଦ ନୁହେଁ କିନ୍ତୁ ଅନ୍ଧ ଭାବେ ଫଲୋ ନ କରିବା ବା ବିଶେଷଭାବେ ସେମାନଙ୍କ ଜୀବନଶୈଳୀକୁ ଫଲୋ ନ କରିବା ହିଁ ସମାଜ ପ୍ରତି ମଙ୍ଗଳପ୍ରଦ ହେବ । ଯେତେବେଳେ ଆମେ କିଛି ଲୋକଙ୍କୁ ତାରକା ବା ସେଲିବ୍ରିଟିର ଆଖ୍ୟା ଦେଇଛନ୍ତି ତେବେ ସେଠାରେ ତାଙ୍କର ପ୍ରତିଭା କଥା ଯେତିକି ଆସୁଛି ସେତିକି ତାଙ୍କର ଆଚାର, ବ୍ୟବହାର, ଜୀବନଶୈଳୀର ପ୍ରଭାବ ତଥା ସାମାଜିକ ଦାୟିତ୍ୱ ଓ ନୈତିକତାର କଥା ମଧ୍ୟ ସେତିକି ଆସୁଛି ଯାହାର ବିଚାର କରିବା ନିହାତି ଆବଶ୍ୟକ । ଏକ ସୁସ୍ଥ ସମାଜ ଓ ଦେଶ ପାଇଁ ଏହା ଅନିର୍ବାର୍ଯ୍ୟ ।

ସାମ୍ବାଦିକ ଓ ଉପସ୍ଥାପକ
ଭୁବନେଶ୍ୱର,ସାମ୍ବାଦିକ ଓ ଉପସ୍ଥାପକ
ଭୁବନେଶ୍ୱର

# ନିରନ୍ତର ନିଷ୍ଠା ଏକାନ୍ତ ଆବଶ୍ୟକ

**ମାୟାଧର ନାୟକ**

ଏବେ ଶୁଣନ୍ତୁ ଭିଏତନାମର ସେଇ ଝିଅଟି କଥା । ଭିଏତନାମ ଓ ଆମେରିକା ମଧ୍ୟରେ ଯୁଦ୍ଧ ଚାଲିଛି । ଭିଏତନାମ ଆମ ଓଡିଶା ଭଳିଆ ଗୋଟିଏ ଛୋଟିଆ ରାଜ୍ୟ ନୁହେଁ ତ ଦେଶ । ସେଠାର ଅଧିବାସୀମାନେ ଗରିବ, ଚାଷୀ, ମୂଲିଆ । କିନ୍ତୁ ସେମାନେ ସଂଗ୍ରାମୀ, ବିପ୍ଳବୀ, ସମାଜବାଦୀ । ସେଇ ଦେଶକୁ ଆମେରିକା ଦଖଲ ନବା ପାଇଁ ଘମାଘୋଟ ଯୁଦ୍ଧ କରୁଥାଏ । ଭିଏତନାମ ଗାଁ, ଗଣ୍ଡା, ସହର ଭିତରେ ପଶିଯାଇଥାଏ । ଆମେରିକାର ସୈନ୍ୟବାହିନୀ ଗାଁ ଗଣ୍ଡାରେ ପଶି ଲୋକଙ୍କୁ ଧରିଆଣନ୍ତି । ଏପରିକି ସୁନ୍ଦରୀ ଝିଅମାନଙ୍କୁ ଧରିଆଣି ବଜାର, ହାଟ ମଝିରେ ଲଙ୍ଗଳା କରି ଗୋଡକୁ ଉପରକୁ ଟାଙ୍ଗି ତାଙ୍କ ସମ୍ବେଦନଶୀଳ ସ୍ଥାନରେ ବନ୍ଧୁକର ମୁନ ଖେଂଚନ୍ତି । ପରିସ୍ରାଦ୍ୱାର ଠାରୁ ଆରମ୍ଭ କରି ଆଖି ପର୍ଯ୍ୟନ୍ତ ବନ୍ଧୁକ, ତେଂଟା, ଛୁରୀରେ ଆଘାତ କରନ୍ତି । ବିକଳରେ ବହୁ ଝିଅଙ୍କର ଜୀବନ ସେଇଠି ଚାଲିଯାଏ । ଏହାକୁ ଶହଶହ ଲୋକ ଦେଖୁଥିଲେ ମଧ୍ୟ ପ୍ରତିବାଦ କରିପାରନ୍ତି ନାହିଁ । ଯିଏ ପ୍ରତିବାଦ କଲା, ତା'ର ପୁରସ୍କାର ମୃତ୍ୟୁଦଣ୍ଡ ।ଲୋକଙ୍କୁ ଡରାଇବା ପାଇଁ ଆମେରିକାସୈନ୍ୟବାହିନୀର ଥିଲା ଏ ବୀଭତ୍ସ କାଣ୍ଡ । ଗାଁ ଭିତରେ ଘରେ ଘରେ ପଶି ଝିଅବୋହୂ ମାନଙ୍କୁ ଉଠାଇ ଆଣୁଥିଲେ । ସେମାନଙ୍କୁ ବଳାତ୍କାର କରି କ୍ଷତବିକ୍ଷତ କରିଦେଉଥିଲେ । ଲଜ୍ଜା, ଦୁଃଖ ଯନ୍ତ୍ରଣାରେ ବହୁ ଝିଅ ଆତ୍ମହତ୍ୟା କରୁଥିଲେ ।

ଥରେ ଗୋଟିଏ ସୁନ୍ଦରୀ ଝିଅକୁ ସେମାନେ ଧରିଆଣି ସର୍ବସମ୍ମୁଖରେ ଉଲଗ୍ନ କରି ଉପଭୋଗ କଲେ । ଶେଷକୁ ଫିଙ୍ଗିଦେଇ ଚାଲିଗଲେ । ସେ ଝିଅଟି ସମସ୍ତଙ୍କୁ କହିଲା – ଚାଲ, ଏହାର ମୁକାବିଲା କରିବା । ହଠାତ୍ କେହି ରାଜି ହେଲେନି । ସେ କିନ୍ତୁ ନିଷ୍ପତିନେଲା ଆତ୍ମହତ୍ୟା କରିବନି । ବଂଚିଥିଲା ପର୍ଯ୍ୟନ୍ତ ଲଢିବ, ଆମେରିକାସୈନ୍ୟକୁ ମାରିବ । ଏଇ ବିଚାର ନେଇ ସେ ହୋଚିମିନ୍‌ଙ୍କ ଭିଏତନାମ୍ କମ୍ୟୁନିଷ୍ଟ ପାର୍ଟିର ସ୍ଥାନୀୟ ନେତାଙ୍କ ପାଖରେ ପହଂଚିଲା । ତାକୁ ସର୍ବୋଚ୍ଚ ନେତାଙ୍କ ପାଖକୁ ନେଇଗଲେ । ବହୁ ଆଲୋଚନାହେଲା ପରେ ନେତା ନିର୍ଦ୍ଦେଶ ଦେଲେ – ଯାଅ, ଜଙ୍ଗଲ ଭିତରେ ଅମକ ବାହିନୀ ସାଙ୍ଗେ ଯୋଗ ଦିଅ ।

ସେ ଝିଅଟିକୁ ଜଙ୍ଗଲକୁ ପଠାଇ ଦିଆଗଲା ନିର୍ଦ୍ଦିଷ୍ଟ ବାହିନୀ ପାଖକୁ । ସେଠାରେ ରାତିଦିନ ଟ୍ରେନିଂ ନେଲା । ସେଇଠି ସବୁ ପୁଅ-ଝିଅ ମିଶି ଯୁଦ୍ଧର ଆଦବକାଇଦା ସମେତ ଯୁଦ୍ଧକୌଶଳ ଶିଖିଗଲେ । ତାକୁ ପ୍ରଥମ ପରୀକ୍ଷା ପାଇଁ ଏକା ଏକା ଜଙ୍ଗଲ ଭିତରକୁ ଛାଡି ଦିଆଗଲା। କୁହାଗଲା – ତୁମେ ଏଇଠିସେଇ ଜଙ୍ଗଲ ଭିତରେ ରାସ୍ତାରେ ଯାଉଥିବା ଆମେରିକାସୈନ୍ୟଙ୍କୁ ହତ୍ୟା କର ।

ସେ ଝିଅଟି ଜଙ୍ଗଲ ଭିତରେ ରାସ୍ତାକଡରେ ଯାଇ ଏକ ଶକ୍ତ ଦଉଡିରେ ଅଠା ସାହାଯ୍ୟରେ କାଚଗୁଣ୍ଡ ମିଶାଇ ବୋଳିଦେଲା । ରାସ୍ତାର ଗୋଟିଏ ମୁଣ୍ଡ ବଡ଼ଗଛରେ ଗୋଟିଏ ଦଉଡି ବାନ୍ଧିଦେଲା ଆଉ ରାସ୍ତାର ଆରକଡରେ ଦଉଡିର ଅନ୍ୟ ମୁଣ୍ଡ ଧରି ଲୁଚି ରହିଲା । ଦଉଡିଟି ରାସ୍ତାରେ ପଡିରହିଲା । ଜଙ୍ଗଲର ଗଛପତ୍ର, ଘାସ ରଙ୍ଗ ଭଳି ଦଉଡିର ରଙ୍ଗ ଦେଖାଗଲା। ଆମେରିକାସୈନ୍ୟମାନେ ମଟର ସାଇକେଲରେ ମେଡିସିନ୍, ଅନ୍ୟାନ୍ୟ ସାମଗ୍ରୀନେଇ ୧୦/୧୫ ଜଣିଆ ଦଳ ବାନ୍ଧି ସେଇ ରାସ୍ତାରେ ଯାଆନ୍ତି । ଏହାକୁ ସେ ଦୁଇଦିନ ଧରି ନିରୀକ୍ଷଣ କରିଥିଲା । ଶେଷରେ ଉପଯୁକ୍ତ ମୁହୂର୍ତ୍ତକୁ ଅପେକ୍ଷା କରି ରହିଲା । ଆମେରିକା ସୈନ୍ୟମାନେ ଦ୍ରୁତଗତିରେ ଯିବାବେଳେ ଠିକ୍ ସମୟରେ ଦଉଡିଟିକୁ ଟାଣିଦେଲା । ତତ୍‌କ୍ଷଣାତ୍ ୭/୮ ଜଣ ଆମେରିକାସୈନ୍ୟଙ୍କ ମୁଣ୍ଡ ଗଣ୍ଡିରୁ ଅଲଗାହୋଇଗଲା। ଏ ଖବର ବ୍ୟାପିଗଲା ପରେ ସେଇ ଝିଅଟି ହେଲା ଏକ ବିରାଟ ବାହିନୀର କମାଣ୍ଡର । ତା' ନେତୃତ୍ୱରେ ଭିଏତନାମ ଯୁଦ୍ଧ ଆଗେଇ ଚାଲିଲା ।

କୂଅ ଭିତରେ ଥିବା ବେଙ୍ଗ ଦେଖିବାକୁ ତ୍ରିପଣ୍ଡ କଳା ଏବଂ ନଡନଡିଆ ପତଳା । କୂଅ ଭିତରେ ଯାହା ଖାଦ୍ୟ ପଡେ ସେଇ ଖାଦ୍ୟକୁ ଖାଇ ବଂଚିରହିଥାଏ । ସମୁଦ୍ର ବେଙ୍ଗ ହଳଦିଆ, ଥୁକୁଲ୍‌ଥାକୁଲ୍, ଚାଲାକ୍ ଚତୁର, ଲମ୍ୱାଚଉଡା ବି । ଥରେ ସମୁଦ୍ର ବେଙ୍ଗ ଖବର ପାଇ କୂଅ ପାଖକୁ ଆସି ତା' ଜାତିଭାଇମାନଙ୍କୁ କହିଲା – ଭାଇଭଉଣୀମାନେ, କାହିଁକି ଏ ଅନ୍ଧାର ଭିତରେ କୂଅରେ ଖାଦ୍ୟ ଅଭାବରେ ପଡିରହିଛ । ଉପରକୁ ଆସ, ସମୁଦ୍ରକୁ ଯିବା, ସେଇଠି ଆରାମରେ ବୁଲିବା, ଖାଦ୍ୟ ପାଇବା, ପବନ ପାଇବା, ନାଚିବା, କୁହାଟ ମାରିବା ।

କୂଅ ବେଙ୍ଗମାନେ କହିଲେ – ଇଏ ଆମକୁ ବଡ଼ ଚାଲାକରେ ଡାକି କହୁଛି ମାରିଦେବ । କେହି ଯିବାକୁ ରାଜି ହେଲେନାହିଁ । ସମୁଦ୍ର ବେଙ୍ଗ କିନ୍ତୁ ହତାଶ ନହୋଇ ବୁଝେଇ ଶୁଝେଇ ଜଣକୁ ଡାକିନେଲା । ସେ ନଡନଡିଆ କଳା ବେଙ୍ଗଟା ୭ ଦିନ ସମୁଦ୍ରରେ ଚରି ବୁଲି ଖାଇ ତା' ରୂପ ବଦଳିଗଲା । ମୋଟାସୋଟା ହୋଇଗଲା । ସମୁଦ୍ର ବେଙ୍ଗ ତାକୁ କହିଲା – ଏଥର ଯାଅ, ତମ ଭାଇଭଉଣୀମାନଙ୍କୁ କୁହ ।

ସେ ଯେତେବେଳେ ତା ଭାଇଭଉଣୀମାନଙ୍କ ପାଖକୁ ଆସିଲା ସମସ୍ତେ ତାକୁ ଦେଖି ଆଶ୍ଚର୍ଯ୍ୟ, ପଚାରିଲେ – ତୋର ଏ ରୂପ କେମିତି ହେଲା ? ସେ ସବୁ କଥା ବଖାଣିଲା । ତା'ପରେ କୂଅରୁ ସବୁ ବେଙ୍ଗ ବାହାରି ସମୁଦ୍ରମୁହାଁ ହେଲେ ।

ଏ ବେଙ୍ଗ ଉପଖ୍ୟାନ ଶୁଣାଇବାର ଅର୍ଥ ହେଲା – ତୁମେ ତୁମର ଭାଇଭଉଣୀମାନଙ୍କୁ ଯେତେ ବୁଝାଇବ ସେ ବୁଝିବେ ନାହିଁ କି ଆସିବେ ନାହିଁ । କିନ୍ତୁ ଗାଁରୁ ସାହିରୁ ଜଣ ଜଣକୁ ଯଦି ବୁଝାଇ ଆଣିପାର, ସେଇ ୧ରେ ଶୂନ ବସିଲେ ୧୦, ୧୦ରେ ଶୂନ ବସିଲେ ୧୦୦, ୧୦୦ରେ ଶୂନ ବସିଲେ ୧୦୦୦, ଏଇଭଳି ଶେଷକୁ ଲକ୍ଷ ଲକ୍ଷ, କୋଟି କୋଟି ଲୋକ ଆସିବେ । ମାତ୍ର ଏଥିପାଇଁ ନିରନ୍ତର ନିଷ୍ଠା ଏକାନ୍ତ ଆବଶ୍ୟକ ।

ହଁ, ଆଉ ଗୋଟେ କଥା ଶୁଣ । ଲୋକଙ୍କୁ ବୁଝାଇଲାବେଳେ, କଥା କହିଲାବେଳେ ସତର୍କତା ଅବଲମ୍ବନ କରିବ । ଏଇ କଥାରେ ବିଷ, ଏଇ କଥାରେ ଅମୃତ । କଥା କହିଜାଣିଲେ ସବୁ ସୁନ୍ଦର । କଥାରେ ଓଲମବିଲମ୍ କଲେ ସବୁ ଗଣ୍ଡଗୋଳ । ତମେ ବେଶି କଥା ନକହି ଲୋକମାନେ କ'ଣ କହୁଛନ୍ତି ଭଲ ଭାବେ ଶୁଣ । ତାଙ୍କ ଅଭାବ, ଅଭିଯୋଗ, ଦୁଃଖ, ଯନ୍ତ୍ରଣା, ଭାଷା ଶିଖ । ତାଙ୍କରି ଭାଷାରେ ତମ ନୀତି, ଆଦର୍ଶ କଥା କୁହ । ଖାଲି ଗୁଡାଏ ଗପିଗଲେ ଲୋକ ହଁ, ହୁଁ ମୁଣ୍ଡ ଟୁଙ୍ଗାରିବେ ସିନା, କିନ୍ତୁ ବୁଝିବା କଷ୍ଟ ହେବ । ଧୈର୍ଯ୍ୟର ସହ ଶୁଣିବ, ତାଙ୍କ ଭାଷା ଶିଖିବ, ଅଳ୍ପ କଥା କହି ସେମାନଙ୍କୁ ନିଜ ଆଡକୁ ଟାଣି ଆଣିବ । କଣ୍ଠସ୍ୱରର ମାତ୍ରା ମଧ୍ୟ ବେଳେବେଳେ ଠିକ୍ କଥାକୁ ଭୁଲ କରିଦିଏ । ତମ ଉଚ୍ଚାରଣ ଯଦି ଠିକ୍ ଥାଏ, ତା'ହେଲେ ସବୁ ଠିକ୍ । ଉଚ୍ଚାରଣରେ ଗଣ୍ଡଗୋଳ ଥିଲେ ସେଇଠି ସବୁ ବିଭ୍ରାଟ ଘଟେ ।

ଏବେ ଆଉ ଗୋଟିଏ ପ୍ରଶ୍ନ ପଚାରୁଛି – ସାଧାରଣ ପ୍ରଶ୍ନ – ଯଦି ଆଜି ଚକ ନ'ଥାଆନ୍ତା, ତା'ହେଲେ ସଭ୍ୟତା କ'ଣ ଆଗକୁ ବଢ଼ି ପାରିଥାଆନ୍ତା କି ? ଏବେ ଆଖିଆଗରେ ମାଳମାଳ ଚକ । ହେଲେ ଆମେ ଗାଡ଼ିରେ ବସୁଥିବା ଲୋକମାନେ ତା'ତଳେ ଥିବା ଚକ କଥାଟାକୁ କେବେହେଲେ ମୁଣ୍ଡକୁ ଆଣୁନଥାଉ । ଅଧବାଟରେ ଯଦି ଗୋଟିଏ ଚକ ବି ହଠାତ୍ ବିଗିଡି ଯାଏ ତ ଆମ ଅକଲ ଗୁଡୁମ୍ । ଏଇ ଅକଲକୁ ନକଲ କରି ଆମ ଜୀବନ, ଆମ ସଭ୍ୟତା, ଆମ ସଂସ୍କୃତି, ଆମ ଦର୍ଶନ, ଆମ ବୁଦ୍ଧି, ଆମ ବିଚାର – ସବୁକିଛି ଗତିଶୀଳ । ତେଣୁ ଅସଲ ମଣିଷ ହେବାପାଇଁ ହେଲେ ଆଗ ଦରକାର ଏଇ ଅକଲ ।

ଏଇ ଚକ ଉଦ୍‌ଭାବକ୍ ଜର୍ଜ କେଲୀଙ୍କୁ ଆଜି ଏହି ମୁହୂର୍ତ୍ତରେ ନୀରବରେ ଟିକିଏ ନମ୍ର ନମସ୍କାର କରନ୍ତୁ। ଜର୍ଜକେଲୀଙ୍କ ମୁଣ୍ଡରେ ଚକପ୍ରସ୍ତୁତି ପାଇଁ ଦିନେ ଅକଲ ପଶିଲା । ସେ ରାତିଦିନକୁ ସମାନ କରି ଚକ ଉଦ୍‌ଭାବନରେ ଲାଗିଗଲେ । ଘରଦ୍ୱାର ସଂପତିବାଡି ବିକିଦେଇ ପୂରାଦେବାଳିଆ ବନିଗଲେ । ପରିବାରରୁ ତୀବ୍ର ବିରୋଧ ହେଲା । ସେଦିନର ସମାଜ ତାଙ୍କୁ ରାସ୍ତାକଡରେ ଆଙ୍ଗୁଠି ଦେଖାଇ 'ପାଗଳ' ଉପାଧି ଉପହାର ଦେଲା । ସେ କିନ୍ତୁ ତାଙ୍କ ନିରନ୍ତର ନିଷ୍ଠାରୁ ତିଳାର୍ଦ୍ଧ ବିଚ୍ୟୁତ ହେଲେନାହିଁ । ଦିନେ କିନ୍ତୁ ତାଙ୍କର ଧୈର୍ଯ୍ୟଚ୍ୟୁତି ହେବାରୁ ବିରକ୍ତ ହୋଇ ଚକ ଉଦ୍‌ଭାବନ ପାଇଁ ଯୋଗାଡ କରିଥିବା ଯନ୍ତ୍ରପାତିଗୁଡାକୁ ନିଆଁରେ ପୋଡିଦେବାକୁ ବାହାରିଲେ । ହେଲେ ସେଇ ଅକଲ ତାଙ୍କୁ ପୋଡିବା ପୂର୍ବରୁ ଆଉଥରେ ଚେତାଇଦେଲା – ଆଉ ଟିକିଏ ଧୈର୍ଯ୍ୟ, ଆଉ ଟିକିଏ କଷ୍ଟ, ଆଉ ଟିକିଏ ସମୟକୁ ଅପେକ୍ଷା କଲେ କ୍ଷତି କଣ ? ସେ ତାଙ୍କ ଆତ୍ମସତାର ଏ ଅନ୍ତଃସ୍ୱରକୁ ନିବିଷ୍ଟ ଭାବରେ ଶୁଣିଲେ । ତାଙ୍କ ସାଧନାରେ ଶେଷସ୍ପର୍ଶଦେଲେ । ସଫଳ ହେଲେ ।

ଆଜି ସେ ମହାନ୍ ବୈଜ୍ଞାନିକ ନାହାଁନ୍ତି ସତ, କିନ୍ତୁ ତାଙ୍କ ଚକ-ଚେତନା ସାରା ସଂସାରକୁ ଦେଇଛି ଗୋଟିଏ ଦୁର୍ମୂଲ୍ୟ ଗତିତତ୍ତ୍ୱ। ମୋର କହିବାର କଥା – ଆମେ ପ୍ରଗତିପଥର ଯେକୌଣସି ଗଳିମୋଡରେ ଆମର ଯାତ୍ରା ସ୍ଥଗିତ ନକରି ଆଗକୁ ବଢିବାକୁହେଲେ ଏହି ଗତିତତ୍ତ୍ୱର ମର୍ମଟିକୁ ମର୍ମେ ମର୍ମେ ସୁମରଣା କରିବା ବାଂଛନୀୟ । ବହୁତ ଉଦାହରଣ ଦେଇ କହିଲି – କହିବାର ଉଦ୍ଦେଶ୍ୟ ଯେ, ଆପଣମାନଙ୍କ ଭିତରୁ ଜଣେ ଜଣେ ଚାହିଁଲେ ବି ଏ ଦୁନିଆକୁ ପରିବର୍ତ୍ତନ କରିବାର ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ । ତେଣୁ ଜନ୍ମ ଯେତେବେଳେ ହେଇଛ ଏ ଧରାପୃଷ୍ଠରେ, ମୃତ୍ୟୁ ବି ଦିନେ ହେବ ଏ ଧରାପୃଷ୍ଠରେ । ଏ ଜନ୍ମ ମୃତ୍ୟୁ ଭିତରେ ଯଦି କିଛି ଏଭଳି କାର୍ଯ୍ୟ କରିଯିବ, ତମ ଜୀବନ ସାର୍ଥକ ହେବ ଏବଂ ଲୋକମାନେ ତମ ସଫଳ ସ୍ୱପ୍ନର ଜୟଜୟକାର କରିବେ । ତେଣୁ ତମେ ବର୍ତ୍ତମାନ ଗାଁ ଭଳି ସହର ବଜାର ଲୋକମାନଙ୍କ ପାଖକୁ ଯାଇ ସେମାନଙ୍କୁ ଏଇ ଭୋକ, ରୋଗ, ରାଗବିରୋଧୀ ଯୁଦ୍ଧଯାତ୍ରାରେ ଯୋଗଦେବାକୁ ଡାକିଆଣ । ତୁମେ ଭାବୁଛ ଯେତେ କହିଲେ ବି ଲୋକ କ'ଣ କିଛି ବୁଝୁଛନ୍ତି ! ନା ଆସୁଛନ୍ତି ! ଖାଲି ହାତ ପତଉଛନ୍ତି । ମରୀଚିକା ପଛରେ ଗୋଡେଇଛନ୍ତି । ତତଲା ବାଲିରେ ଜୀବନ ଚାଲିଯାଉଛି, ତଥାପି ବୁଝୁନାହାଁନ୍ତି ।

ଯାଜପୁର ରୋଡ, ଯାଜପୁର,ମୋ : ୯୮୬୧୦୩୪୧୬୩

# ସଦଗୁରୁଙ୍କୁ ପାଇ ମଧ ଜୀବନ ଫୁଟି ଉଠେନା କାହିଁକି ?

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ସଦଗୁରୁ ହେଉଛନ୍ତି ସ୍ୱର୍ଗୀୟ ଦିବ୍ୟ ଚେତନାର ଏକ ସ୍ଥୂଳ ରୂପ । ବାସ୍ତବରେ ଭକ୍ତମାନେ ପ୍ରଥମେ ସଦଗୁରୁଙ୍କର ସ୍ଥୂଳରୂପକୁ ପୂଜା କରିଥାନ୍ତି । ହିନ୍ଦୀ ଭାଷାରେ ସାକାରର ଅର୍ଥ ହେଉଛି ଯାହାର ଏକ ନିର୍ଦ୍ଦିଷ୍ଟ ଆକାର ଅଛି ଏବଂ ସଗୁଣ ଅର୍ଥ ଦିବ୍ୟ ସ୍ୱଭାବ ସଂପନ୍ନ । ଆମ ଭିତରୁ ଅନେକଙ୍କ ଭିତରେ ଜିଜ୍ଞାସା ହୋଇଥାଏ ଯେ ସଦଗୁରୁ ଯେପରି ସଗୁଣ ସାକାର ମନ୍ଦିରରେ ପୂଜା ପାଉଥିବା ବିଗ୍ରହ ମଧ୍ୟ ସେହିପରି ସାକାର । ତେବେ ଏହି ଦୁଇଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ଓ ଏମାନଙ୍କ ପୂଜାରେ ଭିନ୍ନତା କ'ଣ ଅଛି ? ବିଗ୍ରହ ଏବଂ ସଦଗୁରୁଙ୍କ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଉଛି ବିଗ୍ରହ ଗୁଡ଼ିକ ନିର୍ଜୀବ ପଦାର୍ଥ ଯଥା ପଥର, ଧାତୁ ବା ଅନ୍ୟ ପଦାର୍ଥରେ ତିଆରି ହୋଇଥିବାବେଳେ ସଦଗୁରୁ ଜୀବନ୍ତ ତଥା ଚିଦାନନ୍ଦ ଦିବ୍ୟତ୍ୱର ଅଧିକାରୀ । ସେଥିପାଇଁ ବିଗ୍ରହ ମାନଙ୍କର ପ୍ରତିଷ୍ଠା ବେଳେ ପ୍ରାଣ ପ୍ରତିଷ୍ଠା କରାଯାଏ ଏବଂ ସେ ବିଗ୍ରହରେ ପ୍ରାଣ ସଂଚାର କରିବା ପାଇଁ ପୂଜକ ପ୍ରାଣମନ୍ତ୍ର ଉଚ୍ଚାରଣ କରିଥାନ୍ତି । ସେହିପରି ଯେତେବେଳେ ମନ୍ଦିରକୁ ହଜାର ହଜାର ଭକ୍ତ ଯାଇ ସେମାନଙ୍କ ଆଧାତ୍ମିକ ଭାବନାରେ ବିଗ୍ରହ ଗୁଡ଼ିକୁ ପୂଜା କରନ୍ତି, ସେତେବେଳେ ସେ ବିଗ୍ରହରେ ଦିବ୍ୟତ୍ୱର ସଂଚାର ହୁଏ ଓ ଐଶ୍ୱରୀୟ ଶକ୍ତିର ମଧ୍ୟ ସଂଚାର ହୁଏ । ତେବେ ସଦଗୁରୁ ଏବଂ ବିଗ୍ରହଙ୍କ ମଧ୍ୟରେ ଅନ୍ୟ ଏକ ପାର୍ଥକ୍ୟ ହେଉଛି ବିଗ୍ରହଙ୍କ ଠାରୁ ଆଶୀର୍ବାଦ ପାଇବାକୁ ହେଲେ ପୂଜା ପ୍ରାର୍ଥନାର ଆବଶ୍ୟକ ହେଉଥିବାବେଳେ ବିନା ପୂଜାରେ ସଦଗୁରୁଙ୍କ ଆଶିଷ ମିଳିଥାଏ । ସେହିପରି ଈଶ୍ୱରଙ୍କୁ ଉପଲବ୍ଧି କରିଥିବା ସଦଗୁରୁ ତାଙ୍କର ଦିବ୍ୟ ଅନୁଭବ ସହ ଭକ୍ତଙ୍କୁ ସଂଯୋଜିତ କରିପାରନ୍ତି । କିନ୍ତୁ ଗୋଟିଏ ବିଗ୍ରହ ମାଧ୍ୟମରେ ଦିବ୍ୟତ୍ୱକୁ ପ୍ରାପ୍ତ ହେବା ସମ୍ଭବ ନୁହେଁ । କଥା ପ୍ରସଙ୍ଗରେ ଜଣେ ଜିଜ୍ଞାସା କଲେ – ସଦଗୁରୁଙ୍କୁ ପାଇ ମଧ୍ୟ ଅନେକଙ୍କର ଜୀବନ ସେଭଳିଆ ଫୁଟି ଉଠେ ନାହିଁ । ସେଠାରେ କ'ଣ ବୁଝିବାକୁ ହେବ, ସେ ଠିକ ମତ ଧରି ନାହିଁ? ଶ୍ରୀ ଶ୍ରୀ ଠାକୁର – ତାର ମାନେ ସେ ପାଇନାହିଁ, ସଦଗୁରୁ ତାର ପ୍ରାପ୍ତ ହୋଇ ନାହିଁ । ଆପ୍ତ ହୋଇ ନ ଉଠିଲେ ସେ ଇଷ୍ଟାର୍ଥ ପରାୟଣ ହୋଇ ଉଠେନା । ଉକ୍ତ ବ୍ୟକ୍ତି – ଅନୁରାଗ ଛାଡ଼ା ସେ କ'ଣ ଅନ୍ୟ ଭାବରେ ଆପ୍ତ ହୁଅନ୍ତି ନାହିଁ? କେହି ଯଦି ଆର୍ତ୍ତ ହୁଏ ? ଶ୍ରୀ ଶ୍ରୀ ଠାକୁର – ଯେମିତି କଲେ ଆପ୍ତ ହୁଏ, ସେମିତି ନ କଲେ କି ଆପ୍ତ ହେବ ? ଆର୍ତ୍ତ ହୋଇ ଆପ୍ତ ମନେ କଲେ ଦୁଇ ପଇସା ପାଇ ହିଁ ଖୁସି ହୋଇଯାଏ । ତାଙ୍କ ପାଇଁ କରିବାର ନିଶା ହୁଏ ନାହିଁ । ଅନୁରାଗ ବ୍ୟତୀତ କ'ଣ ହୁଏ ? କାହାର ଅନୁରାଗ ଯଦି ଗଜାଏ, ଆଉ ସେ ଯଦି ଜଣେ ବିରାଟ ମଣିଷ ବି ହୁଏ, ଏବଂ ତିନି ବେଳା ଯଦି ସେ ଜୋତା ବି ଖାଏ, ତଥାପି ପାଖରେ ଥିଲେ କେତେ ଲୋକ ତାଙ୍କୁ କେତେ ଲାଞ୍ଛନା, ଅପମାନ କରିଛନ୍ତି । କେତେ ସନ୍ଦେହ କରିଛନ୍ତି କିନ୍ତୁ ସେ ତାଙ୍କର ଇଷ୍ଟାର୍ଥପରାୟଣ ଉଦ୍ଦେଶ୍ୟରୁ ଏକ ଚୂଳ ବି ନଡ଼ି ନାହିଁ । ଏହାକୁ କୁହାଯାଏ ଆପ୍ତ ହେବା । ଏହାକୁ କୁହାଯାଏ ଅନୁରାଗ । ସଦଗୁରୁଙ୍କ ସୂକ୍ଷ୍ମଶକ୍ତି ଅନେକ ଭୂମିକା ନିର୍ବାହ କରେ । କିନ୍ତୁ ସେ ସବୁକୁ ସାଧାରଣ ସ୍ଥୂଳଭାବେ ବ୍ୟାଖ୍ୟା କରିବା ସହଜ ନୁହେଁ । ସଂକ୍ଷେପରେ କେବଳ ଏତିକି କୁହାଯାଇପାରେ ଯେ, ଭକ୍ତ ଜୀବନର ବିଭିନ୍ନ ସମୟରେ, ବିଭିନ୍ନ ସ୍ଥାନରେ ଏବଂ ବିଭିନ୍ନ ପର୍ଯ୍ୟାୟରେ ସଦଗୁରୁ ତାଙ୍କ ଦିବ୍ୟଶକ୍ତିର ପ୍ରୟୋଗ କରିଥାନ୍ତି । ପରିଶେଷରେ ଗୁରୁ ହିଁ ଶିଷ୍ୟକୁ ନିଜ ପ୍ରତି ଆକର୍ଷିତ କରିଥାନ୍ତି । ଏଥିପାଇଁ ଗୁରୁ ହିଁ ଉପଯୁକ୍ତ ସମୟ ଓ ଉପଯୁକ୍ତ ପ୍ରଣାଳୀ ନିର୍ଣ୍ଣୟ କରିଥାନ୍ତି । ଗୁରୁଙ୍କର ଏହି ଶକ୍ତି, ଶିଷ୍ୟ ନିକଟରେ ଭାବନାର ତରଙ୍ଗ ଦେଇ ପହଞ୍ଚି ଯାଏ । ଏହି ତରଙ୍ଗର ସ୍ପର୍ଶରେ ଶିଷ୍ୟ ଆହ୍ଲାଦିତ ହୋଇପଡ଼େ ଏବଂ ଗୁରୁଙ୍କ ପ୍ରତି ଆକର୍ଷିତ ହୋଇଯାଏ । ଯାହାଫଳରେ ସଦଗୁରୁଙ୍କ ସାନ୍ନିଧ ଲାଭ ପାଇଁ ତା' ଭିତରେ ପ୍ରବଳ ଉତ୍କଣ୍ଠା ଜାଗେ । ହୃଦୟରେ ଏହି ବିଶୁଦ୍ଧ ନବପୁଲକ ଜାତ ହେଲେ, ସେ ଗୁରୁଙ୍କର ଆହୁରି ନିକଟତର ହୋଇଯାଏ । ତାପରେ ପରିସ୍ଥିତି ଏପରି ହୁଏ, ଯେତେବେଳେ ଶିଷ୍ୟ ଆପଣାଛାଏଁ ଗୁରୁଙ୍କ ନିକଟକୁ ଟାଣି ହୋଇଯାଏ । ବେଳେବେଳେ ଗୁରୁ ତାଙ୍କର ଭାବନା ତରଙ୍ଗ ମାଧ୍ୟମରେ ଶିଷ୍ୟକୁ ଏହି ଆକର୍ଷଣର ବାର୍ତ୍ତା ପ୍ରେରଣ କରିଦେଇ ତା'ର ଆଗମନ ପର୍ଯ୍ୟନ୍ତ ଅପେକ୍ଷା କରିଥାନ୍ତି ।

ସହ-ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ରସିକିଆ ଶିକ୍ଷକଙ୍କୁ ଗ୍ରାମବାସୀ ଦ୍ୱାରା ନିସ୍ତୁକ ମାଡ଼ ଥାନାରେ ମାମଲା ରୁଜୁ

ଆସିକା, (ମହାଭାରତ) : ଆସିକା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧୀନ ବାଲିଛାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୂର୍ଯ୍ୟ ନାରାୟଣ ନାହାକ ଙ୍କ ନାମରେ ଆସିଛି ସଙ୍ଗୀନ ଅଭିଯୋଗ। ଏହି ରସିକିଆ ଶିକ୍ଷକ ଜଣକ ନିଜ ବିଦ୍ୟାଳୟରେ ଶିକ୍ଷାରତ ଜଣେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ରେ ଆସିକା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଥାଉକି ଶିକ୍ଷକ ଜଣକ ଜୈନିକ ଅଷ୍ଟମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ଏକାକୀ ନିଜ ରୁମ କୁ ଡାକି ଆଲିଙ୍ଗନ କରିବା ଦୃଶ୍ୟ କୁ ମୋବାଇଲ ରେ ଉଠାଇବା ପାଇଁ ଅନ୍ୟ ଛାତ୍ରୀ ଙ୍କୁ କହିଥିଲେ। ଏହି ଘଟଣା ଛାତ୍ର ଛାତ୍ରୀ ମାନେ ପରିବାର ଲୋକଙ୍କୁ ଜଣାଇଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ଗ୍ରାମବାସୀ ମେଳି ହୋଇ ବିଦ୍ୟାଳୟକୁ ଆସି ସମ୍ପୃକ୍ତ ଶିକ୍ଷକ ଙ୍କୁ ନିର୍ଦ୍ଧୁମ ଛେଚି ଥିଲେ। ଶିକ୍ଷକ ଜଣଙ୍କ ଏହିଭଳି ବିଦ୍ୟାଳୟରେ କିଛି ଦିନ ପୂର୍ବରୁ ଘଟଣା ଘଟାଇଥିଲେ।ବିଦ୍ୟାଳୟ ପ୍ରଧାନ ଶିକ୍ଷକଓ ପରିଚାଳନା କମିଟି ଏଥି ପ୍ରତି ତାଗିତ କରି ନିଜ ମୁଣ୍ଡରୁ ଦୋଷ ଖସାଇ ଦେଇଥିଲା। ଯାହା ଫଳରେ ଏହିଭଳି ଘଟଣା ଘଟିଲା। ପ୍ରକାଶ ଥାଉକି ଆସିକା ଗୋଷ୍ଠୀ ଶିକ୍ଷାଧିକାରି ଅଧୀନରେ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ମାଡ଼ରେ ଛାତ୍ର ଛାତ୍ରୀ ଗୁରୁତର। ବିଦ୍ୟାଳୟ ମଧ୍ୟରେ ମଦ୍ୟ ପାନ ଭଳି ଅନେକ ଅସାମାଜିକ ଘଟଣା ଘଟୁଛି। ଉଚ୍ଚ କତୃପକ୍ଷ ଏହା ଉପରେ ଗୁରୁତର ଦେଉନଥିବା ଅଭିଭାବକ ମହଲରେ ଦାବୀ କରୁଛନ୍ତି।ଆଜିକାର ଏହି ଘଟଣା ରେ ଆସିକା ଥାନାରେ ମାମଲା ରୁଜୁ ହୋଇଛି।

# ଦାଦନ ଖଟିବାକୁ ଯାଇ ମୃତ୍ୟୁ ବରଣ କରି ଗ୍ରାମକୁ ଫେରିଲେ

ହିଞ୍ଜିଳିକାଟୁ, (ମହାଭରାତ): ଖଟିବାକୁ ଯାଇଥିବା ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ରାଲ୍ବ ପଞ୍ଚାୟତ ଅନ୍ତର୍ଗତ ଆଲପୁର ଗ୍ରାମର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ରଞ୍ଜନ କୁମାର ପୋଲାଇ (୩୬) ପିତା ସ୍ୱର୍ଗତ ଉତ୍ସବ ପୋଲାଇ ଗ୍ରାମ ଆଲପୁର ।ପ୍ରକାଶ ଥାଉ ହିଞ୍ଜିଳି ଥାନା ଅନ୍ତର୍ଗତ ଆଲପୁରୁ ଗ୍ରାମର ସ୍ୱର୍ଗତ ଉତ୍ସବ ପୋଲାଇଙ୍କ ପୁତ୍ର ରଞ୍ଜନ ପୋଲାଇ କିଛି ଦିନ ତଳେ ପରିବାର ପ୍ରତିପୋଷଣ ପାଇଁ ଗୁଜୁରାଟ ରାଜ୍ୟର ସୁରାଟ ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସବୁ ଦିନ ପରି ଆଜି ମଧ୍ୟ କାମକୁ ଯାଇଥିଲେ।କାର୍ଯ୍ୟ ସାରି ଘରକୁ ଫେରିବା ସମୟରେ ହଠାତ ରାସ୍ତା ରେ ଟଳି ପଡ଼ିଥିଲେ।ଘଟଣା ସ୍ଥଳରୁ ଅନ୍ୟ ସହଯୋଗୀ ମାନେ ତାଙ୍କୁ ମେଡିକାଲ ନେଇଥିଲେ ସେଠାରେ ଉପସ୍ଥିତ ଥିବା ଡାକ୍ତର ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତର କହିବା ପ୍ରକାରେ ତାଙ୍କ ବ୍ଲଡ଼ ପ୍ରେସର ବଢି ଯାଇଥିବା ହେତୁ ବ୍ରେନ୍ ଷ୍ଟ୍ରୋକ୍ ରେ ମୃତ୍ୟୁ ଘଟିଛି । ଗୁଜରାଟର ସୁରାଟ ଠାରେ ରଞ୍ଜନଙ୍କ ମୃତ୍ୟୁ ଘଟଣାକୁ ନେଇ ପରିବାର ଲୋକଙ୍କୁ ଗ୍ରାମର କିଛି ଲୋକ ଖବର ଦେଇଥିଲା। ଖବର ପାଇ ପରିବାର ଲୋକେ ଓ ଗ୍ରାମର ମହିଳା ଏବଂ ପୁରୁଷ କାନ୍ଦ ବୋବାଳି ରେ ଗାଁ ସାରା ଫାଟି ପଡୁଛି।ଏହି ଦୁଃଖଦ ଖବର ଶୁଣି ଗ୍ରାମରେ ଶୋକର ଛାୟା ଖେଳି ଯାଇଥିଲା। ଏନେଇ ଗ୍ରାମର ସମାଜସେବୀ ସୁବାଷ ଦଳାଇ (ଟୁଟୁ)ଙ୍କୁ ଘଟଣାର ସମସ୍ତ କଥା ପରିବାର ବର୍ଗ ଜଣାଇଥିଲେ।ଏବଂ ତାଙ୍କ ମର ଶରୀର ଗ୍ରାମକୁ ଆଣିବାକୁ କହିଥିଲେ । ଟୁଟୁଙ୍କ ପ୍ରଚେଷ୍ଟା ଯୋଗୁଁ ସରକାରଙ୍କ ତରଫରୁ ସୁରାଟରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଗୁରୁବାର ସନ୍ଧ୍ୟାରେ ନିଜ ଗ୍ରାମ ଆଲପୁରକୁ ଆଣିଥିଲେ। ଗ୍ରାମରେ ଶବ ପହଞ୍ଚିବା ସମୟରେ ହିଞ୍ଜିଳିକାଟୁ ବିଡିଓ ସୁଶ୍ରୀ ସାଗରୀକା ଷଡଙ୍ଗୀ ଓ ତହସିଲଦାର ତପନ କୁମାର ମହାପାତ୍ର ପ୍ରମୁଖ ପହଞ୍ଚି ପରିବାର ବର୍ଗଙ୍କୁ ଧର୍ଯ୍ୟ ଓ ସାହସ ଦେବା ସହ ରେଡ଼କ୍ରସ ପାଣ୍ଠିରୁ ୩୦ ହଜାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ ।

# ଚିନ୍ମୟ ମିଶନ "ଭକ୍ତି କି ଶକ୍ତି" ପ୍ରବଚନ କାର୍ଯ୍ୟକ୍ରମ

ବ୍ରହ୍ମପୁର, (ମହାଭାରତ) : ସ୍ଥାନୀୟ ଟାଟାବେଞ୍ଜୀ ରୋଡ ସ୍ଥିତ କେ ସି ପବ୍ଲିକ ସ୍କୁଲ ପରିସରରେ ବ୍ରହ୍ମପୁର ଚିନ୍ମୟ ମିଶନ ଆୟୋଜିତ ୬ ଦିନିଆ ପ୍ରବଚନ କାର୍ଯ୍ୟକ୍ରମ କୁ ଉଦଘାଟନ କଲେ ସ୍ୱାମୀ ଅଭେଦାନନ୍ଦ ( ଚିନ୍ମୟ ମିଶନ ଦକ୍ଷିଣ ଆଫ୍ରିକା,ବିଶ୍ୱ ଶାନ୍ତି ପୁରସ୍କାର ପ୍ରାପ୍ତ ),ରାଉରକେଲା ଚିନ୍ମୟ ମିଶନ ର ସ୍ୱାମୀ ନିଲିପ୍ତାନନ୍ଦ,ବ୍ରହ୍ମପୁର ଚିନ୍ମୟ ମିଶନ ର ସ୍ୱାମୀ ସଦାଶିବନନ୍ଦ ଜୀ ଙ୍କ କରକୋମଳ ରେ ଜଗତର ନାଥ ଜଗନ୍ନାଥ ମହାପ୍ରଭୁ ଙ୍କୁ ପୁଷ୍ପମାଲ୍ୟ,ଅର୍ଘ୍ୟ ଦୀପ,ଧୂପ ସମର୍ପଣ କରି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ଏହି ଆଧାତ୍ମିକ ପ୍ରବୋଚନ ବ୍ରହ୍ମପୁର ତଥା ଗଞ୍ଜାମ ଜିଲ୍ଲା ର ବହୁ ଚିନ୍ମୟ ମିଶନର କାର୍ଯ୍ୟକର୍ତ୍ତା,ବୁଦ୍ଧିଜୀବୀ,ଛାତ୍ର,ଛାତ୍ରୀ,ମହିଳା ଉପସ୍ଥିତ ଥିଲେ ଏହି ଅବସରରେ ସୁଦୂର ଦକ୍ଷିଣ ଆଫ୍ରିକା ରୁ ଆସିଥିବା ସ୍ୱାମୀ ଅଭେଦାନନ୍ଦ ଜୀ ବ୍ରହ୍ମପୁର ସହର ରେ ଜିଜ ଜୀବନ ବ୍ୟାପି ଚିନ୍ମୟ ମିଶନ କୁ ସମର୍ପଣ କରିଥିବା କିଛି ବ୍ୟକ୍ତି ସନ୍ମାନିତ କରିଥିଲେ ଚିନ୍ମୟ ମିଶନ ବରିଷ୍ଠ କାର୍ଯ୍ୟକର୍ତ୍ତା ଡ଼ ଲକ୍ଷ୍ମୀ ବାଇ ଙ୍କ ତ୍ୟାଗ ଓ ସମର୍ପଣ ପାଇଁ ସ୍ୱାମୀ ତାଙ୍କରି ନିରାମୟ ଓ ଦୀର୍ଘାୟୁ ଜୀବନୀ କାମନା କରିଥିଲେ।ସ୍ୱାମୀ ନିଜ ପ୍ରବୋଚନ ରେ ପ୍ରକାଶ କରିଥିଲେ ଜେ ଆଜି କାଲି ଯାହା ହେଉଛି ତାହା ଏକ ଶକ୍ତି (ଭଗବାନ ) ଦ୍ୱାରା ପରିଚାଳିତ ରେ ହେଉଛି ଏଣୁ ଆମେ ସମସ୍ତ ମାନବ ସମାଜ ଭଗବତ ପ୍ରେମୀ ହୋଇ ଭଗବାନ ଙ୍କ ଠାରେ ସମର୍ପିତ ହେବା ଆବଶ୍ୟକ ଅଛି ଦୈନନ୍ଦିନ ଜୀବନ ରେ ଯାହା ସବୁ ଘଟୁଛି ତାହା ଏକ ଶକ୍ତି ଦ୍ୱାରା ହେଉଛି ଏକ ଉଦାହରଣ ଦେଇ ସ୍ୱାମୀ କହିଥିଲେ ଯେ ଜଣେ ସାଧୁ ରାଜସ୍ଥାନ ର ମରୁଭୂମି ରେ ପ୍ରବଳ ଶୀତ ରେ ଥରୁ ଥିଲେ ଏହି ସମୟରେ ଜଣେ ରାଜା ସେହି ରାସ୍ତାରେ ଏହା ଦେଖି ସାଧୁ ଙ୍କୁ ଏକ କମ୍ବଳ ଦେଇ ଚାଲିଗଲେ ତା ପରେ ଦଳେ ଡକାୟତ ସେହି ରାସ୍ତାରେ ସାଧୁ ଦେଖି ତାଙ୍କରି କମ୍ବଳ ନେଇଯାଇଥିଲେ ଏହା ପରେ ସାଧୁ ବୁଝି ପାରିଲେ ଯେ ଭଗବାନ ଦେଇଥିଲେ ଓ ନେଇଗଲେ ଏଣୁ ଯାହା ସବୁ ଘଟୁଛି ସବୁ ଭଗବାନ ଦ୍ୱାରା ହୋଉଛି ଏହାର ତତ୍ୱ ହେଲା ଆମେ ଦୁଃଖ ସମୟରେ ଭଗବାନ ଙ୍କୁ ଦୋଷ ଦେବା ନାହିଁ ସୁଖ ସମୟରେ ଭାବବିହଳ ହୋଇ ଭଗବାନ ଙ୍କୁ ଭୁଲି ଜୀବନାହିଁ ନିଜ ର କର୍ମ ସହିତ ଭଗବାନ ଠାରେ ବିଶ୍ୱାସ ରଖି କାର୍ଯ୍ୟ କରିଚାଲିବା ଆବଶ୍ୟକ ଅଛି। ଏହି କାର୍ଯ୍ୟକ୍ରମ କୁ ବ୍ରହ୍ମପୁର ଚିନ୍ମୟ ର ସମସ୍ତ କାର୍ଯ୍ୟକର୍ତ୍ତା ପରିଚାଳନା କରିଥିଲେ।

# ଗଣିଆରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ

ଗଣିଆ, (ମହାଭାରତ): ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୁଲ୍ୟରେ ଗଣିଆ ଠାରେ ଏକ ମଣ୍ଡଳ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଗଣିଆ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଝୁନା ଜେନା ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଗଣିଆ ସରପଞ୍ଚ ଶ୍ରୀ ଗିରିଧାରୀ ସେଠୀ, ସମିତି ସଭ୍ୟ ଶ୍ରୀ ଫକିର ମୋହନ ଡାକୁଆ, ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀ ରବିନ୍ଦ୍ର ନାଥ ରାଉତରାୟ ଏବିଇଓ ବିନୋଦିନୀ ପଣ୍ଡା ଓ ନିରୁପମା ମହାପାତ୍ର, କେ.ସି. ବିଦ୍ୟପିଠ ଗଣିଆ ପ୍ରଧାନଶିକ୍ଷୟିତ୍ରୀ ନିହାର ବାଳକ୍ଷ ରାଉତ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏଥିରେ ବ୍ଲକର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ ଓ ସାଧାରଣ ଜ୍ଞାନ ଆହରଣ ପାଇଁ ଆଗ୍ରହ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପରିଶେଷରେ, ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା।

# ହାଇ ମାଷ୍ଟ ଲାଇଟ୍ ଯୋଗାଣରେ ବ୍ୟାପକ ଦୁର୍ନୀତି: କଂଗ୍ରେସର ଆନ୍ଦୋଳନ ଧମକ

ଭଦ୍ରକ, (ମହାଭାରତ) : ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୁଡ଼ିକରେ ସୋଲାର ହାଇ ମାଷ୍ଟ ଲାଇଟ କାମରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଛି। ଏପରି ବଡ଼ ଧରଣର ଦୁର୍ନୀତି ଘଟଣା ପୂର୍ବ ବିଜେଡି ସରକାର ଅମଳରେ ଚାଲିଆସୁଥିବା ବେଳେ ବର୍ତମାନ ର ବିଜେପି ସରକାର ସମୟରେ ଚାଲି ଆସୁଛି। ଜିଲ୍ଲାର ବଡ଼ ବଡ଼ ନେତା, ବିଭାଗୀୟ ଉଚ୍ଚ ପଦାଧିକାରୀ ଏବଂ ସମ୍ପୃକ୍ତ ଠିକାଦାର ଙ୍କ ମଧୁଚନ୍ଦ୍ରିକା ରେ ଟେଣ୍ଡର ନ କରି ବିଭିନ୍ନ ବ୍ଲକର ବିଡିଓ ମାନଙ୍କ ମାଧ୍ୟମରେ ନିମ୍ନ ମାନର କାର୍ଯ୍ୟ କରାଯାଇ ବ୍ୟାପକ ଅର୍ଥ ହରିଲୁଟ ଆତ୍ମସାତ ହୋଇଛି। ଯେଉଁ ମାନର ଲାଇଟ ଲଗାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ତାହା ଠାରୁ ନିମ୍ନ ମାନର ଲାଇଟ ଲାଗାଯାଇ ଏ ବାବଦ ଅର୍ଥ ହଡପ କରାଯାଇଛି। ଏଥି ସହିତ ସ୍କୁଲରେ ପଢୁଥିବା ପିଲାମାନଙ୍କ ସୁରକ୍ଷାକୁ ଦୃଷ୍ଟି ଦିଅକ୍ଷନଯାଇ ନିମ୍ନ ମାନର ଲାଇଟ ଓ ଆନୁସଙ୍ଗିକ ଜିନିଷ ବ୍ୟବହାର ହୋଇଥିବାରୁ ଏଥି ନେଇ ସି.ପି.ଡବ୍ଲୁ.ଡ଼ି ଦ୍ୱାରା ମାନ ଯାଞ୍ଚ କରାଯାଇ ସିବିଆଇ ତଦନ୍ତ କରାଗଲେ ବହୁ ଦୁର୍ନୀତି ପଦାକୁ ଆସିପାରିବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଜିଲ୍ଲା ସଭାପତି ଶ୍ରୀ ନଳିନୀ ମହାନ୍ତି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି। ଏଥି ପାଇଁ ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ



(ଏମସିଏଲ) ସିଏସଆର ପାଣ୍ଠି ଭଦ୍ରକ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲା। ଉପରୋକ୍ତ କାମ ପାଇଁ ଭଦ୍ରକ ଆର ଆଣ୍ଡ ବି ତରଫରୁ ମଡେଲ ଏଷ୍ଟିମେଟ (ଆକଳନ) କରାଯାଇଥିଲା। କେଉଁ ପ୍ରକାରର ଓ ମାନର ହାଇ ମାଷ୍ଟ ଲାଇଟ ଓ ଅନ୍ୟାନ୍ୟ ଉପକରଣ ଲାଗଯିବ ବା ଯୋଗାଣ କରାଯିବ ସେ ନେଇ ମଡେଲ ଏଷ୍ଟିମେଟରେ ଆର ଆଣ୍ଡ ବି ପକ୍ଷରୁ ସ୍ପଷ୍ଟ ଉଲ୍ଲେଖ କରାଯାଇଥିଲା। ଏହି କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ନ ଡାକି ବିଭିନ୍ନ ବ୍ଲକର ବିଡିଓଙ୍କୁ ଦାୟିତ୍ୱ ଦିଆଯାଇଥିଲା। ୭ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ଓ ଗୋଟିଏ ଜବାହର ନବୋଦୟ ବିଦ୍ୟାଳୟରେ ହାଇମାଷ୍ଟ ଲାଇଟ ବସା ଯିବା କାମ ବିଡିଓଙ୍କ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଛି। ୧୦ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର କାମ ବ୍ଲକ ଜେଇ ବିଭାଗୀୟସ୍ତରରେ କରି ପାରିବା ନେଇ ବ୍ୟବସ୍ଥା ରହିଛି। ତେଣୁ ଟେଣ୍ଡର ପ୍ରକ୍ରିୟାକୁ ଏଡ଼ାଇ ବ୍ଲକ ସ୍ତରରେ ଏହି ସବୁ କାମ କରାଯାଇଛି। ନିୟମ ବା ମଡେଲ ଏଷ୍ଟିମେଟ ଅନୁସାରେ ତଥା ଥାର୍ଡ ପାର୍ଟି ଏନଏବିଏଲ ଲ୍ୟାବ ଅନୁସାରେ ପ୍ରତି ହାଇ ମାଷ୍ଟରେ ୪ଟି ୧୦୦ ୱାଟ ଅଲ୍ ଇନ ୱାନ୍ (ଏଆଇଓ) ସୋଲାର ଲାଇଟ ରହିବ। ପ୍ରତି ୧୦୦ୱାଟର ଏସଆଇଓରେ ନିଶ୍ଚିତ ଭାବେ ୧୮୦ ୱାଇପି ମୋନୋ ପ୍ୟାନେଲ ଓ ୧୨.୮ ଭୋଲ୍ଟ ୯୬ ଏଏଚ ଲାଇଫପିଓ୪ ବ୍ୟାଟେରି ଓ ପ୍ରାରମ୍ଭିକ ଲୁମେନ ଆଉଟପୁଟ୍ ୧୫୦୦୦ ଲୁମେନରୁ ରହିବ। କିନ୍ତୁ ବିଭିନ୍ନ ବ୍ଲକ ପକ୍ଷରୁ କରାଯାଇଥିବା କାମରେ ୬୦ ୱାଟ ଏଆଇଓ ସୋଲାର ଲାଇଟ ଲଗାଯାଇଛି। ଏଥି ସହିତ କମ ରେଟିଂର ସୋଲାର ପ୍ୟାନେଲ ଲଗାଯାଇଛି। ୧୮୦ ୱାପି ବଦଳରେ ପ୍ରାୟ ୧୦୦ ୱାଇପି ଲଗାଯାଇଛି। ୯୬ ଏଚ ବ୍ୟାଟେରି ବଦଳରେ ୧୨.୮ ଭୋଲ୍ଟର ୪୮ ଏଏଚ୍ କମ୍ କ୍ଷମତା ବିଶିଷ୍ଟ ବ୍ୟାଟେରି ଲଗାଯାଇଛି। ସେହିଭଳି ଭାବେ ୧୫୦୦୦ ଲୁମେନ ବଦଳରେ ୯୦୦୦ ଲୁମେନ ଆଉଟପୁଟ ବିଶିଷ୍ଟ ବ୍ୟାଟେରି ବ୍ୟବହାର କରାଯାଇଛି। ଏଭଳି ନିମ୍ନ ମାନର କାମ ପାଇଁ ଏକ ନିର୍ଦ୍ଦିଷ୍ଟ କମ୍ପାନି/ବ୍ରାଣ୍ଡ୍ ?ର ସୋଲାର ଲାଇଟ ଠିକାଦାର ଲଗାଇଛି। ଏମସିଏଲ ଦ୍ୱାରା ଅନୁମୋଦନପ୍ରାପ୍ତ ଆର ଆଣ୍ଡ ବି ଦ୍ୱାରା ପ୍ରସ୍ତୁତ ମଡେଲ ଏଷ୍ଟିମେଟରେ ଉଲ୍ଲେଖ ସ୍ପେସିମେନ, ବ୍ରାଣ୍ଡକୁ ଅଣ ଦେଖା କରି ତଥା ଏନଏବିଏଲ ଲାବୋରେଟୋରି ରିପୋର୍ଟ ନଥିବା, ୱିଣ୍ଡ୍ ସ୍ୱଡ୍ ରିପୋର୍ଟ ଓ ଆଇଇସି ସାର୍ଟିଫିକେସନ ନ ଥିବା ଉତ୍ପାଦ ଏହି କାର୍ଯ୍ୟରେ ବ୍ୟବହାର କରାଯାଇଛି। ନିମ୍ନ ମାନର ଶସ୍ତା ସୋଲାର ଲାଇଟ ଲଗାଇବା ପାଇଁ ଠିକାଦାର ଏପରି ବ୍ରାଣ୍ଡ୍ ?ର ଜିନିଷ ବ୍ୟବହାର କରିଛି ଯାହା ଏଷ୍ଟିମେଟ୍‌ରେ ଉଲ୍ଲେଖ ନାହିଁ। ଅନୁମୋଦନ ନଥିବା ଶସ୍ତା ବ୍ରାଣ୍ଡ୍ ?ର ଲାଇଟ ଠିକାଦାର ଲଗାଇଛି। ସେହିଭଳି ଭାବେ ହାଇ ମାଷ୍ଟରେ ବ୍ୟବହୃତ ଷ୍ଟିଲ ୩୫୫ ଏନ/ବର୍ଗମିଟର ଏଚଟି ଷ୍ଟିଲ ନୁହେଁ। ଏହା ଏମସିଏଲ ଅନୁମୋଦିତ ଲାନଟେର୍ଣ୍ଣ ଧରି ରଖିବା କ୍ଷମତା ଅନୁସାରେ ନାହିଁ। ଲାନଟେର୍ଣ୍ଣ କ୍ୟାରେଜରେ ୪ଟି ୭୬ଏମଏମ ଜିଆଇ ପାଇପର ଏଲ ବ୍ରକେଟ ଲାଗିବା କଥା, ଯାହାର ଲମ୍ବା ୧ ମିଟର ଓ ଉଚ୍ଚତା ୧ ମିଟର। କିନ୍ତୁ ୧ ମିଟରରୁ କମ ଲମ୍ବ ଓ ଅଧ ମିଟରରୁ କମ ଉଚ୍ଚର ଲାଗିଛି। ଆର ଆଣ୍ଡ ବି ଦ୍ୱାରା ପ୍ରସ୍ତୁତ ଏଷ୍ଟିମେଟ ତଥା ଏମସିଏଲ ଦ୍ୱାରା ଅନୁମୋଦିତ ମାନର କାମ ନ କରି ନିମ୍ନ ମାନର ସୋଲାର ଲାଇଟ ଓ ଆନୁସଙ୍ଗିକ ସାମଗ୍ରୀ ଠିକାଦାର ବ୍ୟବହାର କରିଛନ୍ତି। ଏପରି ନିମ୍ନ ମାନର କାମକୁ ଘଣ୍ଟ ଘୋଡାଇବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଆର ଆଣ୍ଡ ବି ଅଧିକାରୀଙ୍କୁ କ୍ଲିୟରାନ୍ସ ଦେବାକୁ କୁହାଯାଉଛି। କାମ ଆରମ୍ଭ ସମୟରେ ବା କାର୍ଯ୍ୟକାରୀ ସମୟରେ ଆର ଆଣ୍ଡ ବିକୁ କେ ?ଣସି ଭାବେ ଏହି ସବୁ କାର୍ଯ୍ୟରେ ସଂପୃକ୍ତ କରାଯାଇ ନଥିଲା। ଟେଣ୍ଡର କରାଯାଇ ନଥିଲା। ବର୍ତ୍ତମାନ ନିମ୍ନ ମାନର କାମ କରିବା ପରେ ଆର ଆଣ୍ଡ ବିକୁ ଅନୁମୋଦନ ପ୍ରଦାନ ପାଇଁ କୁହାଯାଉଛି କେବଳ ଦୁର୍ନୀତି ଓ ଅନିୟମିତତାକୁ ସଫା କପଡ଼ା ପିନ୍ଧାଇବାକୁ। ଯଦି ଭବିଷ୍ୟତରେ କୌଣସି ସମସ୍ୟା ହୁଏ ତେବେ ଆର ଆଣ୍ଡ ବି ଡିଭିଜନ ମାନ ଯାଞ୍ଚ କରିଥିଲା କହି ଦୋଷ ଖସାଇ ଦେଇ ହେବ। ଆର ଆଣ୍ଡ ବି ଏପରି କାମକୁ କ୍ଲିୟରାନ୍ସ ?ଦେଇଥିବାରୁ ଦେଇ ବିଡିଓ ଓ ଠିକାଦାରଙ୍କ କିଛି ଦୋଷ ନାହିଁ ବୋଲି କୁହାଯିବ। ଏମସିଏଲ ଓ ଜିଲ୍ଲା ପ୍ରଶାସନର ସହଯୋଗରେ ଏପରି ନିମ୍ନ ମାନର କାମ ହୋଇଥିବାରୁ ଏହାର ସିବିଆଇ ତଦନ୍ତ ହେବା ଉଚିତ। ହାଇ ମାଷ୍ଟ ସୋଲାର ଲାଇଟ ଓ ଏଥିରେ ବ୍ୟବହୃତ ଆନୁସଙ୍ଗିକ ସାମଗ୍ରୀର ସିପିଡବ୍ଲୁଡି ଯନ୍ତ୍ରୀଙ୍କ ଦ୍ୱାରା ମାନ ଯାଞ୍ଚ ହେଲେ ସତ ପଦାକୁ ଆସିବ। ଆର ଆଣ୍ଡ ବି ଏଷ୍ଟିମେଟ ଦେବା ସହିତ ଏମସିଏଲ ଟଙ୍କା ମଞ୍ଜୁର କରିଥିଲା। କିନ୍ତୁ ସମଗ୍ର କାମ ପାଇଁ ଟେଣ୍ଡର ଆହ୍ୱାନ ନ କରି ତାକୁ ଭାଙ୍ଗି ବିଭିନ୍ନ ବ୍ଲକରେ ବିଡିଓଙ୍କ ମାଧ୍ୟମରେ ବିଭାଗୀୟ କାର୍ଯ୍ୟ ଦର୍ଶାଇ କେଉଁ ପରିସ୍ଥିତିରେ ସଂପାଦନ କରାଯାଇଥିଲା ତାହାର ତଦନ୍ତ ହେବା ଉଚିତ। ଏଥି ସହିତ ଏଷ୍ଟିମେଟରେ ଉଲ୍ଲେଖ ମାନ ଅନୁସାରେ କାର୍ଯ୍ୟ କରାଯାଇଛି କି ନିମ୍ନ ମାନର ସାମଗ୍ରୀ ବ୍ୟବହାର ହୋଇଛି ତାହା ମଧ୍ୟ ଅନୁଧ୍ୟାନ କରିଲେ ଦୁର୍ନୀତିର ପର୍ଦ୍ଦାଫାସ ହେବ। ଯଦି ନିମ୍ନ ମାନର କାମ ପାଇଁ ଲଗା ଯାଇଥିବା ଲାଇଟ୍ ପିଲାଙ୍କ ଉପରେ ଖସି ପଡେ ତେବେ କିଏ ଦାୟୀ ହେବ ତାକୁ ନେଇ ପ୍ରଶ୍ନ ଉଠିଛି। ଏହି ସହିତ ବୈଷୟିକ ଜ୍ଞାନ ନ ଥିବା ଜିଲ୍ଲା ପ୍ରଶାସନ ର ବରିଷ୍ଠ ଅଧିକାରୀ କଣ ପାଇଁ ଏହି କାମ କୁ ଅନୁମୋଦନ ବା କ୍ଲିୟରାନସ ଦେବାକୁ ଆର ଆଣ୍ଡ ବି ଅଧିକାରୀଙ୍କୁ ଚାପ ଦେଉଛନ୍ତି ତାହା ମଧ୍ୟ ତଦନ୍ତ ସାପେକ୍ଷ କ୍ଷକ୍ଷ ଜିଲ୍ଲା ପ୍ରଶାସନ ଏହି ବୃହତ୍ତ ଦୁର୍ନୀତି ଘଟଣା, ବେଆଇନ କାର୍ଯ୍ୟ ଓ ଅନିୟମିତତା ର ତଦନ୍ତ କରି ଦୋଷୀ ଙ୍କ ବିରୋଧ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ କ୍ଷକ୍ଷ ଯଦି ଦୋଷୀ ଙ୍କ ବିରୋଧ ରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ ତେବେ ଆଗାମୀ ଦିନରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯିବା ସଙ୍ଗେ ସଙ୍ଗେ ଆନ୍ଦୋଳନ କୁ ଜୋରଦାର କରାଯିବ ବୋଲି ଜିଲ୍ଲା ସଭାପତି ନଳିନୀ ମହାନ୍ତି ଧମକ ଦେଇଛନ୍ତି କ୍ଷକ୍ଷ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀ ରେ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ଟାଉନ ସଭାପତି ଅବଦୁଲ ମୋକିତ ଖାଁ, ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ବ୍ଲକ ସଭାପତି ପୀତବାସ ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଚେମଣା ପଞ୍ଚାୟତ ରେ ଷ୍ଟିଲ ପ୍ଲାଣ୍ଟ ନିର୍ମାଣ ପାଇଁ ପ୍ରଥମ ଗ୍ରାମସଭା ଅନୁଷ୍ଠିତ

ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ହେବାପାଇଁ ଯାଉଥିବା ଷ୍ଟିଲ ପ୍ଲାଣ୍ଟ ନିର୍ମାଣ ପାଇଁ ଶୁକ୍ରବାର ଦିନ ଭୃଙ୍ଗରାଜପଶି ଠାରେ ବ୍ଲକ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗ୍ରାମସଭା ଅନୁଷ୍ଠିତ ହୋଇଛି। ଚେମେଣା ପଞ୍ଚାୟତର ଚେମଣା ରଜ୍ୟସ୍ୱ ଅଧିନରେ ଥିବା ୧୨ଟି ଗ୍ରାମର ଲୋକମାନେ ଏକତ୍ରିତ ହୋଇ ଉପସ୍ଥିତି ଥିଲେ। ଏହି ଗ୍ରାମସଭା ରେ ଗ୍ରାମର ଲୋକସଂଖ୍ୟା କମ ରହିଥିବା ବେଳେ ପୋଲିସ ଓ ବଡ ବଡ ପଦାଧିକାରୀ ଦେଖିବା ପାଇଁ ମିଳି ଛନ୍ତି। ଏହି ବିସ୍ଥାପିତ ଭୃଙ୍ଗରାଜପଶି ଗ୍ରାମବାସୀ ମାନେ ଗ୍ରାମସଭା ରେ ତାଙ୍କର ସର୍ତ୍ତମୂଳକ ଦାବିପତ୍ର ଦେଇ ଛନ୍ତି। ଗ୍ରାମବାସୀ ଙ୍କ ଦାବି ବୃଦ୍ଧା ଓ ବିଧବା,ବିକଳାଙ୍ଗ ଅକର୍ମଣ୍ୟ ମାନଙ୍କୁ କମ୍ପାନୀ ତରଫ ରୁ ମାସିକ ଭତ୍ତା,ଗ୍ରାମ ର ଯେଉଁ ପରିବାର ଜମିହରା ହେବେ ସେହି ପରିବାର ବ୍ୟକ୍ତି ଙ୍କୁ ଚାକିରୀ ସହ ଆବାସ ଯୋଗାଇ ଦେବା ସହିତ ଜମି ର କବଲା ପ୍ରସ୍ତୁତି ଥିବା କୁ ପଟ୍ଟା ପ୍ରଦାନ କରିବା ସହ ଗୋଟେ ଏକକ ଜମି କୁ ଏକ କୋଟି ଟଙ୍କା କମ୍ପାନୀ ଯୋଗାଇ ଦେବ । ଗ୍ରାମ ର ୧୮ବର୍ଷ ରୁ ୪୫ବର୍ଷ ଯୁବକ ଙ୍କୁ ନିଯୁକ୍ତି ଯୋଗାଇ ଦେବା ସହିତ ଗ୍ରାମର ଜମି ହରା ଅକ୍ଷମ ଲୋକ ମାନଙ୍କୁ ନିଯୁକ୍ତି ବଦଳରେ ୫କୋଟି ଟଙ୍କା ଏକକାଳୀନ କମ୍ପାନୀ ତରଫ ଦିଆଯିବା ସହ ମାସିକ ଭତ୍ତା ଆକାରରେ ୨୫ ହଜାର ଟଙ୍କା ସହ ଭବିଷ୍ୟତରେ ପରିବାର ଲୋକଙ୍କୁ ଚାକିରୀ କରିବା ପାଇଁ ଏକ ପ୍ରମାଣ ପତ୍ର ଦିଆ ଯିବା ଲୋକଙ୍କୁ ବିସ୍ଥାପିତ ଓ ଜମି ହରାଉ ଥିବା ଦିନଠାରୁ ନିଯୁକ୍ତି ଦେବା ପର୍ଯ୍ୟନ୍ତ ପ୍ରତି ପରିବାର କୁ ଭରଣ ପୋଷଣ ପାଇଁ ମାସିକ ୩୦ହଜାର ଟଙ୍କା ଦେବାପାଇଁ ଦାବି କରି ଛନ୍ତି । ଏହିପରି ସର୍ତ୍ତ ମୂଳକ ୩୩ଦଫା ଦାବି ଦେଇଛନ୍ତି।ଏହି ଆୟୋଜିତ ଗ୍ରାମସଭା ସ୍ଥାନୀୟ ସରପଞ୍ଚ ହେମଲତା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଛି। ଗ୍ରାମସଭା ରେ ଅତିରିକ୍ତ ଜିଲାପାଳ ତଥା ସ୍ୱତନ୍ତ୍ର ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ସ୍ଥାନୀୟ ସମିତି ସଭ୍ୟ ମନୋଜ କୁମାର ମହାନ୍ତ ପାଟଣା ତହସିଲ ଦାର ଅଶ୍ୱିନୀ କୁମାର ନାଏକ, ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା,ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ,ଇଡକୋ ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର ପ୍ରମୁଖ ଯୋଗ ଦେଇ ଥିଲେ। ଏହି ଗ୍ରାମସଭାରେ ୨୯ ଏକର ୬୧ ଡିସିମିଲ ଜମି ପାଇଁ ଶୁଣାଣି ହୋଇଛି। ଏହି ଗ୍ରାମସଭା ରେ ସମ୍ଭାବ୍ୟ ଗଣ୍ଡଗୋଳ କୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରବେଶ ପଥରେ ପୋଲିସ ଫୋର୍ସ ମୁତୟନ ରହି ଶୃଙ୍ଖଳା ସହ ଗ୍ରାମ ସଭା ସମ୍ପନ୍ନ ହୋଇ ଛି । ଏହି ଗ୍ରାମସଭା ରେ ତିନିଜଣ ଅତିରିକ୍ତ ଥାନା ଅଧିକାରୀ ଙ୍କ ସହ ଚମ୍ପୁଆ ଏସ୍‌ଡିପିଓ ରଶ୍ମୀରଞ୍ଜନ ସାହୁ,ଅନ୍ୟ ଚାରିଜଣ ଏସ୍ ?ଡିପିଓ ତଥା ତୁରୁମୁଙ୍ଗା ଥାନା ଅଧିକାରୀ ଦିପ୍ତୀରଞ୍ଜନ ସାହୁ,ପାଟଣା ବ୍ଲକର ସହକାରୀ ଯନ୍ତ୍ରୀ ସୁସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିବା ବେଳେ ଚେମଣା ପଂଚାୟତ ଅଧିବାସୀ ମାନେ ଉପସ୍ଥିତ ଥିଲେ।

# ବିଦେଶାଗତ ପକ୍ଷୀଙ୍କ କଳରବ ସୁରକ୍ଷା ନେଇ ପ୍ରଶ୍ନବାଚୀ

କୃଷ୍ଣପ୍ରସାଦ, (ମହାଭାରତ) : ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଶୀତ ଋତୁରେ ବିଭିନ୍ନ ପ୍ରଜାତିର ବିଦେଶାଗତ ପକ୍ଷୀ ଚିଲିକାର ପକ୍ଷୀ ଅଭୟାରଣ୍ୟ ନଳବଣକୁ ଆସିଥିବା ବେଳେ ତନ୍ମଧ୍ୟରୁ ଅନେକ ପକ୍ଷୀ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ଗାଁ ପରିବେଶରେ ଏଣେତେଣେ ବିଚରଣ କରୁଥିବା ନଜରକୁ ଆସୁଛି। ଏହାର ସୁଯୋଗ ନେଇ କେତେକ ଅସାମାଜିକ ବ୍ୟକ୍ତି, ଶିକାରୀ ପ୍ରଶାସନର ଦୃଷ୍ଟି ଆଢୁଆଳରେ ପକ୍ଷୀ ଗୁଡ଼ିକୁ ବିଭିନ୍ନ ଉପାୟରେ ଶିକାର କରୁଥିବା ଅଭିଯୋଗ ହେଉଛି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ କର୍ମଚାରୀ ମାନେ ଏ ସମ୍ପର୍କରେ ଅବଗତ ଥିଲେ ହେଁ ପକ୍ଷୀ ମାନଙ୍କୁ ସୁରକ୍ଷା ଯୋଗାଇଦେବା ନିମନ୍ତେ ସେଭଳି କୌଣସି ପଦକ୍ଷେପ ନେଉନଥିବାରୁ ସାଧାରଣରେ ତ୍ରୀବ ଅସନ୍ତୋଷ ପ୍ରକାଶ ପାଇଛି। ବିଦେଶାଗତ ପକ୍ଷୀ ଗୁଡ଼ିକ ଏବେ ନଳବଣ ଛାଡି ଗ୍ରାମର ଚାଷଜମି ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିଚରଣ



କରୁଥିବା ବେଳେ ସେମାନଙ୍କ ସୁରକ୍ଷା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ପ୍ରଶାସନ ଏଦିଗରେ ସଚେତନ ନହୁଏ ତାହା ହେଲେ ଅନେକ ପକ୍ଷୀ ଶିକାରୀଙ୍କ ଦ୍ୱାରା ମୃତ୍ୟୁବରଣ କରିବେ ବୋଲି ସାଧାରଣରେ ଆଲୋଚନା ହେଉଛି। ପ୍ରକାଶ ଥାଉକି ପକ୍ଷୀ ମାନଙ୍କ ସୁରକ୍ଷା ଏବେ ସ୍ଥାନୀୟ ପ୍ରଶାସନ, ବନ ବିଭାଗ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଣୁ ଏମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏଥି ପ୍ରତି ପୋଲିସ ପ୍ରଶାସନ, ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳବାସୀ ଦାବି କରିଛନ୍ତି। ଖାଲି ସେତିକି ନୁହେଁ ଶିକାରୀଙ୍କ ପ୍ରାଦୁର୍ଭାବକୁ ରୋକିବା ନିମନ୍ତେ ବିଭିନ୍ନ ସ୍ଥାନରେ ବିଭାଗୀୟ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ଦାବି ହେଉଛି। ରାତ୍ର କାଳୀନ ପ୍ରାଟ୍ରୋଲିଙ୍ଗ କଡାକଡି କରାଗଲେ ଅସାମାଜିକ ବ୍ୟକ୍ତି ଓ ଶିକାରୀ ମାନେ ପକ୍ଷୀ ଶିକାର କରିବାକୁ ଆଉ ସାହସ କରିବେ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଡାଲମିଆ ଭାରତ ଗ୍ରୁପ୍ ପକ୍ଷରୁ ଦୀର୍ଘସ୍ଥାୟିତ୍ୱ ଏବଂ ସେବା ଉପରେ ଆଧାରିତ 'ସେବା ଦିବସ' ପାଳନ

ରାଜଗାଙ୍ଗପୁର, (ମହାଭାରତ) : ଭାରତରେ ଏକ ଅଗ୍ରଣୀ ସିମେଣ୍ଟ ଓ ଚିନି ଉତ୍ପାଦନକାରୀ ଗ୍ରୁପ୍ ଡାଲମିଆ ଭାରତ ଗ୍ରୁପ୍ ଏହାର ପରମପୂଜ୍ୟ ପ୍ରତିଷ୍ଠାତା ତଥା ଏକନିଷ୍ଠ ମୂଲ୍ୟବୋଧ ଓ ନିଃସ୍ୱାର୍ଥପର ସେବାରେ ନିଜ ଜୀବନକୁ ଆଗେଇ ନେଇଥିବା ଜଣେ ଦୂରଦ୍ରଷ୍ଟା ଶିଳ୍ପପତି ଓ ବଦାନ୍ୟ ବ୍ୟକ୍ତିତ୍ୱ ଶ୍ରୀ ଜୟ ଦୟାଲ ଡାଲମିଆ ଜୀଙ୍କ ୧୨୧ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ସମଗ୍ର ଭାରତରେ ତାହାର ବ୍ୟବସାୟ ପରିଚାଳନା ଅଞ୍ଚଳରେ 'ସେବା ଦିବସ' ପାଳନ କରିଥିଲା। ଗ୍ରୁପର ଉତ୍ପାଦନକାରୀ ୟୁନିଟ, ଆଞ୍ଚଳିକ କାର୍ଯ୍ୟାଳୟ, କର୍ପୋରେଟ କାର୍ଯ୍ୟାଳୟ ସମେତ ଭାରତର ୨୫ଟି ସ୍ଥାନରେ ଡିସେମ୍ବର ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ସେବା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଗ୍ରୁପ୍ ତାହାର ପ୍ରତିଷ୍ଠାତାଙ୍କର କରୁଣା, ବିନମ୍ର ଭାବ, ସଚ୍ଚୋଟତା ଏବଂ ସମାଜ ପ୍ରତି ସେବାର ସ୍ଥାୟୀ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ କରିଥିଲା । ଚଳିତ ବର୍ଷ ଏହି ଉତ୍ସବ ପାଳନ ଦୀର୍ଘସ୍ଥାୟିତ୍ୱ ବିଷୟବସ୍ତୁ ଉପରେ ଆଧାରିତ ଥିଲା, ଯାହା ତାଙ୍କର ଦାୟିତ୍ୱସମ୍ପନ୍ନ ଅଭିବୃଦ୍ଧି ଏବଂ ପରିବେଶଗତ ନେତୃତ୍ୱ ସମ୍ପର୍କରେ ଆଲୋକପାତ କରିଥିଲା। ସମସ୍ତ ସ୍ଥାନରେ କର୍ମଚାରୀବୃନ୍ଦ, ସହଭାଗୀ ଏବଂ ଜନସାଧାରଣ ସାମୂହିକ କାର୍ଯ୍ୟକ୍ରମ ଜରିଆରେ ବୃକ୍ଷ ଚାରା ରୋପଣ ଏବଂ ସଫେଇ ଅଭିଯାନ, ପୁନଃଚକ୍ରଣ ପ୍ରୟାସ ସମ୍ପର୍କିତ ସଚେତନତା ହାତକୁ ନେଇଥିଲେ। ଏଥିସହିତ ସେମାନେ 'ଅନ୍ନ ଦାନ'ର ଅଂଶ ଭାବରେ ଅନାଥାଶ୍ରମ ଓ ଜରାଶ୍ରମଗୁଡ଼ିକୁ ଗସ୍ତ କରିବା ସହିତ ପାରିପାର୍ଶ୍ୱିକ ଅଞ୍ଚଳରେ ଭିତ୍ତିଭୂମି ଓ ପୁନଃବିକାଶମୂଳକ କାର୍ଯ୍ୟ କରିଥିଲେ। ମୂଲ୍ୟ ଭିତ୍ତିକ ଭାବ ବିନିମୟ ଏବଂ ଗୋଷ୍ଠୀ ନିୟୋଜନକାରୀ 'ପଥପ୍ରାନ୍ତ ନାଟକ' ଆଦି ଏହାର ପ୍ରତିଷ୍ଠାତାଙ୍କ ମାର୍ଗଦର୍ଶିତ ଦାୟିତ୍ୱସମ୍ପନ୍ନ ନାଗରିକତା ସଂସ୍କୃତି ଏବଂ ନୈତିକ ଜୀବନ ନିର୍ବାହ ବ୍ୟବସ୍ଥାକୁ ପୁନଃ ସୁଦୃଢ଼ କରିଥିଲା। ସେବା ଦିବସ ପାଳନର ଅଂଶ ଭାବରେ ଡାଲମିଆ ସିମେଣ୍ଟ ରାଜଗାଙ୍ଗପୁରରେ ଏକାଧିକ ଉନ୍ନୟନମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଥିଲା, ଯଦ୍ଦ୍ୱାରା ୨୦୦୦ରୁ ଅଧିକ ଜନସାଧାରଣ ଉପକୃତ ହୋଇଥିଲେ। କମ୍ପାନୀ ବିଶାଳ ବୃକ୍ଷ ଚାରା ରୋପଣ କାର୍ଯ୍ୟ ହାତକୁ ନେଇ ୧୧୦୬ ଚାରାରୋପଣ କରିଥିଲା ଏବଂ ସୋଲାର ଆଣ୍ଡ୍ ଇଲେକ୍‌ଟ୍ରିକାଲ ଲାବ୍ ଉଦ୍‌ଘାଟନ କରିଥିଲା। ଏଥିସହିତ ସ୍ଥାୟୀ ଏବଂ ଉନ୍ନତ ଗୋଷ୍ଠୀ ସୁବିଧାଗୁଡ଼ିକ ପ୍ରତି ନିଜର ପ୍ରତିବଦ୍ଧତା ପୁନଃଦୃଢ଼ୀକରଣ କରିବାକୁ ଏକ ଉତ୍ସର୍ଗୀକୃତ ସଫେଇ ଅଭିଯାନ ଏବଂ ସ୍କ୍ରାପ୍ ପୃଥକୀକରଣ ଅଭିଯାନ ପରିଚାଳନା କରିଥିଲା। ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟକଳାପ ମଧ୍ୟରେ ସିଲାଇ ମେସିନ ଏବଂ ଯକ୍ଷ୍ମା ରୋଗୀଙ୍କ ପାଇଁ ପୋଷଣ କିଟ୍ ଆବଣ୍ଟନ ଆଦି ଅନ୍ତର୍ଭୁକ୍ତ ଥିଲା। କମ୍ପାନୀ ମଧ୍ୟ ଗୋଷ୍ଠୀ ବିକାଶ ପ୍ରୟାସକୁ ସମର୍ଥନ କରିବା ନିମନ୍ତେ ୨୩ଜଣ ଗ୍ରାମ ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରିଥିଲା। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ୨ହଜାର ଟଙ୍କା ଏବଂ ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୨୫୦୦ରୁ ଅଧିକ ଲୋକଶକ୍ତି (ଏକ୍‌ଜିକ୍ୟୁଟିଭ, କର୍ମଚାରୀ, ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କ ସମେତ) ମଧ୍ୟ ଏହି କାର୍ଯ୍ୟକ୍ରମଗୁଡ଼ିକରେ ଅଂଶଗ୍ରହଣ କରିଥିଲେ। ଏହି ଉତ୍ସବ ପାଳନର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖକରି ଶ୍ରୀ ଚେତନ ଶ୍ରୀବାସ୍ତବ, ଏକ୍ ?ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ୍ ଏବଂ ୟୁନିଟ ହେଡ, ରାଜଗାଙ୍ଗପୁର କହିଥିଲେ, "ଡାଲମିଆ ଭାରତରେ ସେବା ଦିବସ କେବଳ ଆମର ପ୍ରତିଷ୍ଠାତାଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ ନୁହେଁ, ଏହା ତାଙ୍କର ଆଦର୍ଶଗୁଡ଼ିକର ଏକ ଜୀବନ୍ତ ପରିପ୍ରକାଶ। ଏହି ସପ୍ତାହରେ ହାତକୁ ନିଆଯାଇଥିବା ପ୍ରତ୍ୟେକ ପ୍ରୟାସ ଦାୟିତ୍ୱସମ୍ପନ୍ନ ସହିତ ନିର୍ମାଣକରିବା, ଗଭୀର ଭାବରେ ଯନ୍ତ୍ର ନେବା ଏବଂ ଆମକୁ ବଜାୟ ରଖିଥିବା ଜନସମୁଦାୟ ଓ ପରିବେଶ ବ୍ୟବସ୍ଥା ପ୍ରତି ଅର୍ଥପୂର୍ଣ୍ଣ ଅବଦାନ ରଖିବା ନିମନ୍ତେ ଉଦ୍ଦିଷ୍ଟ । ସବୁଜ ବଳୟକୁ ସୁଦୃଢ କରିବା ଠାରୁ ଗୋଷ୍ଠୀ ସ୍ଥଳଗୁଡ଼ିକର ପୁନରୁଦ୍ଧାର ଏବଂ ଆପଦପ୍ରବଣଙ୍କୁ ଯତ୍ନଶୀଳ ହାତ ବଢାଇବାକୁ ପ୍ରତ୍ୟେକ ପ୍ରୟାସ ସଚେତନ ପ୍ରଗତି ନିମନ୍ତେ ତାଙ୍କର ସ୍ଥାୟୀ ଦୂରଦୃଷ୍ଟିକୁ ପ୍ରତିଫଳିତ କରୁଛି। ଏହା ଆମକୁ ସ୍ମରଣ କରାଇ ଦେଉଛି ଯେ, ଅଭିବୃଦ୍ଧି ନିଶ୍ଚିତ ଭାବରେ ଉଭୟ ଜନସାଧାରଣ ଏବଂ ପୃଥ ?ବୀ ପାଇଁ ଦାୟିତ୍ୱସମ୍ପନ୍ନ ଆଧାରିତ ହେବା ଆବଶ୍ୟକ। ସେବା ଦିବସ ପାଳ ପାଳନର ଅଂଶ ଭାବରେ ଡାଲମିଆ ଭାରତ ମଧ୍ୟ ଏହାର ପରମ୍ପରାଗତ ସମ୍ମାନ ପ୍ରଦାନ ପ୍ରୟାସଗୁଡ଼ିକୁ ଆଗେଇ ନେଇ ଦୀକ୍ଷା କେନ୍ଦ୍ର ସର୍ବଶ୍ରେଷ୍ଠ ପ୍ରଦର୍ଶକ ଜରିଆରେ ଦୀର୍ଘକାଳୀନ ଅବଦାନ ଏବଂ ରୂପାନ୍ତରଣକୁ ସମ୍ମାନିତ କରିଥିଲା। ଏଥିରେ ଦକ୍ଷତା ବିକାଶ ଏବଂ ଗୋଷ୍ଠୀଗତ ପ୍ରଭାବରେ ଉତ୍କର୍ଷ ହାସଲ କରିଥିବା ୧୦ ଜଣ ଦୀକ୍ଷା ପ୍ରାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ଗ୍ରାମ ପରିବର୍ତ୍ତନ ଶ୍ରେଷ୍ଠ ପ୍ରଦର୍ଶନ ପୁରସ୍କାର ଅର୍ଥପୂର୍ଣ୍ଣ ଗ୍ରାମାଞ୍ଚଳ ରୂପାନ୍ତରଣକୁ ଆଗେଇ ନେଇଥିବା ୧୬ଜଣ ବ୍ୟକ୍ତିବିଶେଷଙ୍କୁ ଏବଂ ଉତ୍ସର୍ଗୀକୃତ କାର୍ଯ୍ୟ, ନିରନ୍ତର ପ୍ରଦର୍ଶନ ଏବଂ ଗ୍ରୁପର ମୂଳ ମୂଲ୍ୟବୋଧକୁ ବଜାୟ ରଖୁଥିବା ନିମନ୍ତେ କର୍ମଚାରୀଙ୍କୁ ସତତ କର୍ମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେବା ଦିବସ ହେଉଛି ବାସ୍ତବ ଅଭିବୃଦ୍ଧି ମୂଲ୍ୟବୋଧ ନେତୃତ୍ୱରେ, ଗୋଷ୍ଠୀ ଆଧାର ଏବଂ ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ ବୋଲି ଡାଲମିଆ ଭାରତ ରଖୁଥିବା ବିଶ୍ୱାସର ପୁନଃନିଶ୍ଚିତକରଣ। ଦୈନନ୍ଦିନ କାର୍ଯ୍ୟକଳାପରେ ସ୍ଥାୟିତ୍ୱ ଏବଂ ସେବାକୁ ଅନ୍ତର୍ନିବେଶ କରି ଗ୍ରୁପ୍ ଜଣେ ବ୍ୟକ୍ତିଙ୍କର ଜୀବନ ଓ ଦୂରଦୃଷ୍ଟିକୁ ସମ୍ମାନ ପ୍ରଦର୍ଶନ କରୁଛି, ଯିଏ ନିଜର ହୃଦୟ ଦ୍ୱାରା ପରିଚାଳିତ, ନୀରବରେ ସେବା କରିଛନ୍ତି ଏବଂ ସମାଜର ଉନ୍ନତି ନିମନ୍ତେ ନିମନ୍ତେ ନିଜର ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି।

# ହାଡ଼ ଭଙ୍ଗା ଜାଡ଼ରେ ଥରୁଛି ଲାଞ୍ଜିଗଡ଼ ଅଞ୍ଚଳ



ଲାଞ୍ଜିଗଡ଼, (ମହାଭାରତ): ଲାଞ୍ଜିଗଡ଼ ବ୍ଲକ ବିଭିନ୍ନ ଅଞ୍ଚଳରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଗତ ସପ୍ତାହରୁ ପାରଦ ୮ ଡିଗ୍ରି ତଳକୁ ଆସିବା ଫଳରେ ଅଞ୍ଚଳରେ ଦିନକୁ ଦିନ ହାଡ଼ଭଙ୍ଗା ଶୀତର ପ୍ରକୋପ ବଢୁଛି। ସାଧାରଣ ଜନଜୀବନ ଏବେ ଅସ୍ତବ୍ୟସ୍ତ ହେଉଥିବା ବେଳେ ଏହାରି ଭିତରେ ଲାଞ୍ଜିଗଡ ଦୁର୍ଗମ ଅଞ୍ଚଳ ମାନଙ୍କରେ ସ୍ଥାନେ ସ୍ଥାନେ ତୁଷାର ପାତ ଦେଖିବାକୁ ମିଳୁଛି । ପ୍ରବଳ ଥଣ୍ଡା ଯୋଗୁଁ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି । ଖରା ଆସିଲେ ମଧ୍ଯ ଦିନ ତମାମ ଶୀତ ହେଉଥିବା ବେଳେ ସଞ୍ଜ ନଇଁଲେ ତାପମାତ୍ରା ହ୍ରାସ ପାଉଛି ଯାହାଫଳରେ ରାତି ତମାମ ଶୀତ ରାଜୁତି କରୁଛି। ଶୀତର ପ୍ରକୋପ ଯୋଗୁଁ ରାସ୍ତାଘାଟ ସବୁ ଶୂନଶାନ ହେଇ ଯାଉଛି । ଶୀତରୁ ରକ୍ଷା ପାଇବା ପାଇଁ ଗାଁ ଗାଁରେ ତଥା ରାସ୍ତା କଡ଼ମାନଙ୍କରେ ଲୋକେ ସ୍ଥାନେ ସ୍ଥାନେ ନିଆଁ ପୋଇଁବାର ଦୃଶ୍ୟ ଦେଖିବାକୁ ମିଳୁଛି । ବସଷ୍ଟପ୍, ପଦାରେ ଆଶ୍ରୟ ନେଉଥିବା ଯାତ୍ରୀ, ଭିକାରୀମାନଙ୍କ ଜୀବନ ଏହି ହାଡ଼ଭଙ୍ଗା ଶୀତ ଯୋଗୁଁ ବିପନ୍ନ ହୋଇପଡୁଛି। ଅସହାୟ ବୃଦ୍ଧ ଓ ବୃଦ୍ଧାମାନେ ଏଭଳି ଶୀତ ଯୋଗୁଁ ଚିନ୍ତାରେ ରହିଥିବା ବେଳେ ବ୍ୟବସାୟୀ ତଥା ଦୋକାନୀ ମାନେ ମଧ୍ଯ ସକାଳ ୯ ଟା ପରେ ଦୋକାନ ବଜାର ଖୋଲି ସନ୍ଧ୍ୟା ୮ଟା ପୂର୍ବରୁ ଦୋକାନ ବଜାର ବନ୍ଦ କରୁଥିବା ଦେଖିବାକୁ ମିଳୁଛି । ତେବେ ଗତ ବର୍ଷ ଏହି ସମୟରେ ରାଜ୍ୟ ସରକାର ବୃଦ୍ଧା ମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ସମେତ କମ୍ବଳ ପାଇଁ ମଧ୍ୟ ଟଙ୍କା ପ୍ରଦାନ କରିଥିଲେ କିନ୍ତୁ ଚଳିତ ବର୍ଷ ସରକାର ବୃଦ୍ଧବୃଦ୍ଧା ମାନଙ୍କୁ ଭୁଲି ଯାଇଛନ୍ତି । ତେବେ ବୟସ୍କଙ୍କୁ ତୁରନ୍ତ କମ୍ବଳ ପ୍ରଦାନ କରିବାକୁ ଦାବି ହେଉଛି।

# ଲୀଳାକ୍ଷେତ୍ର କାଙ୍କଣ ଶିଖାରୀକୁ ଗଲା ମା' ଭଗବତୀଙ୍କ ଆଜ୍ଞାମାଳ

## ତିନିଦିନ ହେବ ଶ୍ରୀଜଗନ୍ନାଥ ମହୋତ୍ସବ



ବାଣପୁର : ( ମହାଭାରତ )ସୁନୀଳ ଚିଲିକାର ପଶ୍ଚିମ ତଟ ଦେଶରେ ଅବସ୍ଥିତ କୁଦ କାଙ୍କଣ ଶିଖରୀ ଏକଦା ଶ୍ରୀ ଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଭାବେରେ ସର୍ବତ୍ର ପରିଚିତ,ଓବିଧର୍ମୀମାନଙ୍କ ଶ୍ରୀମନ୍ଦିର ଆକ୍ରମଣ କାଳରେ ଗଜପତିଙ୍କନିର୍ଦ୍ଦେଶକ୍ରମେ ଶ୍ରୀଜୀଉମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଶ୍ରୀମନ୍ଦିରରୁ ଗୋପନୀୟ ସ୍ଥାନ କୁ ସ୍ଥାନାନ୍ତର କରାଯାଇ କିଛିକାଳ ରଖାଯାଉଥିଲା । ଏପରି ଏକ ସୁରକ୍ଷିତ ସ୍ଥାନ ଥିଲା ଚିଲିକା ମଧ୍ୟସ୍ଥ କାଙ୍କଣ କୁଦୟ ସପ୍ତଦଶ ଶତାବ୍ଦିର ତୃତୀୟାର୍ଦ୍ଧରେ ବିଧର୍ମୀମାନଙ୍କ ଦୃଷ୍ଟି ଆଢୁଆଳରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ୪ ମାସ ୧୭ ଦିନ ଏହି ଗଛଲତା ପରିପୂର୍ଣ୍ଣ କାଙ୍କଣଲତା ପରି ବେଷ୍ଟିତ ଜନଶୁନ୍ୟ ଟାପୁ ଭିତରେ ରଖାଯାଇଥିବା କଥା ମାଦଳାପାଞ୍ଜିରୁ ଜଣାପଡ଼େ। ସେହି କାଙ୍କଣକୁଦ ଆଜି ଶ୍ରୀଜଗନ୍ନାଥଙ୍କ ପବିତ୍ର ଲୀଳାକ୍ଷେତ୍ର କାଙ୍କଣ ଶିଖରୀ ଭାବରେ ସମଗ୍ରଓଡ଼ିଶାର ଜଗନ୍ନାଥ ପ୍ରେମୀଙ୍କ ନିକଟରେ ପରିଚିତ ହୋଇ ଏକ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳର ମାନ୍ୟତା ଲାଭ କରି କୋଟି କୋଟି ଜଗନ୍ନାଥ ଭକ୍ତଙ୍କୁ ଉକ୍ତ ପବିତ୍ର ସ୍ଥଳ ପରିଦର୍ଶନ ନିମନ୍ତେ ଆକୃଷ୍ଟ କରୁଛ। ବିଗତ ଆଠ ବର୍ଷ ଧରି ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ପ୍ରଚେଷ୍ଟାରେ ଏଠାରେ ପ୍ରତିବର୍ଷ୫ ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଶ୍ରୀକ୍ଷେତ୍ରରୁ ପ୍ରଭୁଶ୍ରୀ ଜଗନ୍ନାଥଙ୍କ ଆଜ୍ଞାମାଳ ବିଜେ ଏବଂ ବାଣପୁରର ଆରାଧ୍ୟାଦେବୀ ମା'ଭାଗବତୀଙ୍କ ସହିତସ୍ଥାନୀୟ ଚିଲିକା ବାଣପୁର ଅଞ୍ଚଳର ୩୩ ଗୋଟିଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଶୋଭାଯାତ୍ରାରେ ନେଇ ପ୍ରଥମ ଦିନର ଅଧିବାସ କାର୍ଯ୍ୟ ଶୁଭାରମ୍ଭ କରାଯାଉଛି । ଚଳିତ ବର୍ଷର ଏହି କାର୍ଯ୍ୟକ୍ରମରେ ଶୁକ୍ରବାର ଦିବା ୮ ଘଟିକା ସମୟରେ ପ୍ରଥମେ ମା'ଭଗବତୀଙ୍କ ମନ୍ଦିରରେ ବଲ୍ଲଭ ଆଳତି ପରେ ପୂଜକ ସାଆନ୍ତ ପ୍ରକାଶ ଚନ୍ଦ୍ର ମହାପାତ୍ର ଓ ପାଳିଆ ମାଳିସଂଜୟ ମହାପାତ୍ର ମା'ଙ୍କ ପ ା ଖ େ ର ଦୀପଧୂପଦେଇଘ□କାହାଳୀ ବାଦନରେ ମା'ଙ୍କ ଆଜ୍ଞାମାଳ କରି କାଠିନାହାକପ୍ରତିନିଧି ଗଣେଷ ନାୟକଙ୍କୁ ପ୍ରଦାନ କରିଥିଲେ।ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ବରିଷ୍ଠ ପତ୍ରକାର ନୃସିଂହ ପ୍ରସାଦ ମିଶ୍ର,ଶ୍ରଦ୍ଧାଳୁ ନବକିଶୋର ପ୍ରଧାନ,ସେବକ ରୁଦ୍ରନାୟକ, ଶିବନାୟକ, ପ୍ରଭାସ ସୁପକାର ପ୍ରମୁଖ ମା'ଙ୍କ ଆଜ୍ଞାମାଳ ନେଇ କାଙ୍କଣ ଶିଖରୀ ଯାତ୍ରା କରିଥିଲେ।

# ଏଏସ୍ଆଇ ଙ୍କ ଉପସ୍ଥିତ ବୁଦ୍ଧି ପାଇଁ ବଞ୍ଚିଲା ମୂଲ୍ୟବାନ ଜୀବନ

ହିନ୍ଦୋଳ(ମହାଭାରତ)ଲୋକଙ୍କୁ ଜରୁରୀକାଳୀନ ସେବା ପ୍ରଦାନ କରିବା ପାଇଁ ସରକାର ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଭଳି ଜରୁରୀକାଳୀନ ସେବା କ୍ଷେତ୍ରକୁ ଗୁରୁତ୍ବ ସହ ଧ୍ୟାନ ଦେଉଥିବା ବେଳେ ହିନ୍ଦୋଳ ସଦରମହକୁମାରେ ଏହି ସେବାର ସମ୍ପୂର୍ଣ୍ଣ ବିପରୀତ ଚିତ୍ର ଦେଖିବାକୁ ମିଳିଛି।ସୂଚନା ଅନୁଯାୟୀ ଗତକାଲି ହିନ୍ଦୋଳ ଥାନା ଅନ୍ତର୍ଗତ କର୍ଣ୍ଣପୁର୍ ଗ୍ରାମର ଚଉବନ ଭୋଇ, ରାହୁଲ ଭୋଇ, ସୋନୁ ସାହୁ ନାମକ ୩ ଯୁବକ ନିକଟସ୍ଥ କଂସରା ମା ବନଦୁର୍ଗା ଠାରେ ଗତକାଲି ସନ୍ଧ୍ୟା ସମୟରେ ଭୋଜି ସାରି ହିନ୍ଦୋଳ ଆସିଥିଲେ।ତେବେ ହିନ୍ଦୋଳରୁ ନିଜ ଗାଁ କର୍ଣ୍ଣପୁର ଫେରୁଥିବା ବେଳେ ହିନ୍ଦୋଳ ପେଟ୍ରୋଲ ପମ୍ପ ନିକଟରେ ଭାରସ୍ୟାମ ହରାଇ ଚଳାଉଥିବା ନିଜର ପଲ୍ସର୍ ୨୨୦ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣା ସ୍ଥଳରେ ୩ ଜଣ ଯୁବକ ଗୁରୁତର ଅବସ୍ଥାରେ ପଡ଼ି ଛଟପଟ ହେଉଥିବା ବେଳେ ସ୍ଥାନୀୟ କିଛି ଯୁବକ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ।ପରେ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଜଣେ ଯୁବକ ରାସ୍ତାଠାରୁ କିଛି ଦୂରରେ ପଡି ରହିଥିବାର ଖବର ଆସିଥିଲା।ପରେ ଅଗ୍ନିଶମ ଗାଡ଼ି ପୁନର୍ବାର ଗୁରୁତର ଯୁବକଙ୍କୁ ଉଦ୍ଧାର କରିବା ପାଇଁ ଯିବା ସମୟରେ ହିନ୍ଦୋଳ ବ୍ଲକ୍ ସମ୍ମୁଖରେ ଅଗ୍ନିଶମ ଗାଡ଼ିର ପଛପାଖ ଚକା ଫାଟିଥିଲା।ତେବେ ସେପଟେ ଗୁରୁତର ଆହତ ହୋଇ ଛଟପଟ ହେଉଥିବା ଯୁବକଙ୍କ ପାଖରେ ଥିବା ହିନ୍ଦୋଳ ପୋଲିସ୍ ଇଛଓ ଯଶୋବନ୍ତ ପ୍ରଧାନ ନିଜର ମାନବିକତା ଦେଖାଇ ଅଗ୍ନିଶମ ଗାଡ଼ି ପହଞ୍ଚିବାରେ ବିଳମ୍ବ ହେବାରୁ ନିଜେ ପୋଲିସ୍ ଗାଡ଼ିରେ ଆଣି ହିନ୍ଦୋଳ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।ସ୍ଥାନୀୟ ଲୋକ ପୋଲିସ୍ ବିଭାଗର ଏହି କାର୍ଯ୍ୟକୁ ପ୍ରଶଂସା କରିଥିବା ବେଳେ ଅଗ୍ନିଶମ ବିଭାଗ ଭଳି ଜରୁରୀକାଳୀନ ସେବାରେ ବିଚ୍ୟୁତି ଘଟିଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ନାହି ନାହିଁରେ ଚାଲିଛି ସରକାରୀ ହୋମିଓପାଥି ଚିକିତ୍ସାଳୟ



ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଟାଉନ ହଲ୍ ପରିସରରେ ଥିବା ପୌର ପରିସଦର ଏକ କ୍ୱାଟରରେ ସରକାରୀ ହୋମିଓପାଥିକ ଚିକିତ୍ସାଳୟଟି ଚାଲିଛି ଏଠାରେ ଭିତ୍ତିଭୂମି ନାହିଁ, ଆଜି ପର୍ଯ୍ୟନ୍ତ ବିଦ୍ୟୁତ ବ୍ୟବସ୍ଥା ନାହିଁ, ଶୌଚାଳୟ ନାହିଁ,ପାନିୟ ଜଳ ବ୍ୟବସ୍ଥା ରୋଗୀଙ୍କ ସକାଶେ ପ୍ରତୀକ୍ଷା ଗୃହର ବ୍ୟବସ୍ଥା ନାହିଁ କି ନିଜସ୍ୱ କୋଠା ନାହିଁ। ବର୍ତ୍ତମାନ ସମସ୍ୟା ଘେରରେ ଚାଲିଛି ସରକାରୀ ହୋମିଓପାଥିକ ଚିକିତ୍ସାଳୟ।ଅପରିଷ୍କାର ପରିବେଶ ଓ ଚିକିତ୍ସାଳୟ ସମ୍ମୁଖରେ ଅପରିଷ୍କାର । ଏଠାରେ ଜଣେ ଡାକ୍ତର ବୈଜନ୍ତି ବାଳା ସାମନ୍ତରାୟ ଜଣେ ଆସିଷ୍ଟାଣ୍ଡ ସ୍ୱପ୍ନା ରାଣୀ ସାମଲ ଜଣେ ପାର୍ଟ ଟାଇମ ସିକ୍ୟୁରିଟି ଗାର୍ଡ ଜଗଦୀଶ ରାଓ ଅଛନ୍ତି।ଡାକ୍ତର ବୈଜନ୍ତି ବାଳା ସାମନ୍ତରାୟ ତିନି ଦିନ ପାରଳାଖେମୁଣ୍ଡି ରେ ରହୁଥିବା ବେଳେ ବାକି ଦିନ ଆର ଉଦୟଗିରିରେ କାର୍ଯ୍ୟରତ ରହୁଥିବାର ସେ ପ୍ରକାଶ କରିଛନ୍ତି।ସରକାରି ସ୍ଥାୟୀ କୋଠା ଗୃହ ନିର୍ମାଣ ଓ ସ୍ଥାୟୀ ହୋମିଓପ୍ୟାଥିକ ଡାକ୍ତର ସହ ଆବଶ୍ୟକୀୟ ଭିତ୍ତିଭୂମି ହେଲେ ଗଜପତି ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ସରକାରି ହୋମିଓପ୍ୟାଥିକ ଚିକିତ୍ସାର ସ୍ୱାସ୍ଥ୍ୟ ସେବାର ଉନ୍ନତି ହୋଇ ପାରିବ ତତ ସହିତ ଜିଲ୍ଲା ବାସୀ ଉପକୃତ ହୋଇ ପାରିବେ ବୋଲି ସାଧାରଣରେ ଦାବୀ ହେଉଛି ।

# ଜି ଏସ ୟୁ ସ୍ଥାପନା ଦିବସ

ରାଇଘର (ମହାଭାରତ) : ଆଜି ଗୋଣ୍ଡଓାନା ଛାତ୍ର ସଂଘ ରାଇଘର ତରଫରୁ ଦେଓଭରଣ୍ଡି ଗ୍ରାମର ଯୁବ ଗୋଷ୍ଠୀ କେନ୍ଦ୍ର ଠାରେ ଜି ଏସ ୟୁ ସ୍ଥାପନା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନଙ୍କ ପାଇଁ, କୁଇଜ୍, ଚିତ୍ରାଙ୍କନ, ପ୍ରତିଯୋଗିତା ରଖାଯାଇଥିଲା ଏହି ଏହି ପ୍ରତିଯୋଗିତାରେ ଆଖ ପାଖ ଗାଁ ସ୍କୁଲର ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ କର୍ମକର୍ତ୍ତା ଭାଇ ଭଉଣୀ, ଉପଦେଷ୍ଟା ମଣ୍ଡଳୀ, ଏବଂ ସମାଜର ମୁଖ୍ୟ ଗାଁର ସିୟାନ ସଜନ ଅନ୍ୟାନ୍ୟ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନ ପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲୁ।

# ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ସଚେତନତା କାର୍ଯ୍ୟକ୍ରମ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସଦର ମହକୁମା ସ୍ଥିତ ସ୍ଥାନୀୟ ଟାଉନ୍ ହଲ୍ ଠାରେ ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ୨ ବର୍ଷରୁ ଅଧିକ ଓ ୧୦ ବର୍ଷ ପର୍ଯ୍ୟନ୍ତ ଅଚଳ ଥିବା ବ୍ୟାଙ୍କ ଖାତାରେ ଜମା ରହିଥିବା ଟଙ୍କା ଦାବିହିନ ଜମାରାଶି ଗୁଡ଼ିକୁ ଡଈଓ ଉଉଇ ପାଣ୍ଠିକୁ ସ୍ଥାନନ୍ତର କରାଯିବା ବିଷୟରେ ସଚେତନତା କରାଯାଇଥିଲା। ଉକ୍ତ ଶିବିରରେ ଦୀର୍ଘ ବର୍ଷ ଧରି କାରବାର ହେଉନଥିବା ବ୍ୟାଙ୍କ ଖାତା କିମ୍ୱା ଜମା ରାଶିର ଦାବିହୀନ ଖାତାର ଅର୍ଥ ରାଶି ପ୍ରଦାନ ସହିତ ବ୍ୟାଙ୍କ ଗୁଡିକରେ ଖାତାରେ ଜମା ଥିବା ପୁଞ୍ଜି କିପରି ଖାତା ଧାରୀ କିମ୍ୱା ମୃତ୍ୟୁ ବ୍ୟକ୍ତିଙ୍କ ପରିବାର ବର୍ଗ ଫେରି ପାଇବେ ତାହା ଉପରେ ସଚେତନତା କରାଯାଇଥିଲା।ଅକ୍ଟୋବରରୁ ଆରମ୍ଭ ହୋଇଥିବା ଏହି ଶିବିର ଡିସେମ୍ବର ପର୍ଯ୍ୟନ୍ତ ଚାଲିବ । କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ ପାରଳାଖେମୁଣ୍ଡି ୟୁନିଅନ୍ ବ୍ୟାଙ୍କ ଅଫ ଇଣ୍ଡିଆ ଅଗ୍ରଣୀ ବ୍ୟାଙ୍କ ତଫରରୁ ଆୟୋଜିତ ଏହି ଶିବିରରେ ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମୁନୀନ୍ଦ୍ର ହୋନେନାଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ଶ୍ରୀଯୁକ୍ତ ରୁପେଶ କୁମାର ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପାରଳା ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିର୍ମଳା ସେଠୀ ଯୋଗ ଦେଇଥିବା ବେଳେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଭୁବନେଶ୍ୱର ଶ୍ରୀ ରିତେଶ କୁମାର ପାତ୍ର ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସେହିପରି ଗଜପତି ଜିଲ୍ଲାର ବିଭିନ୍ନ ବ୍ୟାଙ୍କରେ ୨୪ କୋଟି ୩୪ ଲକ୍ଷ ୮୮ ଟଙ୍କା ଦାବି ହିନ ଜମାରାଶି ଗଚ୍ଛିତ ହୋଇ ରହିଅଛି। ଆଜିର ଶିବିରରେ ସର୍ବୋମୋଟ ୫,୮୨,୯୬୫/- ଦାବିହୀନ ଜମାରାଶି ୩ ଜଣଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଶ୍ରୀ ମହେଶ୍ୱର ମଣ୍ଡଳ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ୟାଙ୍କ ପ୍ରବନ୍ଧକ, ହିତାଧୀକାରୀ ଓ ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

# ରବି ଚାଷ ପାଇଁ ସୁନେଇ ପ୍ରକଳ୍ପ କମିଟି ର ବୈଠକ



ଉଦଳା ( ମହାଭାରତ):ଆସନ୍ତା ୨୦୨୫-୨୬ ରବି ଚାଷ ନିମନ୍ତେ ଆଜି ସୁନେଇ ଉପ ବିଭାଜନ ଅଫିସ ଉଦଳା ପରିସର ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ବର୍ଷ ରବି ଚାଷ ପୂର୍ବରୁ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସୁନେଇ କେନାଲ ମାଧମ ରେ ଜଳ ର ସୁ ବଣ୍ଟନ ଏବଂ ରବି ଚାଷ ର ଖସଡ଼ା ପ୍ରସ୍ତୁତି କରିବା ରେ ସୁ ଚିନ୍ତିତ ମତାମତ ଦେଇ ଚାଷୀ ର ବିକାଶ ଦିଗରେ ଆଜିର ବୈଠକ ରେ ଆଲୋକପାତ ହୋଇଥିଲା। ରବି ଚାଷ ନିମନ୍ତେ ଚାଷୀ ମାନେ କେମିତି ତାର ସୁଫଳ ପାଇବା ସଙ୍ଗେ ସଙ୍ଗେ କୃଷି ବିଭାଗ, ଉଦ୍ୟାନ ବିଭାଗ, ଏବଂ ଲ୍ୟାମ୍ପ ଦ୍ୱାରା ସରକାରୀ ସହାୟତା ପାଇଁ ଏହି ବୈଠକ ରେ ଆଲୋଚନା ହୋଇଥିଲା । ସୁନେଇ ପ୍ରକଳ୍ପ କମିଟି ର ସଭାପତି ହେମନ୍ତ ବେହେରା ଏହି କାର୍ଯ୍ୟକ୍ରମ ରେ ସଭାପତିତ କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ଯୋଗ ଦେଇ କାର୍ଯ୍ୟକ୍ରମ ରେ ସାମିଲ ସମସ୍ତ ପାଣିପଞ୍ଚାୟତ ର ମେମ୍ବର ମାନଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ଚାଷୀ ର ବିକାଶ ଦିଗରେ ପାଣି ପଞ୍ଚାୟତ ଏବଂ ସୁନେଇ ଜଳ ସେଚନ ପ୍ରକଳ୍ପ କାର୍ଯ୍ୟ ସୁଫଳ ରୂପେ ସମ୍ପାଦନ କରିବ ବୋଲି ତାଙ୍କ ବକ୍ତବ୍ୟ ରେ କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମ ରେ ସୁନେଇ ଜଳ ସେଚନ ପ୍ରକଳ୍ପ ର ନିର୍ବାହୀ ଯନ୍ତ୍ରୀ ଙ୍କ ସମେତ ବିଭିନ୍ନ ବିଭାଗ ର କର୍ମଚାରୀ ଉପସ୍ଥିତ ଥିବା ବେଳେ ପ୍ରକଳ୍ପ କମିଟି ର ସମ୍ପାଦକ ବିରଞ୍ଚି ନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ ।

# ଅଗ୍ନି ବିପନ୍ନ ପରିବାରଙ୍କୁ ଭେଟି ଶୀତ ବସ୍ତ୍ର ପ୍ରଦାନ କଲେ ବିଧାୟକ



ନୂଆଗାଁ (ମହାଭାରତ ):ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଉଦୟପୁର ଗ୍ରାମ ପଞ୍ଚାୟତ ସିଙ୍ଗପୁର ଗ୍ରାମରେ ବୁଧବାର ନିଆଁ ଲାଗି ତିନି ବଖରା ସହିତ ଘରର ବିଭିନ୍ନ ଆସବାପତ୍ର ଜଳି ପୋଡ଼ି ପାଉଁଶ ହୋଇଯାଇଛ।ସୂଚନା ଅନୁଯାୟୀ ସିଙ୍ଗପୁର ଗ୍ରାମର ଅମର ଜାନି ଓ ଝୁନୁ ଜାନିଙ୍କ ଦେହ ଅସୁସ୍ଥତା ଯୋଗୁଁ ଉଭୟ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହେଉଥିବା ସମୟରେ ପ୍ରବୀର ଜାନି ସେମାନଙ୍କର ଦାୟିତ୍ୱ ବୁଝୁଥିଲେ।ଘରେ ମା' ଝରୁଣୀ ଜାନି ରହି ଦେଖାଶୁଣା କରୁଥିଲେ।ବୃଦ୍ଧ ମା' କହିବା ଅନୁଯାୟୀ ବାହାରେ ବସିଥିବା ବେଳେ ହଠାତ ଚାଳରେ ନିଆଁ ଲାଗିଥିବାର ଦେଖିଥିଲେ।ସେ ଗାଁ ର ଲୋକମାନଙ୍କୁ ଡାକିଲା ବେଳକୁ ୩ ବଖରା ଘର ନିଆଁ ଲାଗିଯାଇଥିଲା।ଯାହା ଫଳରେ କୌଣସି ଆସବାପତ୍ର କିମ୍ୱା ନିତ୍ୟ ବ୍ୟବହାରିକ ଜିନିଷପତ୍ର ବାହାର କରିପାରି ନ ଥିଲେ।ଘରେ ଥିବା ଧାନ, ଚାଉଳ,ଲୁଗା ପଟା,କଂସା ବାସନ ଆଦି ଅନେକ ମୂଲ୍ୟବାନ କାଗଜପତ୍ର ଜଳି ପୋଡ଼ି ନଷ୍ଟ ହୋଇଯାଇଛି।ଖବର ପାଇ ନୂଆଗାଁ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ୍ୟ ୩ ବଖରା ଯାକ ଘର ଜଳି ଯାଇଥିଲା।ନିଆଁ ଲାଗିଥିବା ଅସ୍ପଷ୍ଟ ହୋଇଥିବା ବେଳେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଲାଗିଥାଏ ବୋଲି ଗ୍ରାମବାସୀ ମାନେ କହିଛନ୍ତି।ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ ଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ତହସିଲଦାର ଭବାନୀ ଶଙ୍କର ନାୟକ,ମହୀତମା ରାଜସ୍ୱ ନିରୀକ୍ଷକ ଜ୍ୟୋସ୍ନାରାଣୀ ମଳିକ, ସୁପରଭାଇଜର ପ୍ରମୋଦ କୁମାର ବେହେରା ପହଞ୍ଚି ଅଗ୍ନି ବିପତ୍ତି ପରିବାରଙ୍କୁ ଦରିପାଲ ଯୋଗାଇ ଦେଇଥିଲେ।ତଦନ୍ତ ପରେ ଆବଶ୍ୟକ ସ୍ଥଳେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ତହସିଲଦାର ହେମନ୍ତ କୁମାର ନାୟକ ପ୍ରକାଶ କରିଥିଲେ।ଖବର ପାଇ ଆଜି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଅଗ୍ନି ବିପତ୍ତି ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ଶୀତ ବସ୍ତ୍ର ସହାୟତା ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ଢେଙ୍କେଣା ସରପଞ୍ଚ ତଥା ବିଜେଡ଼ି ସଭାପତି ଯୁଗଳ କିଶୋର ସାହୁ,ବେରୁଆଁବାରୀ ସମିତି ସଭ୍ୟ କେଦାର ସେଠି, ଅମର ବରାଡ଼,ଆଦିତ୍ୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବଟେଶ୍ୱର ନୋଡାଲ କ୍ଲଷ୍ଟର ତରଫରୁ ଶିକ୍ଷା ସଭା

କଷ୍ଟପ୍ରସାଦ(ମହାଭାରତ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ସିଆଣ୍ଡି ପଞ୍ଚାୟତର ସାନ ସୀମା ନୋଡାଲ ଉଚ୍ଚ ନ୍ୟାୟାଳୟର ପରିସର ମଧ୍ୟରେ ବଟେଶ୍ୱର ନୋଡାଲ କ୍ଲଷ୍ଟର ତରଫରୁ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ସି ଆର ସି ସି ବିଦ୍ୟାଧର ଜେନାଙ୍କ ନେତୃତ୍ୱରେ ଏବଂ ସାନସୀମା ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜ କିଶୋର ତରେଇ ଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇ ଶିକ୍ଷା ସଭାର ପ୍ରସାର ପ୍ରଚାର କରାଯାଇଥିଲା। ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକ ମାନେ ଯୋଗ ଦେଇ କହିଥିଲେ ଯେ ଶୁନରୁ ୧୮ ବର୍ଷ , ଅଧାରୁ ପାଠ ଛାଡ଼ିଥିବା, ଆଦୌ ନାମ ଲେଖାଇନଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲା ମାନଙ୍କୁ ଶିକ୍ଷ୍ୟାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପ୍ରୟାସ କରିବାକୁ ବାର୍ତ୍ତା ଦେଇଥିଲେ। ଏଥିରେ ସ୍କୁଲ ସଭାପତି ପ୍ରଫୁଲ୍ଲ କୁମାର ତରେଇ , ପ୍ରଭାତ କୁମାର ଜେନା, ଓରା ର ସମସ୍ତ ଏସ ଏଚ ଜି ସମସ୍ତ ସଭ୍ୟା ସମେତ ଶିକ୍ଷକ ବିଚିତ୍ରାନନ୍ଦ ତରେଇ , ପୁଷ୍ପାଞ୍ଜଳୀ କର , ରାଜେନ୍ଦ୍ର ପ୍ରସାଦ ନାୟକ, ସୁଦର୍ଶନ ବାରୀକୀ, ପ୍ରସନ୍ତ ଜିତ ଜେନା, ଚୈତନ୍ୟ ସେଠି , ଦିପକ କୁମାର ଜାଲି , ସୁଜ୍ଞାନୀ ଦାଶ ପ୍ରମୁଖ ଯୋଗଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏବଂ ସହକାରୀ ଶିକ୍ଷକ ଶଙ୍କର୍ଷଣ ଦାଶ ମଞ୍ଚ ପରିଚାଳନା କରିଥିଲେ।

# ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟର ପ୍ରଥମ ଗ୍ରାମସଭା ସଫଳ

କେନ୍ଦୁଝର(ମହାଭାରତ): କେନ୍ଦୁଝରରେ ମେଗା ଷ୍ଟିଲପ୍ଲାଣ୍ଟ ସ୍ଥାପନ ପାଇଁ ପାଟଣା ବ୍ଲକ ର ଭୃଙ୍ଗାରାଜପଶି ଗାଁ ରେ ଅନୁଷ୍ଠିତ ପ୍ରଥମ ଗ୍ରାମସଭା ସଫଳ ହୋଇଛି। କେନ୍ଦୁଝରରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆଜି ପ୍ରଥମ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ପାଟଣା ବ୍ଲକ ଚେମଣା ପଞ୍ଚାୟତ ଭୃଙ୍ଗରାଜପଶିରେ ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ସକାଳ ୧୦ଟା ୩୦ମିନିଟ୍ ସମୟରେ ପ୍ରଥମ ଗ୍ରାମସଭା କୁ ସ୍ଥାନୀୟ ବାସିନ୍ଦା ସମର୍ଥନ କରି ଥିବାରୁ ଏହା ସଫଳ ହୋଇଛି । ଏହିସଭାରେ ଚେମଣା ପଞ୍ଚାୟତର ସରପଞ୍ଚ ସଭାପତିତ୍ୱ କରିଥିବା ବେଳେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ, ପାଟଣା ବିଡ଼ିଓ, ତହସିଲଦାର ଏଂ ନିର୍ବାଚିତ ଲୋକେ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଗ୍ରାମବାସୀ ମାନେ ଯୋଗ ଦେଇ ସେମାନଙ୍କ ଦାବୀ ଉପସ୍ଥାପନ କରିବାସହ ଦାବୀ ପୁରଣ ହେଲେ ପ୍ଲାଣ୍ଟକୁ ସ୍ୱାଗତ କରିବେ ବୋଲି କହିଥିଲେ। ପରେ ଅତିରିକ୍ତ ଜିଲ୍ଲାପାଳ ଗ୍ରାମସଭା ସଫଳ ହୋଇଥିବା ଘୋଷଣା କରିଥିଲେ। ପ୍ରକାଶ ଯେ ଔଝଡ ଏବଂ ପୋସ୍କୋ ମିଳିତ ସହଯୋଗରେ ୫ ମିଲିୟନ ଟନର ଏକ ଇସ୍ପାତ କାରଖାନା କରିବାକୁ ରାଜ୍ୟ ସରକାରଙ୍କ ସହ ଚୁକ୍ତି ନାମା କରିଛନ୍ତି।

# ବିଦ୍ୟାଳୟରେ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ

ବାଲିପାଟଣା(ମହାଭାରତ)ବାଲିପାଟଣା ବ୍ଲକ ଅନ୍ତର୍ଗତ ବସନ୍ତମାଳ ସ୍ଥିତ ଆର.ଆଇ.ଇ.ଟି ସ୍କୁଲ ରେ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ନିଜେ ଘରେ ତିଆରି କରି ଆଣିଥିବା ଖାଦ୍ୟ ଜିନିଷ ର ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା।ଖାଦ୍ୟ ପ୍ରସ୍ତୁତିରେ ଛାତ୍ରଛାତ୍ରୀଙ୍କ ଅବିଭାବକ ମାନେ ସହଯୋଗ କରିବା ସହ ଷ୍ଟଲ୍ ରେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେଡି ର ସାଂସଦ ପ୍ରାଥି ମନଥ ରାଉତରାୟ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡ଼ଖଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ମୀନାରାଣୀ ମହାପାତ୍ର,ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲ୍ଲୀପ ଓଝା, ରମେଶ ରଥ,ଶିକ୍ଷୟତ୍ରୀ ରାଧାରାଣୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପିଲା ମାନଙ୍କୁ ସ୍ୱଚ୍ଛତା,ସ୍ୱାଦିଷ୍ଟ ଏବଂ ଭିଟାମିନ ରେ ଭରପୁର ଘରୋଇ ଖାଦ୍ୟ କିପରି ଦିଆଯାଇପାରିବ ଏହାକୁ ଲକ୍ଷ୍ୟରେ ରଖି ଅଞ୍ଚଳରେ ଏପରି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ବିଦ୍ୟାଳୟର ଶାଖା ଅଧକ୍ଷ ସୁବାସ ନାୟକ ସୂଚନା ଦେଇଛନ୍ତି । ଏହି ଷ୍ଟଲ୍ ରେ କୁନିକୁନି ଛାତ୍ରଛାତ୍ରୀ ଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଜଳଖିଆ ଖାଦ୍ୟ ଯେମିତିକି ଗଜାମୁଗ ବୁଟ ସାଲାଡ଼, ଫ୍ରୁଟ ସାଲାଡ଼, ମିଠା ମକା,ପକୋଡା,ମଣ୍ଡା ପିଠା,ମାଣ୍ଡିଆ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ତଥା ପାରମ୍ପରିକ ଖାଦ୍ୟ ଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ମାନେ ଖାଦ୍ୟ ମେଳା ର ବିଭିନ୍ନ ଷ୍ଟଲ ବୁଲିବା ସହିତ ମନ୍ ପସନ୍ଦର ଖାଦ୍ୟ ଖାଇବାର ଭର ପୁର ଆନନ୍ଦ ଉପଭୋଗ କରିଥିଲେ।ଆଗାମୀ ଦିନରେ ଆଗକୁ ଏହି କାର୍ଯ୍ୟକ୍ରମ ବଡ ଧରଣ ର ହେବ ବୋଲି ବିଦ୍ୟାଳୟ ର ମୁଖ୍ୟ ପରିଚାଳକ ସଞ୍ଜୀବ କୁମାର ହୋତା ମତ ପ୍ରକାଶ କରିଥିଲେ।

## ଦିଲ୍ଲୀ ସ୍କୁଲଗୁଡିକରେ ଫି' ନିୟନ୍ତ୍ରଣ ଲାଗୁ, ମନ ଇଚ୍ଛା କାର୍ଯ୍ୟ କଲେ ନିଆଯିବ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ : ଦିଲ୍ଲୀ ସରକାର ଘରୋଇ ସ୍କୁଲଗୁଡ଼ିକ ଦ୍ୱାରା ଆଦାୟ କରାଯାଉଥିବା ମନମୁଖୀ ଫି'କୁ ରୋକିବା ପାଇଁ ଦିଲ୍ଲୀ ସ୍କୁଲ ଶିକ୍ଷା ଆଇନ ୨୦୨୫ କୁ ଅଧିସୂଚିତ କରିଛନ୍ତି । ସ୍କୁଲଗୁଡ଼ିକ ଆଉ ଅନୁମତି ବିନା ଅତିରିକ୍ତ ଫି' ଆଦାୟ କରିପାରିବେ ନାହିଁ । ଯାହା ଅଭିଭାବକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ ଏବଂ ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବ । ବର୍ତ୍ତମାନ ଏଲଜି ଭିକେ ସକ୍ସେନା ଏହି ଗେଜେଟ୍ ବିଜ୍ଞପ୍ତି ଜାରି କରିଛନ୍ତି । ଏହି ଆଇନ ଏବେ ଦିଲ୍ଲୀର ୧୫୦୦ ରୁ ଅଧିକ ବେସରକାରୀ ଅଣ-ସହାୟତାପ୍ରାପ୍ତ ସ୍କୁଲକୁ ଅନ୍ତର୍ଭୁକ୍ତ କରେ । ଏକ ତ୍ରିସ୍ତରୀୟ ତଦାରଖ ବ୍ୟବସ୍ଥା ପ୍ରତିଷ୍ଠିତ ହେବ । ଏକ ବିଦ୍ୟାଳୟ-ସ୍ତରୀୟ ଫି ନିୟନ୍ତ୍ରଣ କମିଟି, ଏକ ଜିଲ୍ଲା ଫି ଆପିଲେଟ୍ କମିଟି ଏବଂ ଏକ ସଂଶୋଧନ କମିଟି । ଏହାର ଅର୍ଥ ହେଉଛି ଯେକୌଣସି ଫି ବିବାଦର ଶୁଣାଣି ଏବେ ତିନୋଟି ସ୍ତରରେ କରାଯିବ । ଏହି ନୂତନ ଆଇନ ଅନୁଯାୟୀ, ଜିଲ୍ଲା କମିଟି ନିକଟରେ ଏକ ସ୍କୁଲ ବିରୋଧରେ ଅଭିଯୋଗ ଦାଖଲ କରିବା ପାଇଁ ଅତି କମରେ ୧୫ ପ୍ରତିଶତ ଅଭିଭାବକଙ୍କ ସମର୍ଥନ ଆବଶ୍ୟକ । ସ୍କୁଲଗୁଡ଼ିକ କେବଳ ସ୍ପଷ୍ଟ ଭାବରେ ପ୍ରତିଷ୍ଠିତ ଏବଂ ଅନୁମୋଦିତ ଫି ଆଦାୟ କରିପାରିବେ । ଅତ୍ୟଧିକ ସମ୍ପୂର୍ଣ୍ଣ ନିଷେଧ । ଶିକ୍ଷାଦାନ ଫିସ୍ କୋଠା କିମ୍ବା ଭିତ୍ତିଭୂମି ଖର୍ଚ୍ଚକୁ କଭର କରିବ ନାହିଁ । ଶିକ୍ଷାଦାନ ଫିସ୍ କେବଳ ଦୈନନ୍ଦିନ ଖର୍ଚ୍ଚ ଏବଂ ପାଠପଢ଼ା ସମ୍ବନ୍ଧୀୟ ଖର୍ଚ୍ଚକୁ କଭର କରିବ । କୋଠା, ଭିତ୍ତିଭୂମି କିମ୍ବା କୌଣସି ପ୍ରମୁଖ ପୁଞ୍ଜି ଖର୍ଚ୍ଚ ଶିକ୍ଷାଦାନ ଫିସ୍ ଦ୍ୱାରା କଭର କରାଯିବ ନାହିଁ । ଏଥିସହ କମିଟି ପ୍ରତି ତିନି ବର୍ଷରେ ଥରେ ସ୍କୁଲର ଫି ଗଠନକୁ ଅନୁମୋଦନ କରିବ । ଫି ବୃଦ୍ଧି ପାଇଁ ପ୍ରସ୍ତାବ ଦାଖଲ କରିବା ସମୟରେ ସ୍କୁଲଗୁଡ଼ିକୁ ଅଡିଟ୍ ହୋଇଥିବା ଆର୍ଥିକ ବିବରଣୀ ଦାଖଲ କରିବାକୁ ପଡିବ ।

## ଷ୍ଟଣ୍ଟ ସମୟରେ ଅଘଟଣ, ବିମାନରେ ଫସିଲା ପାରାଶୁଟ୍

ଅଷ୍ଟ୍ରେଲିଆ : ଷ୍ଟଣ୍ଟ ସମୟରେ ଦୁର୍ଘଟଣା ଘଟିଛି । ଏହି ଖବର ଅଷ୍ଟ୍ରେଲିଆର ଅଧିକାରୀଙ୍କ ଦ୍ୱାରା ଗୁରୁବାର ଦିନ ଜାରି ହୋଇଛି । ଯାହାର ହୃଦୟବିଦାରକ ଦୃଶ୍ୟ ବର୍ତ୍ତମାନ ସାମ୍ନାକୁ ଆସିଛି । ଯେଉଁଥିରେ ସ୍କାଏଡ୍ରାଇଭରଙ୍କ ପାରାଶୁଟ୍ ବିମାନର ଡେଣାରେ ଜଣେ ବ୍ୟକ୍ତି ହଜାର ହଜାର ମିଟର ଉଚ୍ଚାରେ ଫସି କରି ରହିଥିବା ଦେଖିବାକୁ ମିଳୁଛି । ସେପ୍ଟେମ୍ବର ମାସରେ କେର୍ନ୍ସର ଦକ୍ଷିଣରେ ଏକ ଷ୍ଟଣ୍ଟ ଚାଲିଥିବା ସମୟରେ ଏହି ଘଟଣାରେ ସ୍କାଏଡ୍ରାଇଭରଙ୍କ ଜୀବନ ବଞ୍ଚିଯାଇଥିଲା । ଯାହା ପରିବହନ ସୁରକ୍ଷା ନଗର ସଂସ୍ଥାର ତଦନ୍ତରୁ ଜଣାପଡିଛି । ଏହି ଭିଡିଓଟି ଡରେ ଅଉକ୍ଷକ୍ଷସଭଜଙ୍କଶଶ ନାମକ ହ୍ୟାଣ୍ଡେଲରେ ସେୟାର ହୋଇଛି । ୧୫୦୦ଫୁଟ ଉଚ୍ଚତାରେ ପାରାଶୁଟମାନଙ୍କ ଦ୍ୱାରା ୧୬ ପଥ ଗଠନ ଯୋଜନାରେ ପ୍ରଥମ ଅଂଶୀଦାର ବିମାନର ଏକ୍ସିଷ୍ଟ ପର୍ଯ୍ୟନ୍ତ ପହଞ୍ଚିବାର କିଛି ସେକେଣ୍ଡ୍ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା । ହ୍ୟାଣ୍ଡେଲଟି ବିମାନର ଡେଣା ଫ୍ଲାପରେ ଫସିଯିବା ପରେ ଅଂଶଗ୍ରହଣକାରୀଙ୍କ ରିଜର୍ଭ ପାରାଚୁଟ୍ ସକ୍ରିୟ ହୋଇଛି । ଯାହା ଅଷ୍ଟ୍ରେଲିୟ ପରିବହନ ସୁରକ୍ଷା ବ୍ୟୁରୋ ଦ୍ୱାରା ପ୍ରକାଶିତ ଏକ ଫୁଟେଜରୁ ଦେଖିବାକୁ ମିଳିଛି । କମଳା ରଙ୍ଗର ରିଜର୍ଭ ପାରାଶୁଟ ବିମାନର ପଛ ପାର୍ଶ୍ୱରେ ଗୁଡାଇ ହୋଇ ରହିଥିବା ସମୟରେ ଜମ୍ପରଙ୍କ ଗୋଡ଼ରେ ଆଘାତ ଲାଗିଥିଲା । ଅନ୍ୟପଟେ ଏକ ସୂତ୍ରରୁ ଜଣାପଡିଛି ଯେ, ତାଙ୍କର ନାମ, ବୟସ ଏବଂ ଲିଙ୍ଗ ଉଲ୍ଲେଖ କରାଯାଇନାହିଁ । ପାରାଶୁଟିଷ୍ଟ ବିମାନ କଡ଼ରେ ବସି ରହିଥିବା କ୍ୟାମେରା ଅପରେଟରଙ୍କୁ ମଧ୍ୟ ମୁକ୍ତ ପତନରେ ଠେଲି ଦେଇଥିଲେ । ଭିଡିଓରେ ଦେଖାଯାଉଛି ଯେ ଜମ୍ପର କିଛି ସେକେଣ୍ଡ ପାଇଁ ତାଙ୍କ ହେଲମେଟକୁ ଧରି ରହିଛନ୍ତି । ବିପଦପୂର୍ଣ୍ଣ ପାହାଡ଼ ଉପରେ ଝୁଲି ରହିଥିବା ସମୟରେ ଜମ୍ପର ତୁରନ୍ତ ମରାଣାସ୍ତ୍ର ସାହାଯ୍ୟରେ ରିଜର୍ଭ ପାରାଶୁଟକୁ କାଟି ଦେଇଥିଲେ । ଏହାପରେ ବ୍ୟକ୍ତି ଜଣକ ନିଜର ପାରାଶୁଟ୍ ବାହାର କରି ସୁରକ୍ଷିତ ଭାବେ ଓହ୍ଲାଇଥିଲେ । ଏହାରି ମଧ୍ୟରେ " ହୁକ କ୍ନାଇଫ ରଖିବା ଯଦିଓ ଏକ ନିୟାମକ ଆବଶ୍ୟକତା ନୁହେଁ କିନ୍ତୁ ରିଜର୍ଭ ପାରାଚୁଟର ଅକାଳ ବିସ୍ତାର କ୍ଷେତ୍ରରେ ଜୀବନ ରକ୍ଷାକାରୀ ହୋଇପାରେ," ବୋଲି ବ୍ୟୁରୋର ମୁଖ୍ୟ କମିଶନର ଆଙ୍ଗସ୍ ମିଚେଲ କହିଛନ୍ତି । ବିମାନର ଡେଣାକୁ ବହୁତ କ୍ଷତି ପହଞ୍ଚାଇଥିଲା ଏବଂ ପାଇଲଟଙ୍କର ବିମାନ ଉପରେ ସୀମିତ ନିୟନ୍ତ୍ରଣ ଥିଲା । ସେ ଜରୁରୀକାଳୀନ ସହାୟତା ପାଇଁ ଏକ ଜରୁରୀକାଳୀନ ଡାକ ଜାରି କରିଥିଲେ । ବିମାନକୁ ସୁରକ୍ଷିତ ଭାବରେ ଅବତରଣ କରିବାରେ ସଫଳ ହୋଇଥିଲେ ।

## ଖାଇକୁ ଖସିଲା ଯାତ୍ରୀବାହୀ ବସ୍, ୯ ମୃତ

ଆନ୍ଧ୍ରପ୍ରଦେଶ: ଆନ୍ଧ୍ର ପ୍ରଦେଶରେ ମର୍ମନ୍ତୁଦ ଦୁର୍ଘଟଣା । ଖାଇକୁ ଖସିଲା ଯାତ୍ରୀବାହୀ ବସ୍, ୯ ମୃତ, ଅନେକ ଆହତ । ଅଲ୍ଲୁରୀ-ସୀତାରାମ ରାଜୁ



ଜିଲ୍ଲାର ମରେଦୁମିଲ୍ଲି ଘାଟିରେ ଗତ ରାତିରେ ଘଟିଛି ଏହି ଦୁର୍ଘଟଣା । ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ବସ୍ ଘାଟି ରୋଡ୍ ଦେଇ ଯାଉଥିବା ବେଳେ ଏକ ଖାଲକୁ ଖସି ପଡ଼ିଥିଲା । ଦୁର୍ଘଟଣାସ୍ଥଳରେ ସ୍ଥାନୀୟ ଲୋକ ଓ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଆହତମାନଙ୍କୁ ଭଦ୍ରାଞ୍ଚଳ ମେଡିକାଲରେ ଭର୍ତ୍ତି କରାଯାଇଛି । ବସଟି ୩୭ ଜଣ ତୀର୍ଥ ଯାତ୍ରୀଙ୍କୁ ନେଇ ଚିତ୍ତୁର ଜିଲ୍ଲାରୁ ବାହାରିଥିଲା । ଯାତ୍ରୀମାନଙ୍କ ସୂଚନା ଅନୁସାରେ, ବସ୍ ଡ୍ରାଇଭର ନିୟନ୍ତ୍ରଣ ହରାଇ ଘାଟି ପାର୍ଶ୍ୱରେ ଥିବା ସୁରକ୍ଷା ପ୍ରାଚୀରକୁ ଧକ୍କା ଦେଇଥିଲା । ଦୁର୍ଘଟଣାସ୍ଥଳରେ ନେଟୱର୍କ ସମସ୍ୟା ଥିବାରୁ ଉଦ୍ଧାରକାରୀ ଦଳ ପହଞ୍ଚିବାରେ ସାମାନ୍ୟ ବିଳମ୍ବ ହୋଇଥିଲା । ଅନେକ ଯାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଏହି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ । ବସ୍ ଟି ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲ୍ଲାର ଭଦ୍ରାଞ୍ଚଳରୁ ଆନ୍ନାଭାରାମ ଅଭିମୁଖେ ଯାଉଥିଲା । ଚିତ୍ତୁର-ମାରେଦୁମିଲ୍ଲି ଘାଟ ରାସ୍ତାରେ ଏହି ଦୁର୍ଘଟଣା ଘଟିଛି । ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଏନେଇ ଦୁଃଖ ପ୍ରକାଶ କରିଛନ୍ତି ।

# ଜନଗଣନା କରିବାକୁ ଆସୁଥିବା ୩୦ଲକ୍ଷ କର୍ମଚାରୀଙ୍କୁ କେନ୍ଦ୍ର ସରକାର ଅଲଗା ଦରମା ଦେବେ କି ?

ନୂଆଦିଲ୍ଲୀ :ଆଗାମୀ ୨୦୨୭ ଜନଗଣନା ପାଇଁ କେନ୍ଦ୍ର କ୍ୟାବିନେଟ ୧୧,୭୧୮ କୋଟିର ବଜେଟକୁ ଅନୁମୋଦନ କରିଛି । ଏଥିରେ ଉଲ୍ଲେଖନୀୟ ଯେ ଏହା ଭାରତର ପ୍ରଥମ ସମ୍ପୂର୍ଣ୍ଣ ଡିଜିଟାଲ ଜନଗଣନା ହେବ । ଏହି ବିଶାଳ ଜନଗଣନା ପାଇଁ ପ୍ରାୟ ୩୦ ଲକ୍ଷ ସରକାରୀ କର୍ମଚାରୀଙ୍କୁ ନିୟୋଜିତ କରାଯିବ । ଏହି ସମୟରେ ପ୍ରଶ୍ନ ଉଠୁଛି: କେନ୍ଦ୍ର ସରକାର କ'ଣ ଏହି କର୍ମଚାରୀମାନଙ୍କୁ ପୃଥକ ଦରମା ପ୍ରଦାନ କରିବେ, ଏବଂ ସେମାନେ ବୁଥ-ସ୍ତରୀୟ ଅଧିକାରୀଙ୍କ ପରି ସମାନ ଦରମା ପାଇବେ ? ଆସନ୍ତୁ ଏ ବିଷୟରେ ଅଧିକ ଜାଣିବା ।



କେନ୍ଦ୍ର ସରକାର ୩୦ ଲକ୍ଷ ଜନଗଣନା କର୍ମଚାରୀଙ୍କୁ ପୃଥକ ଦରମା ପ୍ରଦାନ କରନ୍ତି ନାହିଁ । ଜନଗଣନା କାର୍ଯ୍ୟକୁ ବର୍ତ୍ତମାନର ସରକାରୀ କର୍ମଚାରୀଙ୍କ ପାଇଁ ଏକ ଅତିରିକ୍ତ ଦାୟିତ୍ୱ ଭାବରେ ବିବେଚନା କରାଯାଏ । ଶିକ୍ଷକ, ରାଜସ୍ୱ କର୍ମଚାରୀ, ଅଙ୍ଗନୱାଡି କର୍ମୀ, କ୍ଲର୍କ ଏବଂ ଅନ୍ୟାନ୍ୟ ରାଜ୍ୟ କିମ୍ବା କେନ୍ଦ୍ର ସରକାରୀ ଅଧିକାରୀମାନଙ୍କୁ ସାଧାରଣତଃ ଗଣନାକାରୀ କିମ୍ବା ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତ କରାଯାଏ । ସେମାନେ ସେମାନଙ୍କ ସମ୍ପୃକ୍ତ ବିଭାଗରୁ ସେମାନଙ୍କର ନିୟମିତ ମାସିକ ଦରମା ପାଇବା ଜାରି ରଖନ୍ତି । ଏହା ଉଲ୍ଲେଖନୀୟ ଯେ ଜନଗଣନା କାର୍ଯ୍ୟକୁ ସେମାନଙ୍କର ସରକାରୀ ସେବା କର୍ତ୍ତବ୍ୟର ଏକ ଅଂଶ ଭାବରେ ବିବେଚନା କରାଯାଏ । ଏହି କାରଣରୁ ଏହି ଅସ୍ଥାୟୀ କାର୍ଯ୍ୟ ପାଇଁ କୌଣସି ପୂର୍ଣ୍ଣ ଅତିରିକ୍ତ ଦରମା ପ୍ରଦାନ କରାଯାଏ ନାହିଁ । ଯଦିଓ କୌଣସି ପୃଥକ ଦରମା ନାହିଁ, ଜନଗଣନା କର୍ମଚାରୀମାନଙ୍କୁ ପ୍ରଦାନ କରାଯାଏ । କାମ ସମାପ୍ତ ହେବା ପରେ ଏହି ସମ୍ମାନ ରାଶି ଏକକାଳୀନ ପ୍ରଦାନ କରାଯାଏ । ଦାୟିତ୍ୱ, କାର୍ଯ୍ୟଭାର, ଡିଜିଟାଲ ତଥ୍ୟ ପରିଚାଳନା ଏବଂ ତଦାରଖ ଦାୟିତ୍ୱ ଉପରେ ନିର୍ଭର କରି ପରିମାଣ ଭିନ୍ନ ହୋଇଥାଏ । ପୂର୍ବ ଜନଗଣନା ଚକ୍ର ସୂଚାଇଥାଏ ଯେ ସମ୍ମାନ ସାଧାରଣତଃ ୬,୦୦୦ ରୁ ୧୦,୦୦୦ ପର୍ଯ୍ୟନ୍ତ ହୋଇଥାଏ । ବୁଥ ସ୍ତରୀୟ ଅଧିକାରୀମାନେ ଜନଗଣନା ଯନ୍ତ୍ରପାତି ନୁହେଁ, ବରଂ ଭାରତୀୟ ନିର୍ବାଚନ କମିଶନ ଅଧୀନରେ ଆସିଥାନ୍ତି । ସେମାନଙ୍କର କାର୍ଯ୍ୟ ବର୍ଷସାରା ଜାରି ରହିଥାଏ, ଯେପରିକି ଭୋଟର ତାଲିକା ଅପଡେଟ କରିବା, ଭୋଟର ବିବରଣୀ ଯାଞ୍ଚ କରିବା ଏବଂ କ୍ଷେତ୍ର ଯାଞ୍ଚ କରିବା । ଏହି ଦାୟିତ୍ୱ ଚାଲୁ ରହିଥିବାରୁ, ବୁଥ ସ୍ତରୀୟ ଅଧିକାରୀମାନେ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ପୃଥକ ପାରିଶ୍ରମିକ ପାଆନ୍ତି । ଜଣେ ବୁଥ ସ୍ତରୀୟ ଅଧିକାରୀ କେବଳ ସେତେବେଳେ ଜନଗଣନା କାର୍ଯ୍ୟ ପାଇଁ ଦରମା ପାଆନ୍ତି ଯେତେବେଳେ ସେ ଜନଗଣନା ଗଣନାକାରୀ ଭାବରେ କାମ କରନ୍ତି, କାରଣ ସେ ବୁଥ ସ୍ତରୀୟ ଅଧିକାରୀ ନୁହଁନ୍ତି ।

# ରାତାରାତି ୮୦୦ କିମି ପାର କରି ଦିଲ୍ଲୀରୁ ପହଞ୍ଚିଲେ ଇନ୍ଦୋର

ମୁଣ୍ଡ ଉପରେ ଥିଲା ପୁଅର ପରୀକ୍ଷା । ଦିଲ୍ଲୀରୁ ଇନ୍ଦୋର ଯାଇଥାନ୍ତା ପୁଅ । ହଠାତ ବାତିଲ ହେଲା ବିମାନ । ସେତିକି ବେଳେ ବଡ଼ ନିଷ୍ପତି ନେଲେ ବାପା । ସନ୍ତାନ ପାଇଁ ସବୁ ବନ୍ଧ ବାଡ଼ ପାର୍ କରିବାକୁ ପ୍ରସ୍ତୁତ ଥାଆନ୍ତି ବାପା ମା' । ଯେତେ ବଡ଼ ବିପଦ ଆସୁ ନା କାହିଁକି ବାପା ମା' ସବୁବେଳେ ସନ୍ତାନକୁ ଘଷ୍ଟି ଘୋଡ଼େଇ ରଖିଥାନ୍ତି । ଏମିତି ଅନେକ ଉଦାହରଣ ବିଷୟରେ ଆପଣ ନିଶ୍ଚିତ ଶୁଣିଥିବେ । କିନ୍ତୁ ଆଜିର କାହାଣୀ ଟିକେ ନିଆରା । ଜଣେ ବାପା ନିଜ ପୁଅର ଭବିଷ୍ୟତ ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି ତା ସତରେ ପ୍ରଶଂସନୀୟ । ପୁଅର ପରୀକ୍ଷା ମୁଣ୍ଡ ଉପରେ ଥିବାରୁ ଗୋଟିଏ ରାତିରେ ୮୦୦ କିଲୋମିଟର ପାର୍ କଲେ ବାପା । ଫ୍ଲାଇଟ୍ କ୍ୟାନ୍ସଲ ଓ ଟ୍ରେନରେ ଟିକେଟ୍ ବୁକ୍ ହୋଇ ନପାରିବାରୁ ନିଜେ କାର୍ ଧରି ଦିଲ୍ଲୀରୁ ଇନ୍ଦୋର




ବାହାରିଥିଲେ । ତେବେ ଆସନ୍ତୁ ଜାଣିବା କେଉଁଠି ଘଟିଛି ଏମିତି ଏକ ହୃଦୟସ୍ପର୍ଶୀ ଘଟଣା । ନିକଟରେ ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ବାତିଲ ହେବା ଘଟଣା କଥା କିଏ ବା ନଜାଣେ । ଏନେଇ ସାରା ଦେଶର ହଜାର ହଜାର ଯାତ୍ରୀ ପ୍ରଭାବିତ ହୋଇଥିଲେ । ହରିୟାଣାର ରୋହତକ ଜିଲ୍ଲାର ମୈନା ଗାଁର ପଙ୍ଘଲ ପରିବାର ମଧ୍ୟ ଏହି ପରିସ୍ଥିତିର ସମ୍ମୁଖୀନ ହୋଇଥିଲା । ମୈନା ଗାଁର ଯୁବ ଅନ୍ତର୍ଜାତୀୟ ସୁଟର ହେଉଛନ୍ତି ଆଶିଷ ଚୌଧୁରୀ ପଙ୍ଘଲ । ସେ ଇନ୍ଦୋରର ପ୍ରତିଷ୍ଠିତ ଡେଲି କଲେଜରେ ଦ୍ୱାଦଶ ଶ୍ରେଣୀର ଛାତ୍ର ଭାବେ ପାଠ ପଢୁଛନ୍ତି । ସେ ତାଙ୍କ ପରୀକ୍ଷା ପୂର୍ବରୁ କିଛି ଦିନ ପାଇଁ ଛୁଟିରେ ଘରକୁ ଆସିଥିଲେ । ଡିସେମ୍ବର ୬ ତାରିଖ ସନ୍ଧ୍ୟାରେ ଡେଲି କଲେଜରେ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଆଶିଷଙ୍କୁ ସମ୍ମାନିତ କରାଯିବାର ଥିଲା । ଏହା ବ୍ୟତୀତ, ତାଙ୍କର ପ୍ରି-ବୋର୍ଡ ପରୀକ୍ଷା ଡିସେମ୍ବର ୮ ତାରିଖରୁ ଆରମ୍ଭ ହେବାର ଥିଲା । ଉଭୟ ଇଭେଣ୍ଟ ପାଇଁ ସେ ଠିକ୍ ସମୟରେ ପହଞ୍ଚିବା ପାଇଁ ଦିଲ୍ଲୀରୁ ଇନ୍ଦୋରକୁ ବାହାରିଥିଲେ । ଇଣ୍ଡିଗୋ ବିମାନରେ ପୂର୍ବରୁ ଟିକେଟ୍ ବୁକ୍ ହୋଇଥିଲା । ତେଣୁ ଡିସେମ୍ବର ୬ ତାରିଖରେ ଆଶିଷଙ୍କ ବାପା ରାଜନାରାୟଣ ପଙ୍ଘଲ ତାଙ୍କୁ ଛାଡ଼ିବା ପାଇଁ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିଲେ । କହିରଖୁଛୁ ରାଜନାରାୟଣ ପଙ୍ଘଲ ଜଣେ କ୍ରୀଡ଼ା ପ୍ରମୋଟର ଏବଂ ଓକିଲ । ତେବେ ଆଶିଷଙ୍କୁ ଛାଡ଼ିବା ବାପା ଏୟାରପୋର୍ଟରେ ପହଞ୍ଚିଥିଲେ, କିନ୍ତୁ ହଠାତ କ୍ୟାନ୍ସଲ ହୋଇଥିଲା ଫ୍ଲାଇଟ୍ । ଏହି ଖବର ଶୁଣି ଚିନ୍ତାରେ ପଡ଼ିଗଲେ ଆଶିଷଙ୍କ ବାପା । କହିଁକି ନା ଆଶିଷ କେବଳ ସମାରୋହରେ ଯୋଗ ଦେଇ ନଥାନ୍ତେ, ବରଂ ଡିସେମ୍ବର ୮ ତାରିଖରେ ପ୍ରି-ବୋର୍ଡ ପରୀକ୍ଷା ବି ଦେଇଥାନ୍ତେ ଆଶିଷ । କିନ୍ତୁ ଟ୍ରେନ ଟିକେଟ୍ ବି ମିଳିଲାନି । ଶେଷରେ ବାପା ରାଜନାରାୟଣ ପୁଅକୁ ଠିକ୍ ସମୟରେ ଇନ୍ଦୋରରେ ପହଞ୍ଚାଇବା ପାଇଁ ଏକ ବଡ଼ ନିଷ୍ପତ୍ତି ନେଲେ । ଦିଲ୍ଲୀରୁ ଇନ୍ଦୋରର ଦୂରତା ପ୍ରାୟ ୮୦୦ କିଲୋମିଟର । ଏତେ ଲମ୍ବା ଯାତ୍ରା ପାଇଁ ପ୍ରାୟ ୧୨ ରୁ ୧୪ ଘଣ୍ଟା ସମୟ ଲାଗେ । କିନ୍ତୁ ରାଜନାରାୟଣଙ୍କ ସଂକଳ୍ପ ଦୃଢ଼ ଥିଲା । ସେହି ସନ୍ଧ୍ୟାରେ ଦିଲ୍ଲୀରୁ ଇନ୍ଦୋରକୁ ବାହାରିଥିଲେ ବାପ ପୁଅ । ସାରା ରାତି ଲଗାତାର ଗାଡ଼ି ଚଲାଇଥିଲେ ଆଶିଷଙ୍କ ବାପା । ଥକ୍କା ଲାଗୁଥିଲେ ବି ସବୁ କଷ୍ଟକୁ ଭୁଲି ସେ ସେମିତି ରାତି ସାରା ଗାଡ଼ି ଚଲାଉଥାନ୍ତି । ପରଦିନ ସକାଳେ ସେ ନିଜ ପୁଅ ଆଶିଷକୁ ଇନ୍ଦୋରରେ ପହଞ୍ଚାଇଥିଲେ । ପୁଅର ଭବିଷ୍ୟତ ପାଇଁ ଏପରି ନିଷ୍ପତ୍ତି ନେଇଥିଲେ ରାଜନାରାୟଣ । ସାରା ରାତି ଗାଡ଼ି ଚଳାଇ ପୁଅକୁ ଠିକ୍ ସମୟରେ ପହଞ୍ଚାଇଥିବାରୁ ରାଜନାରାୟଣ ଭାରି ଖୁସି ହୋଇଥିଲେ । ଏବେ ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେଉଥିବାବେଳେ ରାଜନାରାୟଣଙ୍କ ଏଭଳି ଉଦ୍ୟମକୁ ବେଶ୍ ପ୍ରଶଂସା କରାଯାଉଛି ।

# ଇଞ୍ଜିନିୟରଙ୍କ ଡ଼ାକ୍ତରୀ ଚିକିତ୍ସା, ୩ ବର୍ଷ ଧରି ରୋଗୀଙ୍କର କରୁଥିଲେ ଚିକିତ୍ସା

ଲଳିତପୁର : ଲଳିତପୁର ଜିଲ୍ଲା ମେଡିକାଲ କଲେଜର ଏକ ବଡ଼ ଠକେଇର ପର୍ଦ୍ଦାଫାସ ହୋଇଛି । ଇଞ୍ଜିନିୟର ଅଭିନବ ସିଂ ତାଙ୍କ ଭିଣେଇ ଡାକ୍ତର ରାଜୀବ ଗୁପ୍ତାଙ୍କ ଡ଼ାକ୍ତରୀ ଡିଗ୍ରୀ ବ୍ୟବହାର କରି ଜଣେ ହାର୍ଟରୋଗୀ ବିଶେଷଜ୍ଞ ଭାବରେ ନିଜକୁ ପରିଚୟ ଦେଇ ୩ ବର୍ଷ ଧରି ଜିଲ୍ଲା ହସ୍ପିଟାଲରେ ରୋଗୀମାନଙ୍କର ଚିକିତ୍ସା କରିଥିଲେ । ଅଭିଯୋଗ ପାଇବା ପରେ ସେ ଇସ୍ତଫା ଦେଇଥିଲେ । ଉଗଡ଼ ଏବଂ ମେଡିକାଲ କଲେଜ ପ୍ରଶାସନ ତଦନ୍ତ ଆରମ୍ଭ କରିଛନ୍ତି । ଅଭିଯୁକ୍ତ ଡାକ୍ତର, ଯାହାଙ୍କ ପ୍ରକୃତ ନାମ ଅଭିନବ ସିଂ ଅଭିଯୋଗ ପାଇବା ପରେ ତୁରନ୍ତ ଇସ୍ତଫା ଦେଇଥିଲେ । ସିଏମଓଙ୍କ କାର୍ଯ୍ୟାଳୟ ଏହି ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରିଛି ।



ସୂଚନାନୁଯାୟୀ, ଜିଲ୍ଲା ମେଡିକାଲ କଲେଜର ଅଧକ୍ଷ ଡକ୍ଟର ମୟଙ୍କ ଶୁକ୍ଳା କହିଛନ୍ତି ଯେ ଯେତେବେଳେ ଜଣେ ମହିଳା ନିଜକୁ ଡକ୍ଟର ସୋନାଲି ସିଂ ବୋଲି ଦାବି କରି ତାଙ୍କ ପାଖକୁ ଆସିଥିଲେ । ସେତେବେଳେ ଏହି ଘଟଣା ସାମ୍ନାକୁ ଆସିଥିଲା । ସେ ଅଭିଯୋଗ କରିଥିଲେ ଯେ ମେଡିକାଲ କଲେଜର ହୃଦରୋଗ ବିଶେଷଜ୍ଞ ଡକ୍ଟର ରାଜୀବ ଗୁପ୍ତା ପ୍ରକୃତରେ ତାଙ୍କ ସ୍ୱାମୀ । ଯିଏ ବର୍ତ୍ତମାନ ଆମେରିକାରେ ଡାକ୍ତରୀ ଅଭ୍ୟାସ କରୁଛନ୍ତି । ଅଭିନବ ସିଂ ତାଙ୍କ ସ୍ୱାମୀଙ୍କ ଡକ୍ଟରେଟ୍ ସାର୍ଟିଫିକେଟ୍ ଏବଂ ଅନ୍ୟାନ୍ୟ ଡକ୍ୟୁମେଣ୍ଟରେ ତାଙ୍କ ନାମ ବ୍ୟବହାର କରି ଏକ ନକଲି ପରିଚୟ ସୃଷ୍ଟି କରିଥିଲେ ଏବଂ ମେଡିକାଲ କଲେଜରେ ଡାକ୍ତର ପଦବୀ ପାଇଥିଲେ । ଏପରି ଖବର ସାମ୍ନାକୁ ଆସିବା ପରେ କଲେଜ ପ୍ରଶାସନ ଆଶ୍ଚର୍ଯ୍ୟ ହୋଇଯାଇଥିଲା । ଏହାରି ମଧ୍ୟରେ ତଦନ୍ତରୁ ଜଣାପଡିଛି ଯେ ଏହି ନକଲି ଡାକ୍ତରଙ୍କୁ ୨୦୨୨ ମସିହାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଘଐଗ) ମାଧ୍ୟମରେ ନିଯୁକ୍ତି ଦିଆଯାଇଥିଲା । ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ତିନି ବର୍ଷ ପର୍ଯ୍ୟନ୍ତ କେହି ତାଙ୍କ ଯୋଗ୍ୟତା ଉପରେ ସନ୍ଦେହ କରିନଥିଲେ । ସେ ଜଣେ ଡାକ୍ତରଙ୍କ ପରି ପୋଷାକ ପିନ୍ଧୁଥିଲେ, ରୋଗୀ ଦେଖୁଥିଲେ, ରିପୋର୍ଟ ପଢିଥିଲେ ଏବଂ ଔଷଧ ଲେଖୁଥିଲେ । କେହି କଳ୍ପନା କରି ନଥିବେ ଯେ ସେ ପ୍ରକୃତରେ ଜଣେ ଇଞ୍ଜିନିୟର, ଡାକ୍ତର ନୁହଁନ୍ତି ।

ଏଥିସହ ପ୍ରଶାସନ ସ୍ପଷ୍ଟ କରିଛି ଯେ, ଅଭିଯୁକ୍ତଙ୍କଠାରୁ ତାଙ୍କର ତିନି ବର୍ଷ ପର୍ଯ୍ୟନ୍ତ ପାଇଥିବା ଦରମା ଆଦାୟ କରାଯିବ । ଠକେଇ କରି ସରକାରୀ ଚାକିରି ପାଇବା ପାଇଁ ଗୁରୁତର ଧାରା ଅନୁଯାୟୀ ମାମଲା ରୁଜୁ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି । ଡାକ୍ତର ଶୁକ୍ଳା କହିଛନ୍ତି ଯେ ଏହି ମାମଲା ଅତ୍ୟନ୍ତ ଗମ୍ଭୀର । ଠକେଇ କରି ଚିକିତ୍ସା ସେବା ଯୋଗାଇବା କେବଳ ବେଆଇନ ନୁହେଁ ବରଂ ରୋଗୀଙ୍କ ଜୀବନକୁ ସିଧାସଳଖ ବିପଦରେ ପକାଇଥାଏ । କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଉଛି । ଅନ୍ୟପଟେ ଏହି ଘଟଣା ପରେ ଜିଲ୍ଲା ହସ୍ପିଟାଲ ଏବଂ ମେଡିକାଲ କଲେଜରେ ସମସ୍ତ ନିଯୁକ୍ତି ପୁନଃପରୀକ୍ଷା କରାଯିବ ବୋଲି ମଧ୍ୟ ପ୍ରିନ୍ସିପାଲ ସ୍ପଷ୍ଟ କରିଛନ୍ତି । ସମସ୍ତ ନିଯୁକ୍ତି ପୁନଃମୂଲ୍ୟାୟନ କରିବୁ ଏବଂ ପୋଲିସ ଯାଞ୍ଚକୁ କଡ଼ାକଡ଼ି କରିବୁ ବୋଲି ସେ କହିଛନ୍ତି । ମେଡିକାଲ କଲେଜ ପ୍ରଶାସନ ମଧ୍ୟ ଜିଲ୍ଲା ପ୍ରଶାସନ ଏବଂ ସରକାରଙ୍କୁ ଏହି ବିଷୟରେ ରିପୋର୍ଟ କରିଛି । ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ମଧ୍ୟ ଏକ ବିସ୍ତୃତ ରିପୋର୍ଟ ପଠାଯାଇଛି ।

## ମ୍ୟାମାର ହସ୍ପିଟାଲ୍ ଉପରେ ସେନାର ବୋମାମାଡ଼: ୩୪ ମୃତ

ମ୍ରାଉକ୍ ୟୁ: ମ୍ୟାମାରର ପଶ୍ଚିମ ରାଖାଇନ ରାଜ୍ୟର ମ୍ରାଉକ୍ ୟୁ ସହରରେ ଥିବା ଏକ ସରକାରୀ ହସ୍ପିଟାଲ ଉପରେ ସାମରିକ ବିମାନର ଆକ୍ରମଣରେ ଅତି କମରେ ୩୪ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୨୦ରୁ ଅଧିକ ଆହତ ହୋଇଛନ୍ତି । ଏହି ଆକ୍ରମଣରେ ଡାକ୍ତରଖାନାଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ଏହି ବର୍ବର ଆକ୍ରମଣ ଗତକାଲି ସନ୍ଧ୍ୟାରେ ଘଟିଥିବା ପ୍ରକାଶ । ଘଟଣା ସମ୍ପର୍କରେ ସୂଚନା ଦେଇ ଏକ ମାନବାଧିକାର ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା ରହିଛି । ମୃତକଙ୍କ ମଧ୍ୟରେ ଅଧିକାଂଶ ରୋଗୀ ଏବଂ ଡାକ୍ତରଖାନା କର୍ମଚାରୀ ଅଛନ୍ତି । ଡାକ୍ତରଖାନାଟି ୩୦୦ ଶଯ୍ୟା ବିଶିଷ୍ଟ ଥିଲା ଏବଂ ଆକ୍ରମଣ ସମୟରେ ୨୫୦ରୁ ଅଧିକ ରୋଗୀ ଥିଲେ । ଗତ ସପ୍ତାହରେ ମଧ୍ୟ ସାଗାଇଙ୍ଗ ଅଞ୍ଚଳରେ ଏକ ଚା' ଦୋକାନ ଉପରେ ହୋଇଥିବା ସେନା ଆକ୍ରମଣରେ ୧୮ ଜଣଙ୍କର ମୃତ୍ୟୁ ଘଟିଥିଲା । ସପ୍ତାହକ ମଧ୍ୟରେ ନାଗରିକଙ୍କ ଉପରେ ଏହା ହେଉଛି ଦ୍ୱିତୀୟ ଘାତକ ଆକ୍ରମଣ । ଏହି ଆକ୍ରମଣଗୁଡ଼ିକ ମ୍ୟାମାର ସାମରିକ ଜୁଣ୍ଟାର ବର୍ବରତାକୁ ପ୍ରତିଫଳିତ କରୁଥିବା ବେଳେ ଏହାକୁ ନେଇ ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି । ଜୁଣ୍ଟା ଡିସେମ୍ବର ୨୮ ତାରିଖରେ ଏକ ସାଧାରଣ ନିର୍ବାଚନ ପାଇଁ ଘୋଷଣା କରିଛି । ଅନ୍ୟପକ୍ଷରେ ବିଦ୍ରୋହୀ ଗୋଷ୍ଠୀ ଏହାକୁ ଏକ 'ମିଛ ନିର୍ବାଚନ' ବୋଲି କହିଛି ଏବଂ ସେମାନଙ୍କ ନିୟନ୍ତ୍ରଣରେ ଥିବା ଅଞ୍ଚଳରେ ଏହାକୁ ବନ୍ଦ କରିବାକୁ ଶପଥ ନେଇଛି । ଡାକ୍ତରଖାନା ଏବଂ ବିଦ୍ୟାଳୟ ସମେତ ବିଭିନ୍ନ ସାର୍ବଜନୀନ ସ୍ଥଳ ଉପରେ ସେନାର ଏଭଳି ଅମାନୁଷିକ ଆକ୍ରମଣକୁ ଯୁଦ୍ଧ ଅପରାଧ ଭାବେ ଗ୍ରହଣ କରିବା ପାଇଁ ବିଭିନ୍ନ ମାନବାଧିକାର ସଂଗଠନ ନିବେଦନ କରିଛନ୍ତି ।

## ଗୋଟିଏ ପରିବାରର ୩ଜଣଙ୍କ ସମୂହ ଆତ୍ମହତ୍ୟା



ନୂଆଦିଲ୍ଲୀ : ଦିଲ୍ଲୀର କାଲକାଜି ଅଞ୍ଚଳରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ଗୋଟିଏ ପରିବାରର ତିନି ଜଣ ସଦସ୍ୟ ଆତ୍ମହତ୍ୟା କରିଛନ୍ତି । ଦିଲ୍ଲୀ ପୁଲିସର ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନ ପ୍ରାୟ ୨:୪୭ ସମୟରେ ଏକ ଫୋନ୍ ଆସିଥିଲା । ସୂଚନା ମିଳିଥିଲା ଯେ ଅନୁରାଧା କପୁର (୫୨) ଏବଂ ତାଙ୍କ ଦୁଇ ପୁଅ ଆଶିଷ (୩୨) ଏବଂ ଚୈତନ୍ୟ (୨୭) କାଲକାଜିର ଏକ ଘର ଭିତରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛନ୍ତି । ଏହି ଘଟଣା ସେତେବେଳେ ସାମ୍ନାକୁ ଆସିଥିଲା ଯେତେବେଳେ କୋର୍ଟଙ୍କ ନିର୍ଦ୍ଦେଶରେ ଘର ଦଖଲ କରିବାକୁ ଆସିଥିବା ଏକ ଦଳ ଅନେକ ଥର ଦ୍ୱାର ବାଡ଼େଇଥିଲେ, କିନ୍ତୁ କେହି ଉତ୍ତର ଦେଇ ନଥିଲେ । ଡୁପ୍ଲିକେଟ ଚାବି ସାହାଯ୍ୟରେ ଦ୍ୱାର ଖୋଲି ଭିତରକୁ ପଶିବା ପରେ ସେମାନେ ତିନି ଜଣଙ୍କ ମୃତଦେହ ପାଇଥିଲେ । ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ମଧ୍ୟ ଉଦ୍ଧାର କରାଯାଇଥିଲା, ଯାହା ଦର୍ଶାଉଛି ଯେ ପରିବାର ଦୀର୍ଘ ଦିନ ଧରି ମାନସିକ ଅବସାଦରେ ପୀଡିତ ଥିଲା । ପୁଲିସ ମୃତଦେହଗୁଡ଼ିକୁ ହେପାଜତକୁ ନେଇ ପୋଷ୍ଟମର୍ଟମ ପାଇଁ ପଠାଇଛି । ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ପରିବାର ଆର୍ଥିକ ଅସୁବିଧାର ସମ୍ମୁଖୀନ ହେଉଥିଲା, ଯାହା ଫଳରେ ମାନସିକ ଅବସାଦ ସୃଷ୍ଟି ହୋଇଥିଲା । ସେମାନେ ରହୁଥିବା ଘର ସମ୍ପର୍କରେ ମଧ୍ୟ ବିବାଦ ଥିଲା । ଘର ଦଖଲ କରିବାକୁ ଦଳ ପହଞ୍ଚିବା ପରେ ସେମାନେ ତିନି ଜଣଙ୍କ ମୃତଦେହ ଫାଶରେ ଝୁଲୁଥିବା ଦେଖିଥିଲେ ।

# ଓଡିଶା ମାଷ୍ଟର୍ସ ସେମିଫାଇନାଲ ଲାଇନ ଅପ୍ ଚୂଡାନ୍ତ



ଭୁବନେଶ୍ୱରର/କଟକ, ୧୨।୧୨: କଟକ ସ୍ଥିତ ଜବାହାର ଲାଲ ନେହେରୁ ଇଣ୍ଡୋର ଷ୍ଟାଡ଼ିୟମ୍ ଠାରେ ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଓଡିଶା ମାଷ୍ଟର୍ସ ୨୦୨୫ର କ୍ୱାଟର ଫାଇନାଲ ରାଉଣ୍ଡର ମହିଳା ସିଙ୍ଗଲସ, ପୁରୁଷ ସିଙ୍ଗଲସ, ମହିଳା ଡବଲସ, ପୁରୁଷ ଡବଲସ ଏବଂ ମିକ୍ସଡ଼ ଡବଲସ ଏ ସମସ୍ତ ବିଭାଗର ୨୦ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି।

ପୁରୁଷ ବିଭାଗ ସିଙ୍ଗଲ କ୍ୱାଟର ଫାଇନାଲ ଖେଳରେ ଇଣ୍ଡୋନେସିଆ। ଖେଳାଳୀ ମୋହମ୍ମଦ ୟୁସୁଫ ଟପ୍‌ସିଡ଼ ଥରୁନ ମାନେପଲ୍ଲୀଙ୍କୁ ୨୧-୯, ୨୨-୨୦ ପଏଣ୍ଟର ଦୁଇଟି ଗେମ୍‌ରେ ପରାସ୍ତ କରି ପ୍ରତିଯୋଗିତାର ସେମି ଫାଇନାଲରେ ପହଂଚିଛନ୍ତି। ସେହିପରି ଇଣ୍ଡୋନେସିଆ ଖେଳାଳୀ ବିସ୍ମ ରାୟା ଅକଟୋରା, ରିଚି ଦୁତା ରିକାର୍ଦୋଙ୍କୁ ୨୧-୧୩, ୧୮-୨୧, ୨୧-୯ ପଏଣ୍ଟରେ ହରାଇ ସେମିଫାଇନାଲରେ ପହଂଚିଛନ୍ତି ସେମିଫାଇନାଲ ପହଂଚିଥିବା ଭାରତୀୟ ଖେଳାଳୀ କିରଣ ଜର୍ଜ ଗତବର୍ଷର ଚମ୍ପିୟାନ ସତୀଶ କୁମାରଙ୍କୁ ୨୧-୧୧, ୨୧-୧୭ ପଏଣ୍ଟରେ ହରାଇଥିବା ବେଳେ ଭାରତୀୟ ଖେଳାଳୀ ରୋନକ ଚୌହାନ ଶଙ୍କର ସୁବ୍ରମଣିୟନଙ୍କୁ ୨୧-୧୯, ୨୨-୨୦ ରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛନ୍ତି।

ମହିଳା କ୍ୱାର୍ଟରରେ ଟପ୍‌ସିଡ଼ ଉନ୍ନତି ହୁଡ୍ଡା। ପଞ୍ଚମ ସିଡ଼ ଅନୁପମା ଉପାଧ୍ୟାୟଙ୍କୁ ୨୧-୧୬, ୨୧-୧୫ ପଏଣ୍ଟର ଦୁଇଟି ଗେମ୍‌ରେ ହରାଇ ସେମି ଫାଇନାଲରେ ପହଂଚିଛନ୍ତି। ଅନ୍ୟ କ୍ୱାଟରରେ ଅନସିଡେଡ଼ ଖେଳାଳୀ ତାନ୍ୟା ହେମନ୍ତ ତୃତୀୟ ସିଡ଼ ତନଭି ଶର୍ମାଙ୍କୁ ୨୧-୧୬ ୨୧-୧୪ ପଏଣ୍ଟର ଦୁଇଟି ଗେମରେ ହରାଇ ସେମିରେ ପହଂଚିଛନ୍ତି। ଅନ୍ୟ ଦୁଇ ଭାରତୀୟ ସେମି ଫାଇନାଲିଷ୍ଟ ହେଲେ ତସନିମ ମିର ଏବଂ ଇସାରାଣୀ ବରୁଆ ତସନିମ କ୍ୱାଟର ଫାଇନାଲରେ ତାଇପେଇର ସପ୍ତମ ସିଡ଼ ଖେଳାଳୀ ତୁଙ୍ଗ ସିଉ ଟଙ୍ଗଙ୍କୁ ହରାଇଥିବା ବେଳେ ଇସାରାଣି ବରୁଆ ଷଷ୍ଠସିଡ଼ ଅନମୋଲ ଖର୍ବଙ୍କୁ ହରାଇଛନ୍ତି। ମିକ୍ସଡ଼ ଡବଲସ କ୍ୱାର୍ଟରରେ ଭାରତୀୟ ଯୋଡି ଏସ. କଣପୁରମ ଓ ଆର. ଉଥେୟସୂରୀୟାନ ଇଣ୍ଡୋନେସିଆ ଯୋଡ଼ି ଏମ. ନାଫ ଓ ନାହ୍ୟା ମୁହିଫାଙ୍କୁ ୨୧-୧୫, ୨୧-୧୯ ରେ ହରାଇ ସେମିରେ ପହଂଚିଛନ୍ତି।

ସେମିଫାଇନାଲରେ ପହଂଚିଥିବା ଅନ୍ୟ ଯୋଡିମାନେ ହେଲେ ତଣ୍ଡନ ପଂପାନୀଚ ଓ ଫୁଙ୍ଗଫା. କେ, ଇଣ୍ଡୋନେସିଆ। ଯୋଡି ଡି. ଫେରଦିନାଂଶ୍ୟାହ ଓ ବି. ।ର୍ଡିନା, ଓ ଟପସିଡ଼ ଏମ. ଫାଜା ଓ ଏ. ପ୍ରଣତା।

ମହିଳା ଡବଲସ ବିଭାଗରେ ଅନୁଷ୍ଠିତ କ୍ୱାର୍ଟରଫାଇନାଲ ରାଉଣ୍ଡ ମ୍ୟାଚରେ ଟପ୍‌ସିଡ଼ ବୁଲଗେରିଆ। ଯୋଡି ଗେବ୍ରିଏଲା ଷ୍ଟୋଭା ଓ ଷ୍ଟେଫାନୀ ଷ୍ଟୋଭା ଇଣ୍ଡୋନେସିଆ ଯୋଡି ଲେନି ତ୍ରିଆ ମୟସରି ଓ ଏମାଲୀଅ। ଗହାୟଙ୍କୁ ୧୬-୨୧, ୨୧-୧୨ ଓ ୨୧-୧୯ ରେ ପରାସ୍ତ କରି ସେମି ଫାଇନାଲରେ ପହଂଚଛନ୍ତି ମହିଳା ସେମି ଫାଇନାଲରେ ପହଂଚିଥିବା ଅନ୍ୟ ଯୋଡିମାନେ ହେଲେ ଭାରତୀୟ ଯୋଡି ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମ, ମାଲେସିଆ। ଯୋଡି ଅଙ୍ଗ ଜିନୟୀ ଓ କାର୍ମେନ ଟିଙ୍ଗ ଏବଂ ଇଣ୍ଡୋନେସିଆର ଆଇ. ମେଇଡା ଓ ଆର. ନାସ୍ତିନେ।

ବିଶ୍ୱ ବ୍ୟାଡ଼ମିଣ୍ଟନ ମହାସଂଘ, ଭାରତୀୟ ବ୍ୟାଡ଼ମିଣ୍ଟନ ସଙ୍ଘ ଓଡିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ସଙ୍ଘର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାର ସେମି ଫାଇନାଲର ସମସ୍ତ ମ୍ୟାଚ ଆସନ୍ତାକାଲି ଡିସେମ୍ବର ୧୩ ତାରିଖ ଦିନ ଅନୁଷ୍ଠିତ ହେବ।

# ବୈଭବଙ୍କ ବିଧ୍ୱଂସୀ ବ୍ୟାଟିଂ

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ଆଜିଠାରୁ ଆରମ୍ଭ ହୋଇଛି ୧୯ ବର୍ଷରୁ କମ୍ ଏସିଆ କପ୍। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଭାରତ ଏବଂ ୟୁଏଇ ମଧ୍ୟରେ ଖେଳାଯାଉଛି। ଦୁବାଇରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ ଧମାକାଦାର ଇନିଂସ ଖେଳିଛନ୍ତି। ମ୍ୟାଚ୍‌ରେ ସେ ଚୌକା-ଛକା ବର୍ଷା କରିଛନ୍ତି। ତାଙ୍କର ବିଧ୍ୱଂସୀ ୧୭୧ ରନ ବଳରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୪୩୩ ରର ବିଶାଳ ସ୍କର କରିଛି। ଭାରତ ପାଇଁ ସୂର୍ଯ୍ୟବଂଶୀଙ୍କ ବ୍ୟତୀତ, ବିହାନ ମାଲହୋତ୍ରା ଏବଂ ଆରନ୍ ଜର୍ଜ ଅର୍ଦ୍ଧଶତକ ହାସଲ କରିଛନ୍ତି। ଜବାବରେ ୟୁଏଇ ୫୦ ଓଭରରେ ୧୯୯ ରନ୍ କରିପାରିଛି। ଦଳ ୨୩୪ ରନ୍‌ରେ ପରାସ୍ତ ହୋଇଛି।

ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳର ଆରମ୍ଭ ଖରାପ ଥିଲା। ଆୟୁଷ ହାତ୍ରେ ମାତ୍ର ୪ ରନ୍ କରି ଆଉଟ୍ ହୋଇଥିଲେ।



ଏହାପରେ ବୈଭବ ସୂର୍ଯ୍ୟବଂଶୀ ଏବଂ ଆରନ୍ ଜର୍ଜଙ୍କ ମଧ୍ୟରେ ୨୧୨ ରନର ଭାଗୀଦାରି ହୋଇଥିଲା। ଜର୍ଜ ୬୯ ରନ୍ କରି ଆଉଟ୍ ହୋଇଥିଲେ, କିନ୍ତୁ ବୈଭବ ସୂର୍ଯ୍ୟବଂଶୀ ବିପକ୍ଷ ୟୁଏଇ ବୋଲରଙ୍କୁ ନିର୍ଘୃମ ପ୍ରହାର କରିଥିଲେ। ଭାରତ ୪୩୩ ରନ ଇନିଂସରେ ମୋଟ ୨୦ ଛକା ଏବଂ ୩୧ ଚୌକା ସାମିଲ୍। ୨୦ ଛକା ମଧ୍ୟରୁ ଏକାକୀ ୧୪ ଛକା ବୈଭବ ସୂର୍ଯ୍ୟବଂଶୀ ମାରିଛନ୍ତି। ସେ ୯୫ ବଲରୁ ୯ ଚୌକା ଓ ୧୪ ଛକା ଜରିଆରେ ୧୭୧ ରନର ବିସ୍ଫୋରକ ଶତକୀୟ ଇନିଂସ ଖେଳିଛନ୍ତି। ବିହାନ ମାଲହୋତ୍ରା ମଧ୍ୟ ୬୯ ରନର ଉଲ୍ଲେଖନୀୟ ଇନିଂସ ଖେଳିଛନ୍ତି। ବେଦାନ୍ତ ତ୍ରିବେଦୀ ୩୮ ରନ କରିଥିଲେ ଏବଂ ଅଭିଜ୍ଞାନ କୁଣ୍ଡୁ ଟିମ୍ ଇଣ୍ଡିଆର ସ୍କୋରକୁ ୪୦୦ ପାର କରାଇଥିଲେ। କୁଣ୍ଡୁ ୧୭ ବଲରେ ଅପରାଜିତ ୩୨ ରନ କରିଛନ୍ତି। ଅଭିଜ୍ଞାନ କୁଣ୍ଡୁଙ୍କ ବ୍ୟତୀତ କନିଷ୍କ ଚୌହାନ ମଧ୍ୟ ବିସ୍ଫୋରକ ବ୍ୟାଟିଂ କରି ୧୨ ବଲରେ ୨୮ ରନ କରିଛନ୍ତି। ଭାରତ ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ ଇତିହାସରେ ତୃତୀୟ ସର୍ବାଧିକ ସ୍କର କରିଛି। ୧୯ ବର୍ଷରୁ କମ୍ ଦିନିକିଆ ମ୍ୟାଚ୍‌ରେ ଭାରତର ପୂର୍ବରୁ ସର୍ବାଧିକ ସ୍କର ୪୨୫ ଥିଲା। ୨୦୦୪ରେ ସ୍କଟଲାଣ୍ଡ ବିପକ୍ଷରେ ଦଳ ଏହି ରନ କରିଥିଲା। ଆଜିର ମ୍ୟାଚ୍‌ରେ ଭାଉରତ ୪୩୩ ରନ କରିଛି। ୧୯ ବର୍ଷରୁ କମ୍ ସ୍ତରରେ ଦିନିକିଆ କ୍ରିକେଟରେ ସର୍ବାଧିକ ସ୍କର ୪୮୦, ଯାହା ଅଷ୍ଟ୍ରେଲିଆ ୨୦୦୨ରେ କେନିଆ ବିପକ୍ଷରେ କରିଥିଲା। ଦ୍ୱିତୀୟ ସର୍ବାଧିକ ସ୍କର ନ୍ୟୁଜିଲାଣ୍ଡ ନାଁରେ ଅଛି। କିୱି ଦଳ ୨୦୧୮ରେ କେନିଆ ବିପକ୍ଷରେ ୪୩୬ ରନ୍ କରିଥିଲା।

# ଆଇପିଏଲ୍-୧୯ : ନିଲାମରେ ୩୫୦ ଜଣିଆ ତାଲିକା

ମୁମ୍ବାଇ, ୧୦/୧୨ : ଆଗାମୀ ଆଇପିଏଲ-୧୯ ପାଇଁ ଆସନ୍ତା ୧୬ ତାରିଖରେ ଖେଳାଳି ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଚୂଡାନ୍ତ ଖେଳାଳି ତାଲିକା ପ୍ରକାଶ ପାଇଛି। ୧୦ଟି ଯାକ ଫ୍ରାଞ୍ଚାଇଜ୍‌ରେ ଖାଲି ପଡିଥିବା ମୋଟ୍ ୭୭ଟି ସ୍ଥାନ ପାଇଁ ମୋଟ୍ ୩୫୦ ଜଣ ଖେଳାଳିଙ୍କୁ ନେଇ ଚୂଡାନ୍ତ ତାଲିକା ପ୍ରସ୍ତୁତ କରାଯାଇଛି। ଏଥିରେ ୨୪୦ ଜଣ ଭାରତୀୟ ଓ ୧୧୦ ଜଣ ବିଦେଶୀ ଖେଳାଳି ସ୍ଥାନ ପାଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ମୋଟ୍ ୧୩୫୫ ଜଣ ଖେଳାଳି ନାମ ଦାଖଲ କରିଥିଲେ। ଏହି ତାଲିକାକୁ ସମସ୍ତ ଫ୍ରାଞ୍ଚାଇଜ୍‌ମାନଙ୍କ ନିକଟକୁ ପଠାଇ ଦିଆଯାଇଥିଲା। ଫ୍ରାଞ୍ଚାଇଜ୍‌ମାନଙ୍କ ଦ୍ୱାରା ମତାମତ ଅନୁଯାୟୀ ତାଲିକାକୁ ଛୋଟ କରାଯାଇ ୨୫୦ରେ ସୀମିତ ରଖାଯାଇଛି। ପ୍ରାଥମିକ ୧୩୫୫ଜଣିଆ ତାଲିକାରେ ସ୍ଥାନ ପାଇ ନଥିବା ୩୫ଜଣ ଖେଳାଳିଙ୍କୁ ଫ୍ରାଞ୍ଚାଇଜମାନଙ୍କ ଅନୁରୋଧ କ୍ରମେ ତାଲିକାରେ ସ୍ଥାନ ଦିଆଯାଇଛି।

## ୨୪୦ ଭାରତୀୟ ଓ ୧୧୦ ବିଦେଶୀ ଖେଳାଳି ସାମିଲ
## ଜଲାଜ ବୟୋଜ୍ୟେଷ୍ଠ, ଓ୍ୱାହିଦୁଲ୍ଲା କନିଷ୍ଠ




ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ ଡି କକ୍, ଜର୍ଜ ଲିଣ୍ଡେ, ଶ୍ରୀଲଙ୍କା ଅଲ୍‌ରାଉଣ୍ଡର ଦୁନିଥ ୱେଲାଲଗେଙ୍କ ଭଳି ଖେଳାଳି ଚୂଡାନ୍ତ ତାଲିକାକୁ ଫେରିଛନ୍ତି। ମୋଟ୍ ୪୦ଜଣ ଖେଳାଳି ମାର୍କି ତାଲିକାରେ ସ୍ଥାନ ପାଇଛନ୍ତି। ଏହି ଖେଳାଳିମାନଙ୍କ ବେସ ପ୍ରାଇସ ରହିଛି ସର୍ବାଧିକ ୨କୋଟି ଟଙ୍କା। ଏଥିରେ ଭାରତରୁ କେବଳ ଭେଙ୍କଟେଶ ଆୟର ଓ ରବି ବିଷ୍ଣୋଇ ରହିଛନ୍ତି। ଅଷ୍ଟ୍ରେଲିଆ ଅଲ୍‌ରାଉଣ୍ଡର କାମେରନ ଗ୍ରୀନ୍ ବ୍ୟାଟର ତାଲିକାରେ ନିଜ ନାମ ସ୍ଥାନିତ କରିଛନ୍ତି। ତାଲିକାର ପ୍ରଥମ ସେଟ୍‌ରେ ଗ୍ରୀନଙ୍କ ନାମ ରହିଛି। ତାଙ୍କ ବ୍ୟତୀତ ଡେଭନ କନୱେ, ଜେକ ଫ୍ରେଜର-ମ୍ୟାକଗର୍କ, ସର୍ଫରାଜ ଖାନ, ଡେଭିଡ୍ ମିଲର ଓ ପୃଥ୍ୱୀ ଶ' ମଧ୍ୟ ଏହି ତାଲିକାରେ ରହିଛନ୍ତି। ସମସ୍ତ ଫ୍ରାଞ୍ଚାଇଜଙ୍କ ନିକଟରେ ୭୭ଟି ସ୍ଥାନ ଖାଲି ରହିଛି। ଏଥିରେ ରହିଛି ବିଦେଶୀ ଖେଳାଳିଙ୍କ ପାଇଁ ୩୧ଟି ସ୍ଥାନ। କୋଲକାତା ନାଇଟ ରାଇଡର୍ସ ନିକଟରେ ସର୍ବାଧିକ ୬୪.୩ କୋଟି ଟଙ୍କା ରହିଛି ଓ ଦଳରେ ଖାଲି ପଡିଛି ୧୩ଟି ସ୍ଥାନ। ୬ଜଣ ବିଦେଶୀ ଖେଳାଳିଙ୍କ ପାଇଁ ସ୍ଥାନ ଉପଲବ୍ଧ ରହିଛି। ଚେନ୍ନାଇ ସୁପରକିଙ୍ଗସ ମଧ୍ୟ ୪୩.୪ କୋଟି ଟଙ୍କା ସହ ନିଲାମକୁ ଓହ୍ଲାଇବାକୁ ପ୍ରସ୍ତୁତ ରହିଛି। ଦଳରେ ୯ଟି ସ୍ଥାନ ଖାଲି ପଡିଛି।

ଦିଲ୍ଲୀ କ୍ୟାପିଟାଲ୍ସ ନିକଷରେ ୨୧.୮୦ କୋଟି ଟଙ୍କା ରହିଥିବାବେଳେ ଦଳରେ ୮ଟି ସ୍ଥାନ ଖାଲି ରହିଛି। ଗୁଜରାଟ ଟାଇଟନ୍ସ ପର୍ସରେ ୧୨.୯୦ କୋଟି ଟଙ୍କା ରହିଥିବାବେଳେ ଦଳରେ ୪ ବିଦେଶୀ ଖେଳାଳିଙ୍କ ସମେତ ମୋଟ୍ ୫ଟି ସ୍ଥାନ ଖାଲି ରହିଛି। ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ପର୍ସରେ ୨୨.୯୫ କୋଟି ଟଙ୍କା ରହିଥିବାବେଳେ ଦଳରେ ମାତ୍ର ୬ଜଣ ଖେଳାଳିଙ୍କ ସ୍ଥାନ ଖାଲି ପଡିଛି। ଏଥିରେ ବିଦେଶୀ ଖେଳାଳିଙ୍କ ପାଇଁ ୪ଟି ସ୍ଥାନ ଉପଲବ୍ଧ ରହିଛି। ମୁମ୍ବାଇ ଇଣ୍ଡିଆନ୍ସ ନିକଟରେ ୨.୭୫ କୋଟି ଟଙ୍କା ରହିଛି। ଦଳରେ ୫ଜଣ ଖେଳାଳିଙ୍କ ପାଇଁ ସ୍ଥାନ ଖାଲି ରହିଛି। ଗତ ବର୍ଷର ରନର୍ସ ଅପ୍ ପଞ୍ଜାବ କିଙ୍ଗ୍ସ ନିକଟରେ ୧୧.୫୦ କୋଟି ଟଙ୍କା ରହିଥିବାବେଳେ ଦଳରେ ୪ଟି ସ୍ଥାନ(୨ବିଦେଶୀ ଖେଳାଳି) ଖାଲି ରହିଛି। ରାଜସ୍ଥାନ ରୟାଲ୍ସ ନିକଟରେ ରହିଛି ୧୬.୦୫ କୋଟି ଟଙ୍କା। ଦଳରେ ଜଣେ ବିଦେଶୀଙ୍କୁ ମିଶାଇ ମୋଟ୍ ୯ଜଣ ଖେଳାଳିଙ୍କ ସ୍ଥାନ ଖାଲି ରହିଛି। ଡିଫେଣ୍ଡିଂ ଚାମ୍ପିଅନ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ନିକଟରେ ୧୬.୪୦ କୋଟି ଟଙ୍କା ବଳକା ରହିଛି। ଦଳରେ ମୋଟ୍ ୮(୨ବିଦେଶୀ) ଜଣ ଖେଳାଳିଙ୍କ ପାଇଁ ସ୍ଥାନ ଖାଲି ରହିଛି। ସନରାଇଜର୍ସ ହାଇଦ୍ରାବାଦ ନିକଟରେ ୨୫.୫୦ କୋଟି ଟଙ୍କା ଉପଲବ୍ଧ ରହିଛି। ଦଳରେ ୧୦ଜଣ ଖେଳାଳିଙ୍କ ପାଇଁ ସ୍ଥାନ ଖାଲି ରହିଛି। ଏଥିରେ ୨ଜଣ ବିଦେଶୀ ଖେଳାଳିଙ୍କ ପାଇଁ ସ୍ଥାନ ଉପଲବ୍ଧ ରହିଛି। ଆଗାମୀ ଆଇପିଏଲ୍ ମିନି ନିଲାମ ପାଇଁ ପ୍ରକାଶ ପାଇଥିବା ଖେଳାଳି ତାଲିକାରେ ଭାରତର ଜଲାଜ ସକସେନା ବୟୋଜ୍ୟେଷ୍ଠ ଓ ଆଫଗାନିସ୍ତାନର ଓ୍ୱାହିଦୁଲ୍ଲା ଜାଡ୍ରାନ କନିଷ୍ଠ ଖେଳାଳି ଭାବେ ସ୍ଥାନ ପାଇଛନ୍ତି। ଓ୍ୱାହିଦୁଲ୍ଲାଙ୍କ ବୟସ ୧୮ ବର୍ଷ। ତାଙ୍କ ବେସ ପ୍ରାଇସ ୩୦ ଲକ୍ଷ ଟଙ୍କା ରହିଛି। ସେହିପରି ଭାରତର ଯୁବ ବ୍ୟାଟର ସାହିଲ ପ୍ରକାଶଙ୍କ ବୟସ ୧୮ ବର୍ଷ ଓ ବେସ୍ ପ୍ରାଇସ ୩୦ଲକ୍ଷ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଅଲ୍‌ରାଉଣ୍ଡର ଆର ଏସ ଆମ୍ବ୍ରିସ, ଶୁଭମ ରାଣା ଓ ୱିକେଟ୍ କିପର କାର୍ତ୍ତିକ ଶର୍ମାଙ୍କ ବୟସ ୧୯ ବର୍ଷ ରହିଛି। ବୟୋଜ୍ୟେଷ୍ଠ ଖେଳାଳି ତାଲିକାରେ ଆଗରେ ରହିଛନ୍ତି ଅଲ୍‌ରାଉଣ୍ଡର ଜଲାଜ। ବର୍ତ୍ତମାନ ତାଙ୍କ ବୟସ ୩୯ ବର୍ଷ। ତାଙ୍କ ବେସ ପ୍ରାଇସ ୪୦ ଲକ୍ଷ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଇଂଲଣ୍ଡ ବୋଲର ରିଚାର୍ଡ ଗ୍ଲିସନଙ୍କ ବୟସ ୩୮ ବର୍ଷ ଓ ବେସ ପ୍ରାଇସ ୭୫ ଲକ୍ଷ ଟଙ୍କା ରହିଛି। ଭାରତର ଭେଟେରାନ ପେସ୍ ବୋଲର ଉମେଶ ଯାଦବ ଓ ସ୍ପିନର କରଣ ଶର୍ମାଙ୍କ ବୟସ ୩୮ ବର୍ଷ ରହିଛି। ଉମେଶଙ୍କ ବେସ ପ୍ରାଇସ ଦେଢ କୋଟି ଓ କରଣଙ୍କ ବେସ ପ୍ରାଇସ ୫୦ ଲକ୍ଷ ରହିଛି।

# ଭିନେଶ ଫୋଗଟଙ୍କ ୟୁ ଟର୍ଣ୍ଣ

ନୂଆଦିଲ୍ଲୀ, ୧୨।୧୨: ଭାରତୀୟ ମହିଳା କୁସ୍ତିଯୋଦ୍ଧା ଭିନେଶ ଫୋଗଟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ଅବସର ଘୋଷଣା କରିଥିବା ବେଳେ ବର୍ତ୍ତମାନ ୟୁ-ଟର୍ଣ୍ଣ କରିଛନ୍ତି। ଚଳିତ ବର୍ଷ ଅଗଷ୍ଟ ମାସରେ ଭିନେଶ ଫୋଗଟ ଖେଳରୁ ଦୂରେଇ ଯାଇ ରାଜନୀତିରେ ପ୍ରବେଶ କରିଥିଲେ। ଏନେଇ ଭିନେଶ ଫୋଗଟ ସୋସିଆଲ ମିଡିଆରେ ଏକ ପୋଷ୍ଟରେ ତାଙ୍କ ପ୍ରଶଂସକଙ୍କ ସହ ଏହି ଅପଡେଟ୍ ସେୟାର କରିଛନ୍ତି ତାଙ୍କର ନଜର ଏବେ ଲସ୍ ଆଞ୍ଜେଲସ୍‌ରେ ହେବାକୁ ଥିବା ୨୦୨୮ ଅଲିମ୍ପିକ୍ ଗେମ୍ସ ଉପରେ ରହିଥିବା ଜଣାପଡିଛି।



ଭିନେଶ ଫୋଗଟଙ୍କ ପ୍ରତ୍ୟାବର୍ତ୍ତନ ଘୋଷଣା- ଭିନେଶ ଫୋଗଟ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି, ଲୋକମାନେ ପ୍ରାୟତଃ ମୋତେ ପଚାରନ୍ତି ଯେ ପ୍ୟାରିସ ମୋର ଶେଷ ଯାତ୍ରା ଥିଲା କି ? ମୋ ପାଖରେ ବହୁତ ଦିନ ଧରି ଏହି ପ୍ରଶ୍ନର ଉତ୍ତର ନାହିଁ ବର୍ଷ ବର୍ଷ ପରେ ପ୍ରଥମ ଥର ପାଇଁ, ମୁଁ ଏକ ଗଭୀର ନିଶ୍ୱାସ ନେଇଥିଲି ମୋର କାର୍ଯ୍ୟଭାର, ଜୀବନର ଉ[illegible]ାନ-ପତନ, ତ୍ୟାଗ, ମୋର ସେହି ଦିଗଗୁଡ଼ିକୁ ବୁଝିବା ପାଇଁ ମୁଁ କିଛି ସମୟ ନେଇଥିଲି ଯାହା ବିଶ୍ୱ କେବେ ଦେଖିନାହିଁ ମୁଁ ଏବେ ବି ଖେଳକୁ ଭଲ ପାଏ ମୁଁ ଏବେ ବି ପ୍ରତିଯୋଗିତା କରିବାକୁ ଚାହୁଁଛି।ଭିନେଶ ଫୋଗଟ ଆହୁରି ଲେଖିଛନ୍ତି, ନିରବତା ମଧ୍ୟରେ, ମୁଁ ଏପରି କିଛି ପାଇଲି ଯାହାକୁ ମୁଁ ଭୁଲି ଯାଇଥିଲି: ନିଆଁ କେବେ ଲିଭିଯାଏ ନାହିଁ ଏହା କେବଳ କ୍ଳାନ୍ତି ଏବଂ ଶବ୍ଦ ତଳେ ପୋତି ହୋଇଗଲା ଶୃଙ୍ଖଳା, ନିତ୍ୟକର୍ମ, ଲଢ଼େଇ ଏହା ମୋ ସିଷ୍ଟମରେ ସ୍ଥାପିତ ତେଣୁ ମୁଁ ଏଠାରେ ଅଛି, ଏକ ନିର୍ଭୀକ ହୃଦୟ ଏବଂ ଏକ ଆତ୍ମା ସହିତ ଯାହା ମୁଣ୍ଡ ନୁଆଁଇବାକୁ ମନା କରେ, ଏଲଏ ୨୮ ଆଡକୁ ଫେରିଯାଏ ଏଥର, ମୁଁ ଏକା ଚାଲୁନାହିଁ; ମୋ ପୁଅ ମୋ ଦଳରେ ଯୋଗ ଦେଉଛି, ମୋର ସବୁଠାରୁ ବଡ଼ ପ୍ରେରଣା, ୨୦୨୮ ଅଲିମ୍ପିକ୍ସର ଏହି ପଥରେ ମୋର ଛୋଟ ଚିୟରଲିଡର।

# ବ୍ୟାଟିଂକୁ ଦୋଷ ଦେଲେ ସୂର୍ଯ୍ୟକୁମାର

ଚଣ୍ଡିଗଡ, ୧୨।୧୨: ମୁଲାନପୁରର ମହାରାଜ ଯାଦବୀନ୍ଦ୍ର ସିଂହ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଭାରତ ବିପକ୍ଷରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟି-୨୦ରେ ୫୧ ରନରେ ବିଜୟୀ ହୋଇଛି। ଏହି ପରାଜୟ ପରେ ଟିମ୍ ଇଣ୍ଡିଆର ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି, ସେ ଏବଂ ଶୁଭମନ ଗିଲ କ୍ରିଜରେ ଅଧିକ ସ୍ଥିର ବ୍ୟାଟିଂ କରିବା ଉଚିତ ଥିଲା। ଦଳକୁ ଦକ୍ଷିଣ ଆଫ୍ରିକାଠାରୁ ଶିଖିବାକୁ ପଡିବ।ମ୍ୟାଚ୍ ହାରିବା ପରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି, ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରୁ ହିଁ ଜାଣିଥିଲା ଯେ କେଉଁ ଲେନ୍ଥରେ ବୋଲିଂ କରିବାକୁ ପଡିବ। ଏଠାରେ କିଛି କାକର ପଡ଼ିଥିଲା। ଯଦି ପ୍ରଥମ ଯୋଜନା କାମ କରିନଥାଏ, ଆମକୁ ଦ୍ୱିତୀୟ ଯୋଜନା ଗ୍ରହଣ କରିବା ଉଚିତ। ଦକ୍ଷିଣ ଆଫ୍ରିକାଠାରୁ ଶିଖିବା ଉଚିତ।



ସୂର୍ଯ୍ୟକୁମାର ଯାଦବ ଏହି ମ୍ୟାଚ୍‌ରେ କେବଳ ୫ ରନ କରିପାରିଥିଲେ। ଶୁଭମନ ଗିଲ ତାଙ୍କର ପ୍ରଥମ ବଲ୍‌ରେ ଲୁଙ୍ଗି ଏନଗିଡିଙ୍କ ଦ୍ୱାରା ତାଙ୍କ ୱିକେଟ ହରାଇଥିଲେ। ଅଭିଷେକ ଶର୍ମା ଏହି ଇନିଂସରେ ୮ ବଲ୍ ରେ ୨ ଛକା ସହିତ ୧୭ ରନ କରିଥିଲେ। ଭାରତୀୟ ଅଧିନାୟକ କହିଛନ୍ତି, ମୁଁ ଭାବୁଛି ଶୁଭମନ ଗିଲ ଏବଂ ମୁଁ ଏକ ଭଲ ଆରମ୍ଭ ଦେଇପାରିଥାନ୍ତୁ କାରଣ ଆମେ ସବୁବେଳେ ଅଭିଷେକ ଶର୍ମାଙ୍କ ଉପରେ ନିର୍ଭର କରିପାରିବୁ ନାହିଁ। ସେ ଯେଉଁଭଳି ବ୍ୟାଟିଂ କରୁଛନ୍ତି, ତାଙ୍କର ଦିନ ଖରାପ ହୋଇପାରେ। ଶୁଭମନ, ମୁଁ ଏବଂ ଅନ୍ୟ କିଛି ବ୍ୟାଟସମ୍ୟାନ୍ ଭାରତୀୟ ଇନିଂସକୁ ନିୟନ୍ତ୍ରଣ କରିବା ଉଚିତ ଥିଲା। ମୁଁ ଭାବୁଛି ଏହା ଏକ ବୁଦ୍ଧିମାନ ଚେଜ୍ ହୋଇଥାନ୍ତା। ମୁଁ ସେହି ଦାୟିତ୍ୱ ନେବା ଉଚିତ ଥିଲା। ମୋତେ ଟିକେ ଗଭୀର ବ୍ୟାଟିଂ କରିବା ଉଚିତ ଥିଲା। କିନ୍ତୁ ହଁ, ଆମେ ଶିଖିଛୁ, ଆମେ ପରବର୍ତ୍ତୀ ଖେଳରେ ଭଲ କରିବାକୁ ଚେଷ୍ଟା କରୁଛୁ। ପରବର୍ତ୍ତୀ ଖେଳରେ ଆମ ପାଇଁ କ'ଣ ହୁଏ ତାହା ଦେଖିବା।ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୪ ୱିକେଟ ହରାଇ ୨୧୩ ରନ କରିଥିଲା। କ୍ୱିଣ୍ଟନ୍ ଡି କକ୍ ୪୬ବଲ୍‌ରେ ୭ ଛକା ଏବଂ ୫ ଚୌକା ସହିତ ୯୦ ରନ କରିଥିଲେ, ଯେତେବେଳେ ଡୋନୋଭାନ ଫେରେରା ଅପରାଜିତ ୩୦ ରନ କରିଥିଲେ। ଜବାବରେ ଭାରତୀୟ ଦଳ ୧୯.୧ ଓଭରରେ ମାତ୍ର ୧୬୨ ରନରେ ଅଲ୍‌ଆଉଟ୍ ହୋଇଥିଲା।

# ପ୍ରେମିକା ମାହିକା ପ୍ରତିକ୍ଷେତ୍ରରେ ସମର୍ଥନ କରନ୍ତି : ହାର୍ଦ୍ଦିକ

ନୂଆଦିଲ୍ଲୀ, ୧୨।୧୨: କଟକରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ହାର୍ଦ୍ଦିକଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଯୋଗୁଁ ଟିମ ଇଣ୍ଡିଆ ୧୦୧ ରନର ବିଶାଳ ବିଜୟ ହାସଲ କରିଛି। ଦଳକୁ ଏକ କଷ୍ଟକର ପରିସ୍ଥିତିକୁ ନେଇ ହାର୍ଦ୍ଦିକ ୨୮ ବଲରେ ଅପରାଜିତ ୫୯ ରନ କରିଥିଲେ ଏବଂ ପରେ ଏକ ଗୁରୁତ୍ୱପୂର୍ଣ୍ଣ ଉଇକେଟ୍ ନେଇଥିଲେ। ତେବେ ଦ୍ୱିତୀୟ ମ୍ୟାଚରେ ବଡ ସ୍କୋର କରିପାରିନଥିଲେ। ତଥାପି, ମ୍ୟାଚ୍ ପରେ ସବୁଠାରୁ ଅଧିକ ଧ୍ୟାନ ଆକର୍ଷଣ କରିଥିଲା। ହାର୍ଦ୍ଦିକଙ୍କ ପ୍ରେମିକା ମାହିକା ଶର୍ମାଙ୍କ ପ୍ରତି ହୃଦୟସ୍ପର୍ଶୀ ବାର୍ତ୍ତା। ବିସିସିଆଇ ୱେବସାଇଟରେ ପୋଷ୍ଟ ହୋଇଥିବା ଏକ ଭିଡିଓରେ ହାର୍ଦ୍ଦିକ କହିଛନ୍ତି, "ମୋ ସାଥୀଙ୍କ ପ୍ରତି ବିଶେଷ ଉଲ୍ଲେଖ। ମୋ ଜୀବନରେ ବହୁତ ଭଲ ଘଟଣା ଘଟିଛି, ଏବଂ ସେ ମୋ ଜୀବନରେ ଆସିବା ପରଠାରୁ ସେ କେବଳ ମୋତେ ସମର୍ଥନ କରିଛନ୍ତି।"ହାର୍ଦ୍ଦିକ ଆହୁରି ବ୍ୟାଖ୍ୟା କରିଛନ୍ତି ଯେ ତାଙ୍କର ସତ୍‌ଚୋଟତା ଏବଂ ସତ୍ୟତା ସର୍ବଦା ତାଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଛି। ସେ କହିଛନ୍ତି, "ମୁଁ ଜୀବନରେ ସର୍ବଦା ସତ୍‌ଚୋଟ ରହିଆସିଛି। ମୁଁ ଜିନିଷଗୁଡ଼ିକୁ ମିଠା ଆବରଣ କରେ ନାହିଁ। ମୁଁ ଯାହା ଅନୁଭବ କରେ ତାହା ଅନ୍ୟମାନେ କ'ଣ ଭାବନ୍ତି ତାହା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ।"



# ଭାରତରେ ମେସି

କୋଲକାତା, ୧୨।୧୨: ଫୁଟବଲ୍‌ର ମହାରଥୀ ତଥା ବିଶ୍ୱକପ୍ ବିଜେତା ଅଧିନାୟକ ଲିଓନେଲ ମେସି ଶୁକ୍ରବାର ଭୋର୍ ୧:୩୦ରେ ଭାରତରେ ପହଞ୍ଚିବା ସହ ତାଙ୍କର ତିନି ଦିନିଆ। ଟୁର୍ ଆରମ୍ଭ ହେବ। ଏହା ତାଙ୍କର ଦ୍ୱିତୀୟ ଭାରତ ଗସ୍ତ ଡିସେମ୍ବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ କୋଲକାତା, ହାଇଦ୍ରାବାଦ, ମୁମ୍ବାଇ ଓ ନୂଆଦିଲ୍ଲୀ ଭଳି ଚାରୋଟି ମହାନଗରରେ ଏହି ଗସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।ମେସି ପ୍ରଥମେ କୋଲକାତାରେ ପହଞ୍ଚିବେ ସେଠାରେ ତାଙ୍କର ଏକ ୭୦ ଫୁଟ୍‌ର ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବ, ଯାହାକି କୌଣସି ଫୁଟବଲ୍ ଖେଳାଳିଙ୍କ ପାଇଁ ନିର୍ମିତ ସର୍ବୋଚ୍ଚ ପ୍ରତିମା ସଲ୍ଟ ଲେକ୍ ଷ୍ଟାଡିୟମ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲିଉଡ୍ ସୁପରଷ୍ଟାର୍ ଶାହରୁଖ ଖାନ୍, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ପୂର୍ବତନ କ୍ରିକେଟ୍ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କୁ ମେସି ଭେଟିବାର କାର୍ଯ୍ୟକ୍ରମ ରହିଛି।ଦିନ ୨ଟାରେ ମେସି ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିବେ। ସେଠାରେ ତାଙ୍କର ଦୀର୍ଘ ଦିନର ବନ୍ଧୁ ଲୁଇସ୍ ସୁଆରେଜ୍ ଏବଂ ଆର୍ଜେଣ୍ଟିନା ଦଳର ସାଥୀ ରୋଡ୍ରିଗୋ ଡି ପଲ୍‌ଙ୍କ ସହ ଏକ ସେଭେନ୍-ଏ-ସାଇଡ୍ ମ୍ୟାଚ୍ ଏବଂ ଏକ ସେଲିବ୍ରିଟି ଗେମ୍ ଖେଳିବେ।ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଉପ୍ପଲ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ ଗୋଟିଏ ଫଟୋଗ୍ରାଫ୍ ପାଇଁ ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଟିକେଟ୍ ବିକ୍ରି ହୋଇସାରିଛି।ମୁମ୍ବାଇରେ ଏହି ଟୁର୍ ଫୁଟବଲ୍ ଏବଂ ବଲିଉଡ୍‌ର ମିଶ୍ରଣ ହେବ।ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଏକ ଚାରିଟି ଫ୍ୟାଶନ୍ ଶୋ ଏବଂ ଏକ ସେଲିବ୍ରିଟି ଫୁଟବଲ୍ ମ୍ୟାଚ୍ ରହିଛି ଏହି କାର୍ଯ୍ୟକ୍ରମରେ ପୂର୍ବତନ କ୍ରିକେଟ୍ ମହାରଥୀ ସଚିନ ତେନ୍ଦୁଲକର ଏବଂ ଏମ୍.ଏସ୍. ଧୋନିଙ୍କ ସହ ମେସିଙ୍କର ଭେଟ ହେବାର ସମ୍ଭାବନା ରହିଛି।

# ବିବାଦରେ ବାଂଲାଦେଶୀ କ୍ରିକେଟର

ଢାକା, ୧୨।୧୨: ବାଂଲାଦେଶ ଏ ଦଳର ଦ୍ରୁତ ବୋଲର ତୋଫେଲ ଅହମ୍ମଦଙ୍କ ବିରୋଧରେ ଜଣେ ମହିଳା ବିବାହ ବାହାନାରେ ଦୁଷ୍କର୍ମ କରିଥିବା ଅଭିଯୋଗ କରିଛନ୍ତି। କୁହାଯାଉଛି ଯେ କ୍ରିକେଟର ଏବଂ ମହିଳାଙ୍କ ବନ୍ଧୁତା ଫେସବୁକରେ ଆରମ୍ଭ ହୋଇଥିଲା ଏବଂ ସେମାନଙ୍କ ସମ୍ପର୍କ ଧୀରେ ଧୀରେ ନିବିଡ଼ ହୋଇଥିଲା।

କ୍ରିକବଜରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଗୁଲସନ ପୋଲିସ ଷ୍ଟେସନର ତଦନ୍ତକାରୀ ଅଧିକାରୀ ସବ-ଇନ୍ସପେକ୍ଟର ମହମ୍ମଦ ସାମିଉଲ ଇସଲାମ ନିଶ୍ଚିତ କରିଛନ୍ତି, ମହିଳା ଏବଂ ଶିଶୁ ନିର୍ଯାତନା ନିବାରଣ ଆଇନର ଧାରା ୯(୧) ଅନୁଯାୟୀ ଚାର୍ଜସିଟ୍ ଦାଖଲ କରାଯାଇଛି।




ରିପୋର୍ଟ ଅନୁଯାୟୀ, ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୩୦ ତାରିଖରେ ହେବ, ଯେତେବେଳେ ଚାର୍ଜସିଟ୍ କୋର୍ଟରେ ଉପସ୍ଥାପନ କରାଯିବ ରିପୋର୍ଟ ଅନୁଯାୟୀ, କୁହାଯାଇଛି ଯେ ତୋଫେଲ ଚଳିତ ବର୍ଷ ଜାନୁଆରୀରେ ପ୍ରଥମେ ଫେସବୁକରେ ମହିଳାଙ୍କୁ ଯୋଗାଯୋଗ କରିଥିଲେ। ଏହା ପରେ, ଦୁଇଜଣ ମେସେଞ୍ଜର ମାଧ୍ୟମରେ ନିୟମିତ ଭାବରେ ଯୋଗାଯୋଗ କରିବା ଆରମ୍ଭ କରିଥିଲେ ସମ୍ପର୍କ ବନ୍ଧୁତାଠାରୁ ଆଗକୁ ବଢ଼ିଥିଲା।ଅଭିଯୋଗରେ କୁହାଯାଇଛି ଯେ ମହିଳା ଜଣକ ପ୍ରଥମେ ମନା କରିଥିଲେ, କିନ୍ତୁ ପରେ ତୋଫେଲ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାଜି ହୋଇଥିଲେ। ଅଭିଯୋଗକାରୀଙ୍କ ଅନୁଯାୟୀ, ଜାନୁଆରୀ ୩୧ ତାରିଖରେ, ତୋଫେଲ ତାଙ୍କୁ ଗୁଲସନର ଏକ ହୋଟେଲକୁ ନେଇ ତାଙ୍କ ସ୍ତ୍ରୀ ଭାବରେ ପରିଚୟ କରାଇଥିଲେ ସେମାନେ ତାଙ୍କ ସମ୍ମତି ବିନା ଯୌନ ସମ୍ପର୍କ ସ୍ଥାପନ କରିଥିଲେ ବୋଲି ଅଭିଯୋଗ ହୋଇଛି କ୍ରିକେଟର ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଖୁବ୍ ଶୀଘ୍ର ତାଙ୍କୁ ବିବାହ କରିବେ। ଅଭିଯୋଗରେ କୁହାଯାଇଛି ଯେ କ୍ରିକେଟର ପରବର୍ତ୍ତୀ ସମୟରେ ମହିଳାଙ୍କୁ ଅନେକ ଥର ଆକ୍ରମଣ କରିଥିଲେ, କିନ୍ତୁ ଯେତେବେଳେ ସେ ବିବାହ ପାଇଁ ଜିଦ୍ ଧରିଥିଲେ, ସେ ମନା କରିଦେଇଥିଲେ ମହିଳା ଜଣକ ଅଗଷ୍ଟ ୧ ତାରିଖରେ ଗୁଲସନ ପୋଲିସ ଷ୍ଟେସନରେ ଏକ ମାମଲା ଦାୟର କରିଥିଲେ, ଯେଉଁଥିରେ ବାରମ୍ବାର ଯୌନ ହିଂସା ଘଟୁଥିବାର ରିପୋର୍ଟ କରାଯାଇଥିଲା।କ୍ରିକବଜ୍ ରିପୋର୍ଟ ଅନୁଯାୟୀ, ସେପ୍ଟେମ୍ବର ୨୪ ତାରିଖରେ, ହାଇକୋର୍ଟ ତୋଫେଲଙ୍କୁ ଛଅ ସପ୍ତାହର ଆଗୁଆ ଜାମିନ ପ୍ରଦାନ କରିଥିଲେ ଏବଂ ଜାମିନର ଅବଧି ଶେଷ ହେବା ପୂର୍ବରୁ ତାଙ୍କୁ ମହିଳା ଏବଂ ଶିଶୁ ନିର୍ଯାତନା ନିବାରଣ ଟ୍ରିବ୍ୟୁନାଲରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ, ସେ କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ନଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ